Vol-1 | Issue-3
16 to 22 JULY 2026 | Weekly
BHUBANESWAR | Pages-8 | Price- 5.00
ବର୍ଷ-୧ | ସଂଖ୍ୟା-୨
୧୬ ରୁ ୨୨ଜୁଲାଇ ୨୦୨୬ | ସାପ୍ତାହିକ
ଭୁବନେଶ୍ୱର | ପୃଷ୍ଠା-୮ | ମୂଲ୍ୟ-୫.୦୦

# ଓଡ଼ିଶା ନିଶବ୍ଦ

ସାପ୍ତାହିକ ଖବର କାଗଜ
ORORI/26/A4490
THE ODISHA NISHABDA
www.odishanishabda.com
Odisha Nisabda
Odisha Nisabda
odishanishabda
odishanishabda

## ଶ୍ରୀକ୍ଷେତ୍ର ଚଳଚଞ୍ଚଳ: ସିଂହଦ୍ୱାରେ ତିନିରଥ

# କାଳିଆ ସାଆନ୍ତଙ୍କୁ ଅପେକ୍ଷା



ପୁରୀ : ଭକ୍ତି ଭାବରେ ଉଛୁଳି ପଡୁଛି ବଡଦାଣ୍ଡ । ଭକ୍ତ ଭାବବିହ୍ୱଳ ହୋଇ ବର୍ଷାକୁ ଖାତିର ନ କରି ବଡଦାଣ୍ଡରେ ପ୍ରଭୁଙ୍କ ପାଇଁ ଅପେକ୍ଷାରତ । ଆବାଳ ବୃଦ୍ଧବନିତା ଏହି ଦୁର୍ଲଭ ଯାତ୍ରାକୁ ଦର୍ଶନ କରିବା ପାଇଁ ଅପେକ୍ଷାରତ । ଲକ୍ଷ ଲକ୍ଷ ଭକ୍ତ ଭଜନ କୀର୍ତ୍ତନ କରି ଟ୍ରେନ, ବସ୍ ଓ ଭଡା ଗାଡି ଦ୍ୱାରା ପୁରୀକୁ ଆସୁଛନ୍ତି । ଘୁ ଘୁ ଧ୍ୱନିରେ କମ୍ପୁଛି ବଡଦାଣ୍ଡ । ରଥ , ପଥ, ଜଗନ୍ନାଥ ଓ ଭକ୍ତଙ୍କର ହେବ ମହାମିଳନ । ବଡଦାଣ୍ଡର ଦୁଇ ପାର୍ଶ୍ୱରେ ହାଇମାକ୍ସ ଲାଇଟ ଖୁଣ୍ଟରେ ଲାଉଡ ସ୍ପିକରରେ ମହାପ୍ରଭୁଙ୍କ ଭଜନ ବାଜୁ ଥିବାରୁ ଭକ୍ତ ଆନନ୍ଦିତ ହେଉଛନ୍ତି । ଉଜ୍ଜ୍ୱଳ ଏଲଡି ଲାଇଟରେ ଝଲସୁଛି ବଡଦାଣ୍ଡ । ଖୋଲିଗଲାଣି ସ୍ୱେଚ୍ଛାସେବୀଙ୍କ ଷ୍ଟଲ । ଚଳଚଞ୍ଚଳ ଶ୍ରୀକ୍ଷେତ୍ର । ସମସ୍ତଙ୍କ ଅପେକ୍ଷା କାଳିଆ ସାଆନ୍ତଙ୍କ ଦର୍ଶନ । କାରଣ ଗୁରୁବାର ହେବ ଶ୍ରୀଗୁଣ୍ଡିଚା ଯାତ୍ରା। ରତ୍ନବେଦୀରୁ ଓହ୍ଲାଇଆସିବେ ବଡଦାଣ୍ଡକୁ ବ୍ରହ୍ମାଣ୍ଡଠାକୁର। ଗତକାଲିଠାରୁ ସହରରେ ପ୍ରବଳ ବର୍ଷା ଲାଗି ରହିଥିବା ଯୋଗୁଁ ତଳିଆ ଅଞ୍ଚଳଗୁଡ଼ିକରେ ପାଣି ଜମି ରହିଥିବା ଯୋଗୁଁ ସାଧାରଣ ଚଳପ୍ରଚଳରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି । ଆଜି ଶ୍ରୀମନ୍ଦିରରେ ପାରମ୍ପରିକ ନୀତି ସମ୍ପନ୍ନ ହେବା ପରେ ତିନି ବାଡର ପୂଜାପଣ୍ଡା ସାମନ୍ତଙ୍କ ପଟ୍ଟୁଆରରେ ରଥଖଳାରେ ପହଞ୍ଚି ଆଜ୍ଞାମାଳ ଦେବାପରେ ରଥଖଳାରୁ ଦକ୍ଷିଣ ମୋଡ଼ କରାଯାଇ ଆରକ୍ଷୀ ବାହିନୀ ଓ ଭକ୍ତ ରଥକୁ ଟାଣି ଶ୍ରୀମନ୍ଦିର ସମ୍ମୁଖରେ ଲଗାଇଥିଲେ। ଆସନ୍ତାକାଲି ଚତୁର୍ଦ୍ଧା ମୂର୍ତ୍ତି ପହଣ୍ଡି ବିଜେ ହୋଇ ରଥାରୂଢ଼ ହେବା ପରେ ରତ୍ନବେଦୀରୁ ଜନ୍ମବେଦୀକୁ ନବଦିନାତ୍ମକ ଯାତ୍ରାରେ ବାହାରିବେ। ରଥଯାତ୍ରା ସମୟରେ ଶାନ୍ତି, ଶୃଙ୍ଖଳା, ଟ୍ରାଫିକ ବ୍ୟବସ୍ଥା ଓ ଅନ୍ୟାନ୍ୟ ସୁବିଧା ଜିଲ୍ଲା ପ୍ରଶାସନ ପକ୍ଷରୁ କରାଯାଉଛି ଯେପରି ଭକ୍ତମାନେ ରଥାରୂଢ଼ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ଦର୍ଶନ କରିପାରିବେ ସେପରି ବ୍ୟବସ୍ଥା କରାଯାଇଛି । ଭିଡକୁ ଦୃଷ୍ଟିରେ ରଖି ସହରରେ ଥିବା ବିଭିନ୍ନ ଲଜିଂ, ହୋଟେଲଗୁଡିକରେ ନିର୍ଦ୍ଧାରିତ ଦରଠାରୁ ଅତ୍ୟଧିକ ତିନି ଗୁଣ ଭଡ଼ା ଆଦାୟ କରୁଥିବା ବାହାରୁ ଆସୁଥିବା ଭକ୍ତମାନେ ଅଭିଯୋଗ କରିଛନ୍ତି । ଏ ଦିଗରେ ଜିଲ୍ଲା ପ୍ରଶାସନ ତଦନ୍ତ କରିବା ପାଇଁ ଦାବି କରାଯାଇଛି। ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ନୀତି ନିର୍ଘଣ୍ଟ ଜାରି କରାଯାଇଛି। ନିର୍ଘଣ୍ଟ ଅନୁଯାୟୀ, ଆସନ୍ତାକାଲି ଅପରାହ୍ଣ ୪ଟାରେ ତିନିରଥ ଟଣା ଆରମ୍ଭ ହେବ। ସୂଚନା ଅନୁସାରେ, ସକାଳ ୯ଟାରେ ରଥ ପ୍ରତିଷ୍ଠା ନୀତି ସମ୍ପନ୍ନ ହେବ। ପରେ ସକାଳ ସାଢ଼େ ୯ଟାରୁ ଦିନ ସାଢ଼େ ୧୨ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ପହଣ୍ଡି ନୀତି ଅନୁଷ୍ଠିତ ହେବ। ପହଣ୍ଡି ଶେଷ ହେବା ପରେ ଅପରାହ୍ଣ ୨ଟାରୁ ୩ଟା ମଧ୍ୟରେ ଗଜପତି ମହାରାଜଙ୍କ ଦ୍ୱାରା ପରମ୍ପରାଗତ 'ଛେରା ପହଁରା' ନୀତି ସମ୍ପନ୍ନ କରାଯିବ। ଛେରା ପହଁରା ଶେଷ ହେବା ପରେ ଅପରାହ୍ଣ ୪ଟାରେ ତିନିରଥ ଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟରେ ଉଲ୍ଲେଖ ରହିଛି। ରଥଯାତ୍ରାର ସମସ୍ତ ନୀତିକାନ୍ତି ସୁଚାରୁ ଭାବେ ସମ୍ପନ୍ନ କରିବା ପାଇଁ ଶ୍ରୀମନ୍ଦିର ପ୍ରଶାସନ, ସେବାୟତ, ପୁଲିସ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି କରାଯାଇଛି।

## ଓଡ଼ିଶାବାସୀଙ୍କ ହୃଦୟ ଜିତିଲେ ପୁରୀ ଏସପି ଶ୍ରୀ ପ୍ରତୀକ ସିଂ



ପୁରୀ : ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଏକ ଧାର୍ମିକ ପର୍ବ ନୁହେଁ, ଏହା ଓଡ଼ିଆଙ୍କ ଆସ୍ଥା, ପରମ୍ପରା ଓ ଭକ୍ତିର ମହାପର୍ବ। ଏହି ପବିତ୍ର ଅବସରରେ ପୁରୀ ଜିଲ୍ଲା ପୋଲିସ ଅଧୀକ୍ଷକ (ଏସପି) ଶ୍ରୀ ପ୍ରତୀକ ସିଂ ନିଜ କର୍ତ୍ତବ୍ୟନିଷ୍ଠା ସହିତ ମହାପ୍ରଭୁଙ୍କ ପ୍ରତି ନିଜର ଗଭୀର ଶ୍ରଦ୍ଧା ଓ ସମର୍ପଣର ପରିଚୟ ଦେଇଥିଲେ। ରଥଯାତ୍ରା ସମୟରେ ସେ ଖାଲି ପାଦରେ ରଥ ଟାଣିବା ସହ ନତମସ୍ତକ ହୋଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥ ସମ୍ମୁଖରେ ପ୍ରଣାମ କରିଥିବା ଦୃଶ୍ୟ ଲକ୍ଷ ଲକ୍ଷ ଭକ୍ତଙ୍କ ହୃଦୟକୁ ସ୍ପର୍ଶ କରିଥିଲା। ତାଙ୍କର ଏହି ବିନମ୍ରତା ଓ ଭକ୍ତିଭାବ ସାଧାରଣ ଲୋକଙ୍କ ମନରେ ବିଶେଷ ସମ୍ମାନ ସୃଷ୍ଟି କରିଛି। ଜଣେ ଦାୟିତ୍ୱବାନ ଆଇପିଏସ୍ ଅଧିକାରୀ ଭାବେ ସେ ରଥଯାତ୍ରାର ସୁରକ୍ଷା ବ୍ୟବସ୍ଥାକୁ ଅତ୍ୟନ୍ତ ସୁଚାରୁ ଭାବେ ପରିଚାଳନା କରିଥିଲେ। ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ମଧ୍ୟରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ବଜାୟ ରଖିବାରେ ପୁରୀ ପୋଲିସର ପ୍ରୟାସ ପ୍ରଶଂସନୀୟ ଥିଲା। ସେହି ଦାୟିତ୍ୱପୂର୍ଣ୍ଣ କାର୍ଯ୍ୟ ସହ ମହାପ୍ରଭୁଙ୍କ ପ୍ରତି ତାଙ୍କର ଭକ୍ତିଭାବ ତାଙ୍କ ବ୍ୟକ୍ତିତ୍ୱକୁ ଆହୁରି ଉଜ୍ଜ୍ୱଳ କରିଛି। ରଥଯାତ୍ରା ୨୦୨୬ ସଫଳ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହେବାରେ ପ୍ରଶାସନ, ପୋଲିସ, ସ୍ୱେଚ୍ଛାସେବୀ ଓ ସମସ୍ତ ସମ୍ପୃକ୍ତ ବିଭାଗର ସମନ୍ୱିତ ପ୍ରୟାସ ଗୁରୁତ୍ୱପୂର୍ଣ୍ଣ ରହିଥିଲା। ଏହି ପରିପ୍ରେକ୍ଷୀରେ ଏସପି ଶ୍ରୀ ପ୍ରତୀକ ସିଂଙ୍କ ନେତୃତ୍ୱ ଓ କର୍ତ୍ତବ୍ୟନିଷ୍ଠାକୁ ଅନେକେ ପ୍ରଶଂସା କରିଛନ୍ତି। ଜଣେ କୁଶଳ ପ୍ରଶାସକ ଓ ଜଣେ ବିନମ୍ର ଭକ୍ତ ଭାବେ ତାଙ୍କର ଏହି ଭୂମିକା ଲୋକମାନଙ୍କ ମନରେ ଏକ ସକାରାତ୍ମକ ଛାପ ଛାଡ଼ିଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କୃପା ତାଙ୍କ ଉପରେ ସଦା ବର୍ଷିତ ହେଉ ଏବଂ ସେ ଆଗାମୀ ଦିନରେ ମଧ୍ୟ ଏଭଳି ନିଷ୍ଠା ଓ ସେବାଭାବ ସହ ଜନସାଧାରଣଙ୍କ ସେବା କରୁଥାନ୍ତୁ ବୋଲି ସମସ୍ତଙ୍କ ଶୁଭେଚ୍ଛା।



# ବଡ଼ଦାଣ୍ଡରେ ଦଳାଚକଟା: ୩ ମୃତ ୪୦୦ ଆହତ



ଭୁବନେଶ୍ୱର : ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାରେ ଚଳିତବର୍ଷ ବଡ଼ ଅଘଟଣ ଘଟିଛି। ପୁରୀ ବଡ଼ଦାଣ୍ଡରେ ଦଳାଚକଟାରେ ୩ ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ହେବା ସହ ୪ ଶହ ଲୋକ ଆହତ ହୋଇଥିବା ଜଣାପଡ଼ିଛି। ଅଘଟଣ ପରେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ କ୍ରମେ, ସ୍ୱାସ୍ଥ୍ୟମନ୍ତ୍ରୀ ତୁରନ୍ତ ହସ୍ପିଟାଲକୁ ଯାଇ ମୃତକଙ୍କ ପରିବାରବର୍ଗଙ୍କୁ ଭେଟିବା ସହ ଆହତମାନଙ୍କ ଚିକିତ୍ସା ବ୍ୟବସ୍ଥା କରିଛନ୍ତି। ଏହି ସମ୍ବେଦନଶୀଳ ଘଟଣା ସମ୍ପର୍କରେ ସୂଚନା ଦେଇ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ, ସରକାର ଏହି ଦୁର୍ଭାଗ୍ୟଜନକ ଅଘଟଣରେ ଗଭୀର ମର୍ମାହତ। ପ୍ରଶାସନ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଥିଲେ ମଧ୍ୟ ଏଭଳି ପରିସ୍ଥିତି ଉପୁଜିବା ଅତ୍ୟନ୍ତ ଦୁଃଖଦାୟକ। ମୁଖ୍ୟମନ୍ତ୍ରୀ ଘଟଣାର ସମ୍ପୂର୍ଣ୍ଣ ରିପୋର୍ଟ ମାଗିଛନ୍ତି। ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଆହତ ଭକ୍ତମାନଙ୍କୁ ସର୍ବୋତ୍ତମ ଚିକିତ୍ସା ସୁବିଧା ଯୋଗାଇ ଦେବା ପାଇଁ ପ୍ରଶାସନିକ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଘଟଣାର କାରଣ ଖୋଜି ବାହାର କରିବା ପାଇଁ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏଭଳି ଅଘଟଣ ପରେ ପୁରୀ ରଥଯାତ୍ରାରେ ଭିଡ଼ ନିୟନ୍ତ୍ରଣ ଓ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶାସନ ପକ୍ଷରୁ ଦମ୍ଭୋକ୍ତି ତଥା ଦୀର୍ଘଦିନ ଧରି ପ୍ରସ୍ତୁତି ଫେଲ୍ ମାରିଥିବା ଜଣାପଡ଼ିଛି। ଏପରିକି ମୁଖ୍ୟ ସଚିବ ଅନୁ ଗର୍ଗ ଗଣମାଧ୍ୟମକୁ ଭିଡ଼ ନିୟନ୍ତ୍ରଣ ପ୍ରସଙ୍ଗରେ ଦେଇଥିବା ବୟାନ ମଧ୍ୟ ରାଜ୍ୟ ସରକାର ଓ ପ୍ରଶାସନର ବାହାସ୍ଫୋଟକୁ ପଦାରେ ପକାଇ ଦେଇଛି। ବିଗତ ଦୁଇବର୍ଷ ଧରି ରଥଯାତ୍ରାରେ ଅଘଟଣ ହେଉଥିବା ସତ୍ତ୍ୱେ ଚଳିତଥର ରଥଯାତ୍ରାକୁ ତ୍ରୁଟିଶୂନ୍ୟ କରିବାରେ ପ୍ରଶାସନ ବିଫଳ ହୋଇଥିବା ଜଣାପଡ଼ିଛି। ଏପରିକି ଗତବର୍ଷ ଭଳି ଚଳିତଥର କୋଟିକୋଟି ଟଙ୍କା ବ୍ୟୟରେ ସ୍ୱତନ୍ତ୍ର ଭାବେ ଇଣ୍ଟିଗ୍ରେଟେଡ୍ କମାଣ୍ଡ ଆଣ୍ଡ କଂଟ୍ରୋଲ ସେଣ୍ଟର (ଆଇସିସିସି) ସ୍ଥାପନ କରିବା କେବଳ ଧର୍ମକୁ ଆଖିଠାର ମାରିବା ସଦୃଶ ହୋଇଛି। ଗୁରୁବାର ପ୍ରତିକୂଳ ପାଗ ସତ୍ତ୍ୱେ ପବିତ୍ର ରଥଯାତ୍ରା ପାଇଁ ପୁରୀରେ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଛି। ଦିନ ପ୍ରାୟ ୧ଟା ୨୫ମିନିଟରେ ମରିଚିକୋଟ ଛକ ନିକଟରେ ଭିଡ଼ ନିୟନ୍ତ୍ରଣ ବାହାରକୁ ଯିବାରୁ ସେଠାରେ ଦଳାଚକଟା ପରିସ୍ଥିତି ସୃଷ୍ଟି ହୋଇଥିଲା। ସିଂହଦ୍ୱାରଠୁ ମାତ୍ର ୨୦୦ମିଟର ଦୂରରେ ଏଭଳି ଦଳାଚକଟା ହୋଇଥିବା ଜଣାପଡ଼ିଛି। ତେବେ ବିଗତ ବର୍ଷର ବିଫଳତା ସତ୍ତ୍ୱେ ଓଡ଼ିଶା ପୁଲିସ ଚଳିତଥର କାହିଁକି ଭିଡ଼ ନିୟନ୍ତ୍ରଣ କରିବାରେ ଅସମର୍ଥ ହେଲା, ତାହାକୁ ନେଇ ଏବେ ପ୍ରଶ୍ନ ଉଠିଛି। ୨୦୨୫ ରଥଯାତ୍ରାରେ ଦଳାଚକଟାରେ ୩ଜଣଙ୍କ ମୃତ୍ୟୁ ଘଟିଥିଲା। ସବୁଠୁ ଆଶ୍ଚର୍ଯ୍ୟର କଥା ହେଉଛି, ରଥଯାତ୍ରା ଭିଡ଼ ନିୟନ୍ତ୍ରଣ ପାଇଁ ଚଳିତଥର ଫୁଲ୍ ପ୍ରୁଫ ବ୍ୟବସ୍ଥା ହୋଇଛି ବୋଲି ମୁଖ୍ୟ ସଚିବ ଅନୁ ଗର୍ଗ କହିବାର ୨୪ଘଣ୍ଟା ନୁପୂରୁଣୁ ବଡ଼ଦାଣ୍ଡରେ ଦଳାଚକଟା ହୋଇଛି। ମଙ୍ଗଳାଅର୍ପଣ, ୮ଟା ୪୫ରେ ରଥ ପ୍ରତିଷ୍ଠା ଓ ୯ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଶ୍ରୀବଳଭଦ୍ର ଓ ଦେବୀ ମା ସୁଭଦ୍ରାଙ୍କ ପହଣ୍ଡି ଶୀଘ୍ର ଶେଷ ହୋଇଥିବା ବେଳେ ଶ୍ରୀଜଗନ୍ନାଥଙ୍କ ପହଣ୍ଡି ଏକଘଣ୍ଟା ବିଳମ୍ବ ହୋଇଥିଲା। ଶ୍ରୀଜଗନ୍ନାଥଙ୍କ ମସ୍ତକରେ ଟାହିଆ ନଥିବାରୁ ଭକ୍ତ ଅସନ୍ତୋଷ ଦେଖା ଦେଇଥିଲା। ୨ଟା ୨୦ରେ ମଦନମୋହନ ରାମକୃଷ୍ଣ ବିଜେ, ୩ଟାରେ ଶ୍ରୀବିଗ୍ରହଙ୍କ ରୁନ୍ଧା ଶେଷ ହୋଇଥିଲା।

## କେଜିରୁ ପିଜି ମାଗଣା ଶିକ୍ଷା: ଆସିଲା ଏସ୍‌ଓପି

ଭୁବନେଶ୍ୱର : କେଜିରୁ ପିଜି ମାଗଣା ଶିକ୍ଷା ପାଇଁ ମଙ୍ଗଳବାର ଆସିଛି ସ୍ୱତନ୍ତ୍ର ଏସ୍‌ଓପି। ପରୀକ୍ଷା ଏବଂ ହଷ୍ଟେଲ ଫି'କୁ ବାଦ୍ ଦେଇ ନାମଲେଖା ବେଳେ ଆଦାୟ ହେବନାହିଁ କୌଣସି ଫି'। ମାଗଣା ଶିକ୍ଷାର ଅନ୍ତର୍ଭୁକ୍ତ ହେବା ପାଇଁ ଅତି କମରେ ୬୫ ପ୍ରତିଶତ ଉପସ୍ଥାନ ବାଧ୍ୟତାମୂଳକ କରାଯାଇଛି। କଲେଜଗୁଡିକ ପ୍ରତି ଶିକ୍ଷାବର୍ଷରେ କିସ୍ତି ଅନୁସାରେ ପାଇବେ ଅର୍ଥ। ନାମଲେଖା ପରେ ପ୍ରଥମ କିସ୍ତିରେ ମିଳିବ ୧୦ ପ୍ରତିଶତ ଅର୍ଥ। ସରକାରୀ ଏବଂ ସରକାରୀ ଅନୁଦାନ ପ୍ରାପ୍ତ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ଫି ଦେବାକୁ ପଡିବ ନାହିଁ। ସରକାରୀ ବିଶ୍ୱବିଦ୍ୟାଳୟ, ବେସରକାରୀ ଅନୁଦାନ ୪୮୮ ଓ ୬୬୨ ବର୍ଗ ମହାବିଦ୍ୟାଳୟ, ସରକାରୀ ମହାବିଦ୍ୟାଳୟ, ବେସରକାରୀ ଅନୁଦାନପ୍ରାପ୍ତ ସଂସ୍କୃତି ମହାବିଦ୍ୟାଳୟ ଯୋଜନାର ଅନ୍ତର୍ଭୁକ୍ତ ହେବେ। ମାଗଣା ଶିକ୍ଷାର ଅନ୍ତର୍ଭୁକ୍ତ ପାଇଁ ଜାରି ହୋଇଛିସର୍ତ୍ତାବଳୀ। ଶ୍ରେଣୀ ଗୃହରେ ସର୍ବନିମ୍ନ ୭୫ ପ୍ରତିଶତ ଉପସ୍ଥାନ। କୋହଳ ହେବା ପରେ ମଧ୍ୟ ସର୍ବନିମ୍ନ ଉପସ୍ଥାନ କୌଣସି ପରିସ୍ଥିତିରେ ୬୫ ପ୍ରତିଶତରୁ କମ୍ ହେବ ନାହିଁ। କେବଳ ଛାତ୍ରଛାତ୍ରୀ, ଏକାଡେମିକ୍ ମ୍ୟାନେଜମେଣ୍ଟ ସିଷ୍ଟମ୍ ମାଧ୍ୟମରେ ଯୋଗ୍ୟ ଶିକ୍ଷାନୁଷ୍ଠାନରେ ନିୟମିତ ସ୍ନାତକ ବା ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇଥିବେ। ଜ୍ଞାନୋଦୟ ଯୋଜନା ଅନ୍ତର୍ଭୁକ୍ତ ନିୟମିତ ପାଠ୍ୟକ୍ରମଗୁଡ଼ିକର ଫି' ପରିବର୍ତ୍ତନ ବା ସଂଶୋଧନ କରିପାରିବେ ନାହିଁ। ଜରୁରୀ ପରିସ୍ଥିତିରେ ଶିକ୍ଷାନୁଷ୍ଠାନ ଫି' ନିୟନ୍ତ୍ରଣ କମିଟିକୁ ସଂଶୋଧନ ପାଇଁ ପ୍ରସ୍ତାବ ଦେଇପାରିବେ। ପରୀକ୍ଷା ଶୁଳ୍କ ଯୋଜନା ଅନ୍ତର୍ଭୁକ୍ତ ହେବନାହିଁ।

### ୨୪ ଘଣ୍ଟାରେ ଲଘୁଚାପ !

## ଉତ୍ତର ଓଡ଼ିଶାରେ ପ୍ରବଳ ବର୍ଷା

ଭୁବନେଶ୍ୱର : ଆସନ୍ତା ୪ ଦିନ ପର୍ଯ୍ୟନ୍ତ ସାରା ରାଜ୍ୟରେ ଭୀଷଣ ବର୍ଷା ସମ୍ଭାବନା ରହିଛି । ତୁହାକୁ ତୁହା ବର୍ଷା ସହିତ କେତେକ ସ୍ଥାନରେ ଘନଘନ ବିଜୁଳି ଓ ଘଡ଼ଘଡ଼ି ହୋଇପାରେ । ରଥଯାତ୍ରା ପୂର୍ବରୁ ପାଣିପାଗରେପରିବର୍ତ୍ତନ ଆସିବା ନେଇ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସତର୍କତା ଜାରି କରାଯାଇଛି । ଆସନ୍ତା ୨୪ ଘଣ୍ଟାରେ ବଙ୍ଗୋପସାଗରରେ ଲଘୁଚାପ ସୃଷ୍ଟି ହେବା ସହ ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ପାଇଁ ରେଡ୍ ଆଲର୍ଟ ଜାରି କରିଛି ପାଣିପାଗ ବିଜ୍ଞାନ କେନ୍ଦ୍ର । ବର୍ତ୍ତମାନ ଉତ୍ତର ବଙ୍ଗୋପସାଗର ଓ ଏହା ସଂଲଗ୍ନ ଦକ୍ଷିଣ ବାଂଲାଦେଶ ପାଖରେ ଉପର ବାୟୁ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ସମୁଦ୍ର ପତ୍ତନଠାରୁ ୭.୬ ମିଟର ଉଚ୍ଚତାରେ ରହିଥିବା ବେଳେ ଉତ୍ତର ପଶ୍ଚିମକୁ ଢଳି ରହିଛି । ଆଗାମୀ ୪ ଦିନ ଯାଏଁ ପ୍ରବଳରୁ ଅତି ପ୍ରବଳ ଏବଂ ଅତ୍ୟଧିକ ପ୍ରବଳ ବର୍ଷା ହୋଇପାରେ ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚନା ଦେଇଛନ୍ତି। ମଙ୍ଗଳବାର ସକାଳ ସୁଦ୍ଧା ମିଳିଥିବା ତଥ୍ୟ ଅନୁଯାୟୀ,ଭଦ୍ରକ ଜିଲ୍ଲାରେ ମଧ୍ୟମରୁ ପ୍ରବଳ ବର୍ଷା ରେକର୍ଡ ହୋଇଛି। ଚାନ୍ଦବାଲିରେ ସର୍ବାଧିକ ୬୭.୨ ମି.ମି. ବର୍ଷା ହୋଇଥିବା ବେଳେ ଧାମନଗରରେ ୪୯ ମି.ମି., ବନ୍ତରେ ୪୪ ମି.ମି., ତିହିଡ଼ିରେ ୪୨ ମି.ମି., ଭଣ୍ଡାରିପୋଖରୀ ରେ ୩୦ ମି.ମି. ଏବଂ ବାସୁଦେବପୁରରେ ୨୯ ମି.ମି. ବର୍ଷା ରେକର୍ଡ କରାଯାଇଛି।

## ରାଜ୍ୟ କ୍ୟାବିନେଟ: ୧୩ ପ୍ରସ୍ତାବ ଉପରେ ମୋହର

# ୫ ବର୍ଷ ପାଇଁ ବଢ଼ିଲା ମୁଖ୍ୟମନ୍ତ୍ରୀ ସଡ଼କ ଯୋଜନା



ଭୁବନେଶ୍ୱର : ରାଜ୍ୟ କ୍ୟାବିନେଟ୍ ଗୁରୁତ୍ୱପୂର୍ଣ୍ଣ ବୈଠକ ମଙ୍ଗଳବାର ଶେଷ ହୋଇଛି। ବୈଠକରେ ୭ଟି ବିଭାଗର ୧୩ଟି ପ୍ରସ୍ତାବ ଉପରେ ମୋହର ବାଜିଛି। ଜଳ ସମ୍ପଦ ବିଭାଗ, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିଭାଗ , ସମବାୟ , କୃଷି ଓ କୃଷକ ସଶକ୍ତି କରଣ , ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ , ରାଜସ୍ୱ ବିଭାଗରୁ ଗୋଟିଏ ଲେଖାଏଁ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗର ୭ଟି ଏହିପରି ମୋଟ ୭ଟି ବିଭାଗର ମୋଟ ୧୩ ଟି ପ୍ରସ୍ତାବ କ୍ୟାବିନେଟ ବୈଠକରେ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଛି ।ବୈଠକ ଶେଷ ହେବା ପରେ ମୁଖ୍ୟ ସଚିବ ଅନୁ ଗର୍ଗ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। କ୍ୟାବିନେଟର ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଅନୁଯାୟୀ, ଗ୍ରାମ୍ୟ ଉନ୍ନୟନ ବିଭାଗର 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା'ର ଅବଧିକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି। ଏହା ଅଧୀନରେ ୪୬୦୦ କିଲୋମିଟର ନୂଆ ସଡ଼କ ନିର୍ମାଣ ପାଇଁ ଅନୁମୋଦନ ମିଳିଥିବା ବେଳେ ରାସ୍ତା ନ ଥିବା ଗାଁ ଗୁଡିକୁ ଏହାଦ୍ୱାରା ସଂଯୋଗ କରାଯିବ। ବିଶେଷ କରି ଦୁର୍ଗମ ଅଞ୍ଚଳରେ ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ କରିବା ପାଇଁ ଏହି ପ୍ରୟାସ ଜାରି ରହିବ ବୋଲି କହିଛନ୍ତି ମୁଖ୍ୟ ସଚିବ। ରାଜ୍ୟର 'ସେତୁ ବନ୍ଧ ଯୋଜନା'ର ଅବଧି ମଧ୍ୟ ୫ ବର୍ଷ ବୃଦ୍ଧି ପାଇଛି। ଯେଉଁଥିରେ ୩୧୬୭ଟି ପୁରୁଣା ସେତୁର ମରାମତି ଓ ନବୀକରଣ କରାଯିବ। ଅନ୍ୟପଟେ ସମବାୟ ବିଭାଗର ୧୯୫୬ ମସିହାର ପୁରୁଣା ଆଇନ ସଂଶୋଧନ ପ୍ରସ୍ତାବକୁ ମଧ୍ୟ ବୈଠକରେ ମଞ୍ଜୁରି ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ଦ୍ୱାରା 'ମୁଖ୍ୟମନ୍ତ୍ରୀ ସଡକ ଯୋଜନା –ଆନ୍ତଃରାଜ୍ୟ, ଆନ୍ତଃଜିଲ୍ଲା ଓ ଆନ୍ତଃବ୍ଲକ ମଧ୍ୟରେ ଅସଂଯୋଜିତ ରାସ୍ତା ଗୁଡିକୁ ମୁଖ୍ୟ ରାସ୍ତା ସହ ସଂଯୋଗୀକରଣ' ଯୋଜନାକୁ ଆଉ ୫ ବର୍ଷ ପାଇଁ ବୃଦ୍ଧି କରାଯାଇଛି ।ସଂପୃକ୍ତ ଅଂଚଳର ସ୍ଥାନୀୟ ବାସିନ୍ଦା ମାନଙ୍କର ଆର୍ଥିକ ଏବଂ ସାମାଜିକ ଉନ୍ନତିକରଣ ପାଇଁ ଗ୍ରାମାଞ୍ଚଳରେ ଥିବା ପଞ୍ଚାୟତ କାର୍ଯ୍ୟାଳୟ, ଚିକିତ୍ସାଳୟ, ଶିକ୍ଷାନୁଷ୍ଠାନ ମୁଖ୍ୟ ବଜାର, ପର୍ଯ୍ୟଟନସ୍ଥଳ, ବ୍ୟବସାୟ କେନ୍ଦ୍ର ଇତ୍ୟାଦିକୁ ନିକଟବର୍ତ୍ତୀ ମୁଖ୍ୟରାସ୍ତା ସହ ସଂଯୋଗ କରିବା ସହିତ ଉନ୍ନତମାନର ରାସ୍ତା ନିର୍ମାଣ କରିବା ଏହି ଯୋଜନାର ମୂଳଲକ୍ଷ୍ୟ । ରାଜ୍ୟ କ୍ୟାବିନେଟ୍ ଦ୍ୱାରା ଏହି ଯୋଜନାରେ ପାଞ୍ଚ ଆର୍ଥିକ ବର୍ଷ ଯଥା :-୨୦୨୫-୨୬ ଠାରୁ ୨୦୨୯-୩୦ ବର୍ଷରେ କାର୍ଯ୍ୟକାରୀ କରିବା ପାଇଁ ୧୯୧୭ କୋଟି ଟଙ୍କାର ବ୍ୟୟବରାଦରେ ଆନୁମାନିକ ୩୮୫୦ କି.ମି. ନୂତନ ରାସ୍ତା ତଥା ସେତୁ ନିର୍ମାଣ ଏବଂ ଚାଲୁରହିଥିବା ପ୍ରକଳ୍ପ ଗୁଡିକର କାର୍ଯ୍ୟ ସଂପୂର୍ଣ୍ଣ କରିବାପାଇଁ କ୍ୟାବିନେଟ୍‌ରେ ଅନୁମୋଦିତ ହୋଇଛି । ରାଜ୍ୟ ସରକାରଙ୍କ ଦ୍ୱାରା ବ୍ରିଜ କମ୍ ୱେୟାର ଯୋଜନା ଆରମ୍ଭ ହେବାକୁ ଯାଉଛି। ନଦୀଗର୍ଭ ଏବଂ ସେତୁର ଉପର ମୁଣ୍ଡରେ ମୌସୁମୀ ଜଳକୁ ସଂରକ୍ଷିତ କରି ଜଳ ଯୋଗାଣ କରାଯିବ। ଏହି ଯୋଜନାର ୫ ବର୍ଷର ଅବଧି ପାଇଁ ମୋଟ ୬୦୦ କୋଟିର ବ୍ୟୟବରାଦ କରାଯାଇଛି। ଏହା ସହ ୫୦୮ଟି ନୂତନ ପ୍ରକଳ୍ପର ନିର୍ମାଣ ଓ ୧୬୨ଟି ଅଧୁରା ପ୍ରକଳ୍ପ ସମ୍ପୂର୍ଣ୍ଣ କରିବା ପାଇ ଅନୁମୋଦନ କରିଛନ୍ତି।

ଓଡ଼ିଶା ନିଶବ୍ଦ
THE ODISHA NISHABDA

# ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ପ୍ରତି ଅବହେଳା : ପ୍ରମୋଶନ୍ ଫାଇଲ୍ ଅଟକି ରହିଛି

ବାଲିପାଟଣା: ସାମାଜିକ ସୁରକ୍ଷା ବିଭାଗ କନିଷ୍ଠ ସହାୟକ ପ୍ରତି ଅବହେଳା ଅଭିଯୋଗ କରିଛନ୍ତି ଏହି ବିଭାଗ ର କନିଷ୍ଠ ସହାୟକ । ପ୍ରମୋଶନ୍ ଫାଇଲ୍ ଅଟକି ରହିଛି ବିଭାଗୀୟ କାର୍ଯ୍ୟାଳୟ ରେ ଓ ପ୍ରମୋଶନ୍ ନହେଲେ କଲମଛାଡ କରିବା ପାଇଁ ଓଡିଶା ସୋସିଆଲ୍ ସିକ୍ୟୁରିଟି ମିନିଷ୍ଟରିଆଲ୍ ଷ୍ଟାଫ୍ ଆସୋସିଏସନ୍ ନିଷ୍ପତି ନେଇଥିବା ସୂଚନା ମିଳିଛି । ସାମାଜିକ ସୁରକ୍ଷା ବିଭାଗ ଓଡ଼ିଶା ସରକାର ଙ୍କ ର ଏକ ଗୁରୁତତ୍ୱପୂର୍ଣ୍ଣ ବିଭାଗ ମଧ୍ୟରୁ ଅନ୍ୟତମ। କାରଣ ଆମ ରାଜ୍ୟ ସରକାର ରାଜ୍ୟରେ ଲକ୍ଷ ଲକ୍ଷ ବୃଦ୍ଧ, ବୃଦ୍ଧା ,ବିଧବା ମହିଳା ଭିନ୍ନକ୍ଷମାନଙ୍କୁ ମାସିକ ଭତ୍ତା ଯୋଗାଇଥାନ୍ତି । ଏହାକୁ କାର୍ଯ୍ୟକାରୀ କରିବାରେ କନିଷ୍ଠ ସହାୟକ ମାନଙ୍କର ପୂର୍ଣ୍ଣ ସହଯୋଗ ଥାଏ। ୨୦୧୮ ମସିହାରୁ ନିଯୁକ୍ତି ପାଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ସେମାନଙ୍କ ପାଇଁ ପଦୋନ୍ନତି ପାଇଁ କିଛି କରିନାହାନ୍ତି। ଯାହାକି ସେମାନଙ୍କ ସାଙ୍ଗରେ ସମାନ ସମୟରେ ସିଟି ଏବଂ ଜି ଏସ୍ ଟି ରେ ନିଯୁକ୍ତି ପାଇଥିବା କନିଷ୍ଠ ସହାୟକ ୪ ବର୍ଷ ପରେ ବରିଷ୍ଠ ସହାୟକ କୁ ପଦୋନ୍ନତି ପାଇ ପୁଣି ଏ ଏସ୍ ଓ ହେବାକୁ ବସିଲେଣି। ୨୦୨୧ ମସିହାରେ ନିଯୁକ୍ତି ପାଇଥିବା ରାଜସ୍ୱ ବିଭାଗ ର କନିଷ୍ଠ କିରାଣୀ ଇତି ମଧ୍ୟରେ ପଦୋନ୍ନତି ପାଇ ବରିଷ୍ଠ କିରାଣୀ ହୋଇସାରିଲେଣି । ୨୦୧୮ ପରଠାରୁ ନିଯୁକ୍ତି ପାଇ ସରକାରଙ୍କ ୫୩୯୭ ତା ୨୦.୦୭.୨୦୧୯ ପରଠାରୁ ସାମାଜିକ ସୁରକ୍ଷା ଅଧିକାରୀ ଦାୟିତ୍ୱ ରେ ବିଭିନ୍ନ ବ୍ଲକ ରେ ରହି ବିନା ବର୍ଦ୍ଧିତ ପାରିଶ୍ରମିକ ରେ ସେମାନଙ୍କ କାର୍ଯ୍ୟ ସୁଚାରୁରୂପେ ତୁଲାଇ ଆସୁଛନ୍ତି।

ଦୁଃଖର ବିଷୟ ସରକାର ଙ୍କ ତରଫରୁ ପ୍ରତ୍ୟେକ ବର୍ଷ କ୍ୟାଡର୍ ରିଷ୍ଟ୍ରକ୍ଚରିଂ ପାଇଁ ଘନ ଘନ ଚିଠି ହେଉଥିଲେ ମଧ୍ୟ ଏ ଦିଗରେ ବିଭାଗ କେବେ ବି ତତ୍ପର ହୋଇ ନାହିଁ ଯାହାଦ୍ୱାରା ୪୨୮ ଜଣ କନିଷ୍ଟ ସହାୟକ ଆଜି ସେଇ କନିଷ୍ଠ ରେ ରହି ସେମାନଙ୍କ ଭବିଷ୍ୟତ ଅନ୍ଧକାର ମଧ୍ୟ କୁ ଠେଲି ହୋଇଯାଉଛନ୍ତି। ବିଗତ ୪ ବର୍ଷ ମଧ୍ୟ ରେ ୪ ଥର ଫାଇଲ ଯାଇ ମଧ୍ୟ ବିଭିନ୍ନ ପ୍ରାନ୍ତ ରୁ ପୁଣି ଫେରି ଆସୁଛି । ଏବେ ଫାଇଲ ବିଭାଗର ମୁଖିଆ ଙ୍କ ପାଖରେ ଦୀର୍ଘ ୬୦ ଦିନ ହେଲାଣି ପଡ଼ି ରହିଥିଲେ ମଧ୍ୟ କିଛି ସୁଫଳ ମିଳୁ ନାହିଁ। ଗୋଟେ ପଟେ ସରକାର ସ୍ୱଚ୍ଛତା ର ବାଜା ବାଯାଉଥିବା ବେଳେ ଆଉ ଗୋଟେ ପଟେ ୪୨୮ ଜଣଙ୍କୁ ପରୋକ୍ଷ ରେ ଅସ୍ୱଚ୍ଛତା ପାଇଁ ବାଧ କରାଉଛନ୍ତି। ଇତି ମଧ୍ୟରେ ପ୍ରାୟ ସବୁ ବିଭାଗ ର କ୍ୟାଡର୍ ହୋଇସାରିଲାଣି କିନ୍ତୁ କଣ ପାଇଁ ମୁଖିଆ ଏତେ ଦିନ ହେଲାଣି ଆଗଉ ନାହାନ୍ତି ତାକୁ କିଏ କହିବ ? ବିଭାଗୀୟ ମନ୍ତ୍ରୀ ବି ଏ ଦିଗରେ କୌଣସି ଆଗ୍ରହ ନେଉନାହାନ୍ତି। ମୁଖିଆ କି ମନ୍ତ୍ରୀଙ୍କର କଣ ଅସଲ ଉଦ୍ଦେଶ୍ୟ ଅଛି ତାହା ସେମାନେ ହିଁ ଜାଣିଥିବେ। ଏ ନିଆଁ ଧୀରେ ଧୀରେ କୁହୁଳିବାରେ ଲାଗିଲାଣି । ଆଗକୁ ନିହାତି ପକ୍ଷେ ସେମାନେ କଲମ ଛାଡ ଆନ୍ଦୋଳନ କରିବେ ବୋଲି ଜଣାପଡୁଛି । ଆଗକୁ ଯଦି ଏପରି କିଛି ହୁଏ ତାହାଲେ ବହୁତ ଲୋକ ଭତ୍ତା ପାଇବାରୁ ବଞ୍ଚିତ ହେବେ । ଏଣୁ ଏହା ପୂର୍ବରୁ ଯଦି ସରକାର ନିର୍ଦ୍ଦିଷ୍ଟ ଭାବରେ ପଦୋନ୍ନତି ପଦକ୍ଷେପ ନେବେ ତାହାଲେ ସମସ୍ତ କନିଷ୍ଠ କିରାଣୀ ଙ୍କ ସହିତ ସେମାନଙ୍କ ପରିବାର ମଧ୍ୟ ସରକାର ଙ୍କ ନିକଟରେ ଚିରୋପକୃତ ହେବେ।

# ବିନାଶ କରିଦେବୁ ଟ୍ରମ୍ପଙ୍କୁ ସିଧା ଚେତାବନୀ ଦେଲା ଇରାନ



ୱାଶିଂଟନ : ଆମେରିକା ଏବଂ ଇରାନ ମଧ୍ୟରେ ବୃଦ୍ଧି ପାଉଥିବା ସାମରିକ ଉତ୍ତେଜନା ମଧ୍ୟରେ ତେହରାନ ହର୍ମୁଜ ପ୍ରଣାଳୀ ସମ୍ପର୍କରେ ଏକ ଦୃଢ଼ ମନୋଭାବ ଗ୍ରହଣ କରିଛି। ଇରାନର ଖାତମ ଅଲ-ଆନବିୟା କେନ୍ଦ୍ରୀୟ ମୁଖ୍ୟାଳୟର ଜଣେ ମୁଖପାତ୍ର ସ୍ୱଷ୍ଟ ଭାବରେ କହିଛନ୍ତି, ହର୍ମୁଜ ପ୍ରଣାଳୀରେ ବାହ୍ୟ ଶକ୍ତି ବିଶେଷକରି ଆମେରିକା ଦ୍ୱାରା ଯେକୌଣସି ହସ୍ତକ୍ଷେପକୁ ଯେକୌଣସି ମୂଲ୍ୟରେ ବରଦାସ୍ତ କରାଯିବ ନାହିଁ। ଇରାନର ଏହି 'ଲାଲ ରେଖା' ବୋଲି ଅଭିହିତ କରି ସେ ଚେତାବନୀ ଦେଇଛନ୍ତି, ଯଦି ଆମେରିକା ରାଷ୍ଟ୍ରପତିଙ୍କ ଇରାନୀ ଭିତ୍ତିଭୂମି ଉପରେ ଆକ୍ରମଣ କରିବାର ଧମକ କାର୍ଯ୍ୟକାରୀ ହୁଏ, ତେବେ ଇରାନୀ ସାମରିକ ବାହିନୀ ସମଗ୍ର ଅଞ୍ଚଳରେ ଭିତ୍ତିଭୂମିକୁ ଟାର୍ଗେଟ କରିବ, ଯାହା ଏପର୍ଯ୍ୟନ୍ତ ସୁରକ୍ଷିତ ରହିଛି। ପ୍ରବକ୍ତା କହିଛନ୍ତି ଯେ, ଇରାନର ସଶସ୍ତ୍ର ବାହିନୀ ପୂର୍ବରୁ ପ୍ରତିଶୋଧମୂଳକ ପଦକ୍ଷେପ ନେଉଛି, ଏବଂ ଯଦି ପରିସ୍ଥିତି ଆହୁରି ଖରାପ ହୁଏ, ତେବେ ପ୍ରତିକ୍ରିୟା ପୂର୍ବ ଅପେକ୍ଷା ବହୁତ କଠୋର, ବ୍ୟାପକ ଏବଂ ବିନାଶକାରୀ ହେବ। ଆମେରିକାକୁ ବୁଝିବାକୁ ପଡିବ ଯେ ଇରାନ ଏହାର ସୁରକ୍ଷା ଏବଂ ସାର୍ବଭୌମତ୍ୱ ସହିତ ସାଲିସ କରିବ ନାହିଁ। ଇରାନୀ ସଂସଦର ବାଚସ୍ପତି ଏବଂ ଆଲୋଚନା ଦଳର ମୁଖ୍ୟ ମହମ୍ମଦ ବାଘେର ଗାଲିବାଫ କହିଛନ୍ତି ଯେ, ହର୍ମୁଜ ପ୍ରଣାଳୀ ଉପରେ ଇରାନର ଭୂମିକା ଏବଂ ନିୟନ୍ତ୍ରଣ ସିଧାସଳଖ ଦେଶର ଜାତୀୟ ସୁରକ୍ଷା ସହିତ ଜଡିତ। ଇରାନ କୌଣସି ଶତ୍ରୁକୁ ରାଷ୍ଟ୍ର ଉପରେ ନିଜର ଇଚ୍ଛା ଥୋପିବାକୁ ଦେବ ନାହିଁ। ତାଙ୍କ ମତରେ, ଯଦିଓ ଇରାନ ଯୁଦ୍ଧ ଚାହୁଁନାହିଁ, ତଥାପି ଏହାର ଜାତୀୟ ସ୍ୱାର୍ଥ ଏବଂ ସୁରକ୍ଷା ରକ୍ଷା ପାଇଁ ଯେକୌଣସି ପରିସ୍ଥିତିର ସମ୍ମୁଖୀନ ହେବାକୁ ପ୍ରସ୍ତୁତ।

# ଯୁଦ୍ଧ ମଧ୍ୟରେ ଇରାନକୁ ପ୍ରଶଂସା କଲେ ଡୋନାଲ୍ଡ ଟ୍ରମ୍ପ



ୱାଶିଂଟନ୍: ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନର ସଦିଚ୍ଛା ପ୍ରଦର୍ଶନକୁ ପ୍ରଶଂସା କରିଛନ୍ତି। ଟ୍ରମ୍ପଙ୍କ ପ୍ରଶଂସା ଇରାନ ଜଣେ ଆମେରିକୀୟ ମହିଳାଙ୍କୁ ମୁକ୍ତ କରିବା ପରେ କରିଥିଲେ। ମହିଳା ଜଣଙ୍କ ଡିସେମ୍ବର ୨୦୨୪ରୁ ପ୍ରାୟ ଦେଢ଼ ବର୍ଷ ଧରି ଇରାନରେ ଅଟକ ଥିଲେ। ଟ୍ରୁଥ ସୋସିଆଲରେ ଏକ ପୋଷ୍ଟରେ ଟ୍ରମ୍ପ ଇରାନର ପ୍ରଶଂସା କରି କହିଛନ୍ତି, ଇରାନ ଜଣେ ଆମେରିକୀୟ ନାଗରିକଙ୍କୁ ଦେଶ ଛାଡିବାକୁ ଅନୁମତି ଦେଇଛି। ତାଙ୍କୁ ଡିସେମ୍ବର ୨୦୨୪ରେ ଜୋ ବାଇଡେନଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଭୁଲ ଭାବରେ ଅଟକ ରଖାଯାଇଥିଲା। ସେ ବର୍ତ୍ତମାନ ସୁରକ୍ଷିତ ଭାବରେ ଇରାନରୁ ବାହାରକୁ ଆସିଛନ୍ତି। ଆମେରିକା ଇରାନର ଏହି ସଦିଚ୍ଛା ପ୍ରଦର୍ଶନକୁ ପ୍ରଶଂସା କରୁଛି ! ତାଙ୍କ ପୋଷ୍ଟରେ, ଡୋନାଲ୍ଡ ଟ୍ରମ୍ପ ପୂର୍ବତନ ଆମେରିକୀୟ ରାଷ୍ଟ୍ରପତି ଜୋ ବାଇଡେନଙ୍କୁ ମଧ୍ୟ ଟାର୍ଗେଟ କରିଛନ୍ତି। ଟ୍ରମ୍ପ ଉଲ୍ଲେଖ କରିଛନ୍ତି ଯେ, ବାଇଡେନଙ୍କ କାର୍ଯ୍ୟକାଳ ସମୟରେ ଇରାନ ଦ୍ୱାରା ଆମେରିକୀୟ ମହିଳାଙ୍କୁ ଅଟକ ରଖାଯାଇଥିଲା। ସେ ମହିଳାଙ୍କ ପରିଚୟ ପ୍ରକାଶ କରି ନାହାଁନ୍ତି କିମ୍ବା ତାଙ୍କ ମୁକ୍ତିର ସର୍ତ୍ତାବଳୀ କିମ୍ବା ପରିସ୍ଥିତି ସମ୍ପର୍କରେ ଅତିରିକ୍ତ ବିବରଣୀ ପ୍ରଦାନ କରିନାହାଁନ୍ତି। ଅନ୍ତର୍ଜାତୀୟ ମାନବାଧିକାର ଓକିଲ ଜାରେଡ ଜେନ୍ସର ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଏକ ପୋଷ୍ଟରେ ଆମେରିକୀୟ ମହିଳାଙ୍କୁ ଡେନା କରାରି ଭାବରେ ଚିହ୍ନଟ କରିଛନ୍ତି। ତାଙ୍କ ମୁକ୍ତିକୁ ନିଶ୍ଚିତ କରି ଜେନ୍ସର ଲେଖିଛନ୍ତି।

# ରୁଷିଆରୁ ତେଲ କ୍ରୟ ଉପରେ ଆମେରିକାର ବଡ଼ ନିଷ୍ପତ୍ତି, ଭାରତ ଦେବ



ୱାଶିଂଟନ : ରୁଷିଆରୁ ତୈଳ କ୍ରୟ କରୁଥିବା ଦେଶମାନଙ୍କ ଉପରେ ୫୦୦ପ୍ରତିଶତ ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ମଧ୍ୟରେ, ଭାରତ ଏବଂ ଚାଇନା ପାଇଁ ଏକ ଆଶ୍ୱସ୍ତିକର ଖବର ଆସିଛି । ଆମେରିକାରେ ଆଗତ ହୋଇଥିବା ରୁଷିଆ ପ୍ରତିବନ୍ଧକ ବିଲର ସଂଶୋଧିତ ଡ୍ରାଫ୍ଟରେ, ପ୍ରସ୍ତାବିତ ସର୍ବାଧିକ ଶୁଳ୍କ ୫୦୦ ପ୍ରତିଶତରୁ ୧୦୦ ପ୍ରତିଶତକୁ ହ୍ରାସ କରାଯାଇଛି। ଯଦି ଏହି ବିଲ୍ ଆଇନରେ ପରିଣତ ହୁଏ, ତେବେ ଭାରତ ଭଳି ପ୍ରମୁଖ ରୁଷୀୟ ତୈଳ ଆମଦାନୀକାରୀମାନେ ମୂଳ ଆଶାଠାରୁ କମ୍ ଆର୍ଥିକ ଚାପର ସମ୍ମୁଖୀନ ହୋଇପାରନ୍ତି। ମଙ୍ଗଳବାର ଦିନ ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ଏମପିମାନେ ରୁଷିଆ ପ୍ରତିବନ୍ଧକ ବିଲର ଏକ ସଂଶୋଧିତ ସଂସ୍କରଣ ଉପସ୍ଥାପନ କରିଛନ୍ତି। ନୂତନ ଡ୍ରାଫ୍ଟରେ ରୁଷିଆରୁ ତେଲ ଏବଂ ଗ୍ୟାସ କ୍ରୟ କରୁଥିବା ଦେଶଗୁଡ଼ିକ ଉପରେ ସର୍ବାଧିକ ୧୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ଦିଆଯାଇଛି । ପୂର୍ବରୁ, ବିଲ୍ ଏପରି ସମସ୍ତ ଦେଶଗୁଡ଼ିକ ଉପରେ ୫୦୦ ପ୍ରତିଶତ ଶୁଳ୍କ ଲାଗୁ କରିବାର ପ୍ରସ୍ତାବ ଦେଇଥିଲା। ସଂଶୋଧିତ ବିଲ୍ ?ରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଏହି କଟକଣା କିମ୍ବା ଶୁଳ୍କ ଛାଡ଼ କରିବାର ଅଧିକାର ପ୍ରଦାନ କରିବାର ପ୍ରସ୍ତାବ ମଧ୍ୟ ଦିଆଯାଇଛି । ଆମେରିକା ବିଶ୍ୱାସ କରେ ଯେ ଭାରତ ଏବଂ ଚାଇନା ରୁଷିଆନ୍ ଅଶୋଧିତ ତୈଳର ସବୁଠାରୁ ବଡ଼ କ୍ରେତାଙ୍କ ମଧ୍ୟରେ ଅଛନ୍ତି। ସଂଶୋଧିତ ବିଲ୍ ଅନୁଯାୟୀ, ସର୍ବାଧିକ ଶୁଳ୍କ କେବଳ ରୁଷିଆନ୍ ଠାରୁ ସର୍ବାଧିକ ତୈଳ ଏବଂ ପ୍ରାକୃତିକ ଗ୍ୟାସ୍ କ୍ରୟ କରୁଥିବା ଶ୍ରେଷ୍ଠ ପାଞ୍ଚଟି ଦେଶ ପାଇଁ ପ୍ରଯୁଜ୍ୟ ହେବ । ପୂର୍ବରୁ, ଏହି ବ୍ୟବସ୍ଥା ସମସ୍ତ ଆମଦାନୀକାରୀ ରାଷ୍ଟ୍ର ପାଇଁ ପ୍ରଯୁଜ୍ୟ ହେବା ପାଇଁ ଉଦ୍ଦିଷ୍ଟ ଥିଲା। ସ୍ୱର୍ଗତ ରିପବ୍ଲିକାନ୍ ସିନେଟର ଲିଣ୍ଡସେ ଗ୍ରାହାମ୍ ଏବଂ ଡେମୋକ୍ରାଟ୍ ସିନେଟର ରିଚାର୍ଡ ବ୍ଲୁମେହଲ୍ ଏହି ବିଲ୍ ଆଗତ କରିଛନ୍ତି। ସଂଶୋଧିତ ବିଲ୍ ଉଭୟ ରିପବ୍ଲିକାନ୍ ଏବଂ ଡେମୋକ୍ରାଟ୍ ଦଳର ସମର୍ଥନ ମଧ୍ୟ ପାଇଛି। ସିନେଟ୍ ସୂତ୍ର ଅନୁଯାୟୀ, ବର୍ତ୍ତମାନ ୨୬ ଏମପି ଏହି ବିଲ୍କୁ ସହ-ପ୍ରାୟୋଜିତ କରୁଛନ୍ତି ଏବଂ ଏହା କଂଗ୍ରେସ ଦେଇ ଗତି କଲାବେଳେ ଅଧିକ ସମର୍ଥନ ପାଇବାର ସମ୍ଭାବନା ରହିଛି। ବର୍ତ୍ତମାନ, ଏହି ପ୍ରସ୍ତାବଟି ଆମେରିକୀୟ କଂଗ୍ରେସରେ ବିଚାରାଧୀନ ଅଛି। ଏହା କେବଳ ବିଧାନସଭାରୁ ଅନୁମୋଦନ ଏବଂ ରାଷ୍ଟ୍ରପତିଙ୍କ ସମ୍ମତି ପାଇବା ପରେ ଆଇନରେ ପରିଣତ ହୋଇପାରିବ।

# ପୋଲିସ ଷ୍ଟେଶନରେ ଭୟଙ୍କର ବିସ୍ଫୋରଣ, ୧୪ ଜଣଙ୍କ ମୃତ୍ୟୁ



ଇସଲାମବାଦ୍ : ପାକିସ୍ତାନର ପଖତୁନଖ୍ୱା ପ୍ରଦେଶ ପୁଣିଥରେ ଏକ ବଡ଼ ଆତଙ୍କବାଦୀ ଆକ୍ରମଣରେ ଥରି ଉଠିଛି ।ଆତଙ୍କବାଦୀମାନେ ବାନୁ ଜିଲାର ମିରିଆନ୍ ପୋଲିସ ଷ୍ଟେଶନକୁ ଟାର୍ଗେଟ କରି ବିସ୍ଫୋରକ ଭର୍ତ୍ତି ଗାଡ଼ି ବ୍ୟବହାର କରି ଆତ୍ମଘାତୀ ଆକ୍ରମଣ କରିଥିଲେ । ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ପୋଲିସ ଷ୍ଟେସନର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ କ୍ଷତିଗ୍ରସ୍ତ ହୋଇଥିଲା। ବିସ୍ଫୋରଣ ପରେ ତୁରନ୍ତ ସଶସ୍ତ୍ର ଆକ୍ରମଣକାରୀମାନେ ଷ୍ଟେସନରେ ପଶିବାକୁ ଚେଷ୍ଟା କରିଥିଲେ, ଯାହା ଫଳରେ କିଛି ଘଣ୍ଟା ଧରି ଏକ ଭୟଙ୍କର ଗୁଳିବିନିମୟ ହୋଇଥିଲା। ଏହି ଆକ୍ରମଣରେ ଅତି କମରେ ୧୪ଜଣ ସୁରକ୍ଷା କର୍ମୀଙ୍କ ମୃତ୍ୟୁ ହୋଇଥିଲା, ଯେତେବେଳେ ଅନେକ ଆହତ ହୋଇଥିଲେ । ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ସ୍ଥାନୀୟ ସୂତ୍ର ଅନୁଯାୟୀ, ମୃତକଙ୍କ ମଧ୍ୟରେ ଆଠ ଜଣ ପୋଲିସ କର୍ମଚାରୀ ଏବଂ ଅନ୍ୟ ସୁରକ୍ଷା ବାହିନୀର ଛଅ ଜଣ ସଦସ୍ୟ ଅଛନ୍ତି । ଆହତମାନଙ୍କୁ ବାନୁ ସିଭିଲ୍ ହସ୍ପିଟାଲରେ ଭର୍ତ୍ତି କରାଯାଇଛି ।

# ଯୁକ୍ରେନ ଉପରେ ୩ହଜାର କେଜିର ବୋମା ମାଡ଼, ସାରା ବିଶ୍ୱ ସ୍ତବ୍ଧ

ରୁଷିଆ : ରୁଷିଆ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଭୟଙ୍କର ରୂପ ନେଇଛି। ସୋମବାର ରୁଷିଆ ସେନା ୟୁକ୍ରେନର ଜାପୋରିଝିଆ ଅନ୍ତର୍ଗତ ଓରିଖୋଭ ସହର ଉପରେ ୩୦୦୦କେଜି ଓଜନର ଶକ୍ତିଶାଳୀ 'ଏଫଏବି-୩୦୦୦' ଗ୍ଲାଇଡ ବୋମାମାଡ଼ କରିଛି। 'ସୁଖୋଇ ସୁ-୩୪' ଯୁଦ୍ଧବିମାନରୁ ନିକ୍ଷେପ କରାଯାଇଥିବା ଏହି ବୋମାରେ ବିଶେଷ ଗ୍ଲାଇଡ କିଟ୍ ? ବ୍ୟବହାର କରାଯାଇଛି, ଯାହାଦ୍ୱାରା ଏହା ୫୦ରୁ ୬୦ କିଲୋମିଟର ଦୂରରୁ ଶତ୍ରୁ ପକ୍ଷର ଠିକଣାକୁ ଧ୍ୱଂସ କରିପାରୁଛି। ଏହି ସାଂଘାତିକ ଆକ୍ରମଣର ମୁକାବିଲା ପାଇଁ ୟୁକ୍ରେନ ଏବଂ ଅନ୍ୟ ୯ଟି ୟୁରୋପୀୟ ଦେଶ ମିଶି ଏକ ନୂତନ ମିଳିତ ବାୟୁ ପ୍ରତିରକ୍ଷା ମେଣ୍ଟ ଗଠନ କରିଛନ୍ତି, ଯାହା ଶସ୍ତାରେ ବାଲିଷ୍ଟିକ ମିଶାଇଲ ପ୍ରତିରୋଧକ ବ୍ୟବସ୍ଥା ପ୍ରସ୍ତୁତ କରିବ।

# ଜୋର୍‌ଦାର ହେଲା ଆମେରିକା-ଇରାନ ଯୁଦ୍ଧ: ଭୟରେ ଥରହର ସାରା ବିଶ୍ୱ



ଦୁବାଇ: ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ?ରେ ସୁରକ୍ଷିତ ଜାହାଜ ଚଳାଚଳ ପାଇଁ ଆମେରିକା ୨୦ ପ୍ରତିଶତ ଟିକସ ଲଗାଇବା ସହ ଇରାନୀୟ ବନ୍ଦରଗୁଡ଼ିକ ଉପରେ ପୁଣିଥରେ ଅବରୋଧ ଲଗାଇବାକୁ ସୋମବାର କହିବା ପରେ ବିଳମ୍ବିତ ରାତିରେ ଆମେରିକୀୟ ସେନା ଇରାନ ଉପରେ ଜୋର୍ ?ଦାର ଆକ୍ରମଣ କରିଥିଲା। ଏହାର ଜବାବରେ ଇରାନ ମଧ୍ୟପ୍ରାଚ୍ୟରେ ଥିବା ଆମେରିକାର ସହଯୋଗୀ ଦେଶଗୁଡ଼ିକ ଉପରେ ଆକ୍ରମଣ କରିଛି। ଫଳରେ ମଧ୍ୟପ୍ରାଚ୍ୟରେ ଯୁଦ୍ଧ ବନ୍ଦ ଏବଂ ବିଶ୍ୱର ଗୁରୁତ୍ୱପୂର୍ଣ୍ଣ ଇନ୍ଧନ ପରିବହନ ପଥ ହର୍ମୁଜ୍ ?କୁ ମୁକ୍ତ କରିବା ପାଇଁ ୨ ଦେଶ ମଧ୍ୟରେ ସ୍ୱାକ୍ଷର ହୋଇଥିବା ଅନ୍ତରୀଣ ବୁଝାମଣା ସମ୍ପୂର୍ଣ୍ଣ ଅକାମୀ ହୋଇଯାଇଛି। ଏବେ ସମଗ୍ର ମଧ୍ୟପ୍ରାଚ୍ୟକୁ ଯୁଦ୍ଧ ବ୍ୟାପିବା ସହ ବିଶ୍ୱ ଅର୍ଥନୀତି ପାଇଁ ପୁନର୍ବାର ବିପଦ ସୃଷ୍ଟି କରିଛି। ଯଦି ତୁରନ୍ତ କୂଟନୈତିକ ସମାଧାନ ସୂତ୍ର ନ ବାହାରେ, ତେବେ ଯୁଦ୍ଧ ଆହୁରି ବଢ଼ିପାରେ ବୋଲି କୁହାଯାଉଛି। ଯୁଦ୍ଧ ପୂର୍ବରୁ ବିଶ୍ୱର ଏକ-ପଞ୍ଚମାଂଶ ତୈଳ ଓ ପ୍ରାକୃତିକ ଗ୍ୟାସ୍ ? ପରିବହନ ହେଉଥିବା ହର୍ମୁଜ୍ ? ଜଳପଥ ଏବେ ବିବାଦର କେନ୍ଦ୍ରବିନ୍ଦୁ ସାଜିଛି। ଯୁଦ୍ଧ ସମୟରେ ଇରାନ ଜାହାଜଗୁଡ଼ିକୁ ଆକ୍ରମଣ କରି ଓ ଧମକ ଦେଇ ଏହି ଜଳପଥକୁ ବନ୍ଦ କରିଦେଇଥିଲା। ଫଳରେ ବିଶ୍ୱ ବଜାରରେ ତୈଳ ସମେତ ସାର ଓ ଅନ୍ୟାନ୍ୟ ସାମଗ୍ରୀ ମୂଲ୍ୟ ବୃଦ୍ଧି ପାଇଥିଲା। ହର୍ମୁଜ୍ ?କୁ ବନ୍ଦ କରିବା ଇରାନ ପାଇଁ ସବୁଠୁ ବଡ଼ ରଣନୀତିକ ଫାଇଦା ପ୍ରମାଣିତ ହୋଇଥିଲା। କାରଣ ଦର ନିୟନ୍ତ୍ରଣ ପାଇଁ ବିଶ୍ୱ ନେତାମାନେ ଯୁଦ୍ଧ ବନ୍ଦ କରିବାକୁ ଆମେରିକା ଉପରେ ଚାପ ପକାଇଥିଲେ। ଗତ ମାସରେ ସ୍ୱାକ୍ଷର ହୋଇଥିବା ଅନ୍ତରୀଣ ଚୁକ୍ତିନାମା ବଳରେ ଯୁଦ୍ଧ ସମ୍ପୂର୍ଣ୍ଣ ବନ୍ଦ ହେବା ସହ ହର୍ମୁଜ୍ ? ଜାହାଜ ଚଳାଚଳ ପାଇଁ ମୁକ୍ତ ରହିବ ବୋଲି କୁହାଯାଉଥିଲା। ତେବେ ଇରାନ ହର୍ମୁଜ୍ ? ଉପରେ ନିଜର ନିୟନ୍ତ୍ରଣ ଜାହିର କରିବା ଓ ସେହି ଜଳପଥ ଦେଇ ଯାଉଥିବା ଜାହାଜଗୁଡ଼ିକ ଉପରେ ଆକ୍ରମଣ କରିବା ଫଳରେ ସ୍ଥିତି ପୁଣି ଜଟିଳ ରୂପ ନେଇଛି। ଆମେରିକା ଏବେ ବଳ ପ୍ରୟୋଗ କରି ହର୍ମୁଜ୍ ? ଖୋଲିବାକୁ ଧମକ ଦେଇଛି। ତେବେ ଏଥିପାଇଁ ବହୁତ ବଡ଼ ନୌସେନା ବାହିନୀ କିମ୍ବା ଇରାନ ମାଟିରେ ଅନେକ ହଜାର ଆମେରିକୀୟ ସୈନ୍ୟଙ୍କ ଉପସ୍ଥିତି ଆବଶ୍ୟକ ବୋଲି ବିଶେଷଜ୍ଞମାନେ କହିଛନ୍ତି। ତେଣୁ ଟ୍ରମ୍ପ ? ପୂର୍ବଭଳି ପୁଣିଥରେ ପଛଘୁଞ୍ଚା ଦେଇପାରନ୍ତି ବୋଲି କୁହାଯାଉଛି। ସୋମବାର ବିଳମ୍ବିତ ରାତିରେ ଇରାନର ଉପକୂଳ ପ୍ରତିରକ୍ଷା ବ୍ୟବସ୍ଥା, ମିଶାଇଲ୍ ? ଓ ଡ୍ରୋନ୍ ? ସାଇଟ୍ ? ଏବଂ ସାମୁଦ୍ରିକ ସାମର୍ଥ୍ୟକୁ ଟାର୍ଗେଟ କରି ବିଭିନ୍ନ ସ୍ଥାନରେ ଆକ୍ରମଣ କରାଯାଇଥିଲା ବୋଲି ଆମେରିକା ସେନାର ସେଣ୍ଟ୍ରାଲ କମାଣ୍ଡ କହିଛି। ଇରାନ ଆକ୍ରମଣକୁ ସ୍ୱୀକାର କରିଥିବାବେଳେ କେତେଜଣ ମୃତାହତ ହୋଇଛନ୍ତି ଓ କେତେ କ୍ଷୟକ୍ଷତି ଘଟିଛି, ତାହା ଜଣାଇ ନାହିଁ। ଆକ୍ରମଣ ଜାରି ରହିବା ସହ ଇରାନ ସେନାକୁ ବହୁମୂଲ୍ୟ ଦେବାକୁ ପଡ଼ିବ। ଷ୍ଟ୍ରେଟ୍ ? ଅଫ୍ ? ହର୍ମୁଜ୍ ?ରେ ନିରୀହ ନାଗରିକ ଓ ବ୍ୟବସାୟିକ ଜାହାଜ ଉପରେ ତେହରାନ୍ ?ର ଆକ୍ରମଣ ସାମର୍ଥ୍ୟକୁ କମାଇ ଦିଆଯିବ ବୋଲି ଆମେରିକା ସେନା କହିଛି। ଆମେରିକା ଆକ୍ରମଣର ଜବାବରେ ଇରାନ ପଡ଼ୋଶୀ ବାହାରିନ୍ ? ଓ ଜୋର୍ଡାନ ଉପରେ ଆକ୍ରମଣ କରିବା ସହ ହର୍ମୁଜ୍ ? ଜଳପଥ ଦେଇ ଯାଉଥିବା ୩ଟି ଜାହାଜକୁ ଆକ୍ରମଣ କରିଛି। ଇରାନର ଆଞ୍ଚଳିକ ଜଳସୀମା ବାହାର ଓମାନ ଉପକୂଳ ଦେଇ ଯାତାୟାତ କରୁଥିବା ଜାହାଜଗୁଡ଼ିକୁ ତେହରାନ୍ ? ଟାର୍ଗେଟ କରିଆସୁଛି।

# ଇରାନକୁ ଶକ୍ତ ଆଘାତ: ମୋଜତାବା ଖାମେନେଇଙ୍କୁ ନେଇ ଆଶ୍ଚର୍ଯ୍ୟଜନକ ଦାବି କଲେ ଟ୍ରମ୍ପ, କହିଲେ -'୯୦ ପ୍ରତିଶତ ଶେଷ

ୱାଶିଂଟନ : ଆମେରିକା ଅନେକ ଇରାନୀ ଲକ୍ଷ୍ୟସ୍ଥଳ ଉପରେ ଘାତକ ଆକ୍ରମଣ କରି ଅନେକ କ୍ଷତି ପହଞ୍ଚାଇଛି। ଏହାର କଡ଼ା ଜବାବରେ, ଇରାନ ବିଭିନ୍ନ ଉପସାଗରୀୟ ରାଷ୍ଟ୍ର ଉପରେ ଆକ୍ରମଣ କରିଛି ଏବଂ ଆମେରିକୀୟ ସାମରିକ ପ୍ରତିଷ୍ଠାନକୁ କ୍ଷତିଗ୍ରସ୍ତ କରିଛି। ଏହି ସମୟରେ, ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଦାବି କରିଛନ୍ତି ଯେ ଆମେରିକା ଏବଂ ଇସ୍ରାଏଲ ଦ୍ୱାରା ଆକ୍ରମଣ ପରେ ଇରାନର ସାମରିକ ଶକ୍ତି ପ୍ରଚୁର କ୍ଷତି ହୋଇଛି। ଇରାନର ନୂତନ ସର୍ବୋଚ୍ଚ ନେତା ମୋଜତାବା ଖାମେନେଇଙ୍କ ସମ୍ପର୍କରେ ଟ୍ରମ୍ପ କହିଛନ୍ତି ଯେ ସେ '୯୦ ପ୍ରତିଶତ ଶେଷ'। ଟ୍ରମ୍ପ ଦୃଢ଼ ଭାବରେ କହିଛନ୍ତି ଯେ ଇରାନର ନୌସେନା, ବାୟୁସେନା ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ ପ୍ରାୟ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି, ଏବଂ ଏହାର ଅନେକ ଶୀର୍ଷ ସାମରିକ କମାଣ୍ଡର ନିହତ ହୋଇଛନ୍ତି। ଫକ୍ସ ନ୍ୟୁଜ ସହିତ ଏକ ସାକ୍ଷାତକାରରେ ଟ୍ରମ୍ପ କହିଛନ୍ତି, 'ସେମାନଙ୍କର ଆଉ ନୌସେନା କିମ୍ବା ବାୟୁସେନା ନାହିଁ। ସବୁକିଛି ଶେଷ ହୋଇଯାଇଛି। ସେମାନଙ୍କର ବିମାନ ପ୍ରତିରୋଧୀ କ୍ଷମତା ମଧ୍ୟ ଶେଷ ହୋଇଯାଇଛି। ସେମାନଙ୍କର ସମସ୍ତ ଶୀର୍ଷ ନେତାଙ୍କୁ ହତ୍ୟା କରାଯାଇଛି; ସେମାନଙ୍କର ସର୍ବୋତ୍ତମ ନେତା ଆଉ ନାହାନ୍ତି।' ଟ୍ରମ୍ପ ଇରାନର ସର୍ବୋଚ୍ଚ ନେତାଙ୍କ ପରିବାରକୁ ମଧ୍ୟ ଉଲ୍ଲେଖ କରି କହିଛନ୍ତି ଯେ ଖାମେନେଇ ଚାଲିଯାଇଛନ୍ତି। ସେ ଏହା ପରେ ଦାବି କରିଛନ୍ତି ଯେ ତାଙ୍କ ପୁଅ (ମୋଜତାବା ଖାମେନେଇ) '୯୦ ପ୍ରତିଶତ



ଶେଷ'। ଉଲ୍ଲେଖନୀୟ, ଫେବୃଆରୀ ୨୮ରୁ ମୋଜତାବାଙ୍କୁ ସାଧାରଣରେ ଦେଖାଯାଇନାହିଁ; ଦାବି କରାଯାଇଥିଲା ଯେ ସେ ଆମେରିକାର ଆକ୍ରମଣରେ ଆହତ ହୋଇଥିଲେ। ଏହା ଉଲ୍ଲେଖନୀୟ ଯେ ଆମେରିକା ଏବଂ ଇରାନ ମଧ୍ୟରେ ଯୁଦ୍ଧବିରତି ପାଇଁ ଏକ ଚୁକ୍ତିନାମା ହୋଇଥିଲା, କିନ୍ତୁ ପରବର୍ତ୍ତୀ ସମୟରେ ଏହି ଯୁଦ୍ଧବିରତି ଉଲ୍ଲଂଘନ କରାଯାଇଥିଲା। ଇରାନ ଏହି ପ୍ରସଙ୍ଗକୁ ଜାତିସଂଘରେ ଉଠାଇଛି। ଇରାନୀ ରାଷ୍ଟ୍ରଦୂତ ଇରାଭାନୀ କହିଛନ୍ତି ଯେ ଇସଲାମାବାଦ ବୁଝାମଣାପତ୍ର ସ୍ୱାକ୍ଷର ହେବା ପରଠାରୁ, ଆମେରିକା କେବଳ ନିଜର ପ୍ରତିଶ୍ରୁତି ପୂରଣ କରିବାରେ ବିଫଳ ହୋଇଛି ତାହା ନୁହେଁ ବରଂ ସକ୍ରିୟ ଏବଂ ରୀତିମତ ଭାବରେ ଚୁକ୍ତିନାମାର ମୌଳିକ ନୀତିଗୁଡ଼ିକୁ ମଧ୍ୟ ଦୁର୍ବଳ କରିଛି।

# ହର୍ମୁଜ ପ୍ରଣାଳୀରେ ଦୁଇ ଜାହାଜ ମଧ୍ୟରେ ଭୀଷଣ ଧକ୍କା: ଚୂରମାର ହେଲା

ତେହରାନ : ହର୍ମୁଜ୍ ପ୍ରଣାଳୀରେ ମଙ୍ଗଳବାର ଏକ ବଡ଼ ଦୁର୍ଘଟଣା ହୋଇଛି । ଏକ ବଲ୍କ କ୍ୟାରିଅର୍ ଅନ୍ୟ ଏକ ଜାହାଜ ସହିତ ଧକ୍କା ହୋଇଛି । ଧକ୍କା ଏତେ ଭୟଙ୍କର ଥିଲା ଯେ ଜାହାଜଗୁଡ଼ିକର କିଛି ଅଂଶ ଭାଙ୍ଗି ପାଣି ପଶିଯାଇଥିଲା । ଯାହାଫଳରେ ଏହା ବୁଡ଼ିଯିବା ସ୍ଥିତିକୁ ଚାଲିଆସିଥିଲା। ତେବେ ସଠିକ୍ ସମୟରେ ଇରାନର ଉଦ୍ଧାରକାରୀ ଦଳ ପହଞ୍ଚି ଜାହାଜରେ ଥିବା ସମସ୍ତ ୨୩ ଜଣ ବିଦେଶୀ କ୍ରୁ ସଦସ୍ୟଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରିଛନ୍ତି। ଆମେରିକା ଏବଂ ଇରାନ ମଧ୍ୟରେ ସଂଘର୍ଷ ଯୋଗୁଁ ହର୍ମୁଜ୍ ପ୍ରଣାଳୀ ସମେତ ସମଗ୍ର ମଧ୍ୟପ୍ରାଚ୍ୟରେ ଉତ୍ତେଜନା ଜାରି ରହିଛି । ଇରାନ ଗଣମାଧ୍ୟମର ରିପୋର୍ଟ ଅନୁସାରେ, ହର୍ମୁଜ ପ୍ରଣାଳୀର କ୍ୟୁସମ୍ ଦ୍ୱୀପ (ଛରସ୍ୱଷଙ୍କ ଓସ୍ୱକ୍ଷବଭୟ) ନିକଟରେ ଏହି ଦୁର୍ଘଟଣା ଘଟିଛି। ଜାହାଜରେ ପାଣି ପଶିବା ପରେ କ୍ୟାପଟେନ ସମସ୍ତ କ୍ରୁ ସଦସ୍ୟଙ୍କୁ ତୁରନ୍ତ ଜାହାଜ ଛାଡ଼ିବାକୁ ନିର୍ଦ୍ଦେଶ ଦେଇଥିଲେ। ଖବର ପାଇ ଇରାନର 'ହର୍ମୋଜଗାନ ପ୍ରଦେଶ ସାମୁଦ୍ରିକ ସର୍ଚ୍ଚ ଆଣ୍ଡ ରେସକ୍ୟୁ ସେଣ୍ଟର' ପକ୍ଷରୁ ଏକ ଟଗ୍ ବୋଟ୍ ଓ ପାଇଲଟ୍ ବୋଟ୍ ପଠାଯାଇ ସମସ୍ତ ୨୩ ଜଣ ନାବିକଙ୍କୁ କ୍ୟୁସମ୍ ଦ୍ୱୀପକୁ ସୁରକ୍ଷିତ ସ୍ଥାନାନ୍ତର କରାଯାଇଛି। ତେବେ ଦ୍ୱିତୀୟ ଜାହାଜଟି କେଉଁ ଦେଶର ଏବଂ ଏହି ମୁହାଁମୁହିଁ ଧକ୍କାର ପ୍ରକୃତ କାରଣ କଣ, ସେ ନେଇ ଅଧିକ ତଦନ୍ତ ଜାରି ରହିଛି।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA



# ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଛୁରାମାଡ଼: ଅଭିଯୁକ୍ତ ଗିରଫ

ନିରାକାରପୁର: ପୂର୍ବ ଜମିଜମା ବିବାଦକୁ କେନ୍ଦ୍ରକରି କଣ୍ଟ୍ରୋଲ ଦୋକାନରୁ ଚାଉଳ ନେବା ସମୟରେ ଘଟିଥିଲା ଏକ ସାଙ୍ଘାତିକ ଛୁରାମାଡ଼। ଏହି ଆକ୍ରମଣରେ ତିନି ଜଣ ଗୁରୁତର ହୋଇଥିବା ବେଳେ ପୋଲିସ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର କୋର୍ଟ ଚାଲାଣ କରିଛି। ମିଳିଥିବା ସୂଚନା ଅନୁଯାୟୀ, ଗତ ୨.୭.୨୬ ରିଖ ସକାଳ ପ୍ରାୟ ୯:୩୦ ମିନିଟ୍ ସମୟରେ ବଡ଼ପୋଖରିଆ ଗ୍ରାମର ପ୍ରତାପ ମାନସିଂହ, ହୁଲାଶ ଲେଙ୍କା ଓ ତ୍ରିନାଥ ଲେଙ୍କା ଗ୍ରାମର କଣ୍ଟ୍ରୋଲ ଦୋକାନରୁ ଚାଉଳ ଆଣୁଥିଲେ। ଏହି ସମୟରେ ସେହି ଗ୍ରାମର ଧୋବା ପ୍ରଧାନଙ୍କ ପୁଅ ଧନଞ୍ଜୟ ପ୍ରଧାନ ସେଠାରେ ପହଞ୍ଚି ଏକ ଧାରୁଆ ଛୁରୀରେ ସେମାନଙ୍କୁ ଆତର୍କିତ ଆକ୍ରମଣ କରିଥିଲେ। ଆକ୍ରମଣର ଶିକାର ହୋଇଥିବା ସମସ୍ତ ବ୍ୟକ୍ତି ଏବଂ ଅଭିଯୁକ୍ତ ପରସ୍ପରର ସମ୍ପର୍କୀୟ ଓ ଗୋଟିଏ ପରିବାରର ବୋଲି ଜଣାପଡ଼ିଛି। ପୂର୍ବରୁ ସେମାନଙ୍କ ମଧ୍ୟରେ ଥିବା ଜମିଜମା ବିବାଦକୁ କେନ୍ଦ୍ର କରି ଏହି ଅଭାବନୀୟ କାଣ୍ଡ ଘଟିଥିବା ପୋଲିସ ଆଇଆଇସି ବିଶ୍ୱଜିତ୍ ରାଉତରାୟଙ୍କ ସୂତ୍ରରୁ ପ୍ରକାଶ। ଏହି ସମ୍ପର୍କରେ ପୋଲିସ କେସ୍ ନମ୍ବର ୨୪୨/୨୬ ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ଥିଲା। ମାମଲାର ତଦନ୍ତକାରୀ ଅଧିକାରୀ ଏଏସଆଇ ଗୁପ୍ତ ପ୍ରସାଦ ମହାନ୍ତି ଅଭିଯୁକ୍ତ ଧନଞ୍ଜୟ ପ୍ରଧାନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ସୂଚନା ମିଳିଛି।

### ଖେଳ ପଡ଼ିଆ ନିକଟରେ ସୃଷ୍ଟି ହୋଇଛି ଜଙ୍ଗଲ

# ଛାତ୍ରଛାତ୍ରୀ ଓ ସ୍ଥାନୀୟ କ୍ରୀଡ଼ାବିତ୍ ଆତଙ୍କିତ, ସଫେଇ ପାଇଁ ଦାବି

ନିରାକାରପୁର: ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ସ୍ଥିତ କ୍ଷେତ୍ରବାସୀ ଡି.ଏ.ଭି ମହାବିଦ୍ୟାଳୟ ପରିସରରେ ଏବେ ଦେଖାଦେଇଛି ଏକ ଗମ୍ଭୀର ସମସ୍ୟା। କଲେଜର ବିକାଶ ପାଇଁ ବର୍ତ୍ତମାନ କୋଟି କୋଟି ଟଙ୍କା ବ୍ୟୟ ବରାଦରେ ନୂତନ ଶ୍ରେଣୀ ଗୃହ ଓ ଅଡିଟୋରିଅମ ନିର୍ମାଣ କାର୍ଯ୍ୟ ଚାଲୁ ରହିଥିବା ବେଳେ, ଅନ୍ୟପଟେ କଲେଜ ଖେଳ ପଡ଼ିଆର ଏକ ବଡ଼ ଅଂଶ ଅବହେଳିତ ଅବସ୍ଥାରେ ପଡ଼ି ରହିଛି। ବିଶେଷ କରି ପଡ଼ିଆର ପୂର୍ବ ପାର୍ଶ୍ୱ ଏବେ ଘଞ୍ଚ ଜଙ୍ଗଲରେ ପରିଣତ ହୋଇ ବିଷାକ୍ତ ସରୀସୃପଙ୍କ ଆଡ୍ଡାସ୍ଥଳ ପାଲଟିଛି, ଯାହାକୁ ନେଇ ଛାତ୍ରଛାତ୍ରୀ ଏବଂ ସ୍ଥାନୀୟ ପିଲାମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଓ ଭୟର ବାତାବରଣ ସୃଷ୍ଟି ହୋଇଛି। ସ୍ଥାନୀୟ ଲୋକ ଓ ଛାତ୍ରଛାତ୍ରୀଙ୍କ ଅଭିଯୋଗ ଅନୁଯାୟୀ, ବହୁ ପୂର୍ବରୁ କଲେଜର ପୁରୁଣା ଗୃହ ଭଙ୍ଗାଯିବା ସମୟରେ ବାହାରିଥିବା ପଥର ଓ ଅନ୍ୟାନ୍ୟ ନିର୍ମାଣ ସାମଗ୍ରୀକୁ ଆଣି ଖେଳ ପଡ଼ିଆର ପୂର୍ବ ପାର୍ଶ୍ୱରେ ପରିତ୍ୟକ୍ତ ଭାବେ ପକାଇ ଦିଆଯାଇଥିଲା। ଦୀର୍ଘ ଦିନ ଧରି ଏଗୁଡ଼ିକୁ ସେଠାରୁ ହଟା ନଯିବାରୁ ସେହି ସ୍ଥାନରେ ଘଞ୍ଚ ଜଙ୍ଗଲ ଭଳି ଗଛଲତା ଓ ବୁଦା ସୃଷ୍ଟି ହୋଇଛି। ଏହି ଅନାବନା ଗଛଲତା ମଧ୍ୟରେ ବହୁ ସଂଖ୍ୟାରେ ନାଗ, ଚିତି ଭଳି ବିଷାକ୍ତ ସରୀସୃପ ବାସ କରୁଥିବା ଦେଖିବାକୁ ମିଳୁଛି।ଏହି ପଡ଼ିଆରେ ନିୟମିତ ଭାବେ କଲେଜର ଛାତ୍ରଛାତ୍ରୀ ଓ ସ୍ଥାନୀୟ ଅଞ୍ଚଳର ଯୁବକମାନେ ଫୁଟବଲ୍, କ୍ରିକେଟ୍ ଆଦି ଖେଳିବା ସହ କ୍ରୀଡ଼ା ପ୍ରଶିକ୍ଷଣ ନେଇଥାନ୍ତି। ମାତ୍ର ଖେଳୁଥିବା ସମୟରେ ବହୁ ସମୟରେ ବଲ୍‌ଟି ଉକ୍ତ ଜଙ୍ଗଲିଆ ବୁଦା ଭିତରକୁ ଚାଲିଯାଉଛି। ସରୀସୃପ କାମୁଡ଼ିବା ଭୟରେ ପିଲାମାନେ ସେହି ସ୍ଥାନକୁ ଯିବାକୁ ସାହସ କରୁନାହାନ୍ତି, ଯାହାଫଳରେ ସେମାନଙ୍କ ଖେଳରେ ବ୍ୟାଘାତ ସୃଷ୍ଟି ହେଉଛି। କେବଳ ସେତିକି ନୁହେଁ, ପଡ଼ିଆ କଡ଼ରେ ଯାତାୟାତ କରୁଥିବା ପଥଚାରୀ ଓ ଛାତ୍ରଛାତ୍ରୀଙ୍କ ଜୀବନ ପ୍ରତି ମଧ୍ୟ ଏହା ବଡ଼ ବିପଦ ସଦୃଶ ହୋଇଛି। ମହାବିଦ୍ୟାଳୟର ସାମଗ୍ରିକ ବିକାଶ ହେଉଥିବା ବେଳେ ଖେଳ ପଡ଼ିଆ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଏଭଳି ଅପରିଷ୍କାର ଓ ବିପଦପୂର୍ଣ୍ଣ କରି ରଖାଯିବା ନିନ୍ଦନୀୟ ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି। ଛାତ୍ରଛାତ୍ରୀଙ୍କ ନିରାପଦ ଚଳପ୍ରଚଳ ଓ ଅବାଧରେ କ୍ରୀଡ଼ା ପ୍ରଶିକ୍ଷଣ ପାଇଁ କଲେଜ କର୍ତ୍ତୃପକ୍ଷ ତୁରନ୍ତ ଏହି ଜଙ୍ଗଲିଆ ସ୍ଥାନକୁ ସଫା କରିବା ସହ ପରିତ୍ୟକ୍ତ ପଥରଗୁଡ଼ିକୁ ସେଠାରୁ ହଟାଇବାକୁ ସାଧାରଣରେ ଦୃଢ଼ ଦାବି ହେଉଛି।

# ପନିପରିବା ଦର ଆକାଶଛୁଆଁ: ଚିନ୍ତାରେ ସାଧାରଣ ଲୋକେ

ସୋନପୁର : ସ୍ଥାନୀୟ ବଜାରରେ ଏବେ ପନିପରିବା ଦରରେ ନିଆଁ ଲାଗିଛି। ହୁ ହୁ ହୋଇ ବଢିଚାଲିଛି ନିତିଦିନିଆ ପରିବା ଦର। ପନିପରିବା ଦର ଏବେ ଆକାଶ ଛୁଆଁ ହୋଇଥିବା ବେଳେ ସାଧାରଣ ଖାଉଟି ଓ ମଧ୍ୟବିତ୍ତ ପରିବାର ଚିନ୍ତାରେ ପଡ଼ିଯାଇଛନ୍ତି। ବଜାରକୁ ୫୦୦ ଟଙ୍କା ନେଇ ଗଲେ ବି ମୁଣା ପୁରୁନାହିଁ, ଯାହା ଫଳରେ ରୋଷେଇ ଘରର ବଜେଟ୍ ସମ୍ପୂର୍ଣ୍ଣ ବିଗିଡ଼ି ଯାଇଛି। ବର୍ତ୍ତମାନ ବଜାରରେ ପରିବା ଦର ଶୁଣିଲେ ଲୋକଙ୍କ ହୋସ୍ ଉଡିଯାଉଛି। ତାଲିକାରେ ସବୁଠାରୁ ଉପରେ ରହିଛି କାଙ୍କଡ଼ (କଷି) କିଲୋ ପ୍ରତି ୩୫୦ରୁ ୪୦୦ ଟଙ୍କା ଛୁଇଁଥିବା ବେଳେ, ବିନ୍ସ, ରସୁଣ ଏବଂ ଲଙ୍କା କିଲୋ ପ୍ରତି ୨୦୦ ଟଙ୍କାରେ ବିକ୍ରି ହେଉଛି। ସେହିପରି ରୋଷେଇ ପାଇଁ ଅତ୍ୟାବଶ୍ୟକ ଅଦା ଦର ୧୬୦ ଟଙ୍କାରେ ପହଞ୍ଚିଥିବା ବେଳେ ଫୁଲକୋବି, ଗାଜର ଏବଂ ସିମିଳା ଲଙ୍କା କିଲୋ ପିଛା ୧୦୦ ଟଙ୍କାରେ ବିକ୍ରି ହେଉଛି। ଦୈନନ୍ଦିନ ଖାଦ୍ୟରେ ବ୍ୟବହୃତ ଅନ୍ୟାନ୍ୟ ପରିବା ମଧ୍ୟ ସାଧାରଣ ଲୋକଙ୍କ ପକେଟ୍ ଉପରେ ଭାରି ପଡୁଛି। ବଜାରରେ ଶାଗ, ଭେଣ୍ଡି ଓ କଲରା କିଲୋ ପ୍ରତି ୮୦ ଟଙ୍କା ରହିଛି। ଅନ୍ୟପଟେ ପୋଟଳ ୬୦, କାନ୍ଦୁରୁ ୬୦, ଝୁଡ଼ଙ୍ଗ ୬୦ ଏବଂ ଲାଉ (ଲକି) ଦର ୬୦ ଟଙ୍କାରେ ପହଞ୍ଚିଛି। ଅପେକ୍ଷାକୃତ ଶସ୍ତା ଭାବେ ଗଣାଯାଉଥିବା ବନ୍ଧାକୋବି, ପାତାଳଘଣ୍ଟା (ଟମାଟୋ) ଓ ବାଇଗଣ କିଲୋ ପ୍ରତି ୫୦ ଟଙ୍କାରେ ମିଳୁଛି, ଯାହାକି ସ୍ୱାଭାବିକ ସମୟ ତୁଳନାରେ ଯଥେଷ୍ଟ ଅଧିକ ଅଟେ।ଆମଦାନୀ କମିବା ଏବଂ



ପରିବହନ ଖର୍ଚ୍ଚ ବୃଦ୍ଧିର ଆଳ ଦେଖାଇ ବ୍ୟବସାୟୀମାନେ ଚଢ଼ା ଦରରେ ପନିପରିବା ବିକ୍ରି କରୁଥିବା ଗ୍ରାହକମାନେ ଅଭିଯୋଗ କରିଛନ୍ତି। ବଜାର ଦର ଉପରେ ପ୍ରଶାସନର କୌଣସି ଅଙ୍କୁଶ ନଥିବାରୁ ଏଭଳି ସ୍ଥିତି ଉପୁଜିଛି ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ସମ୍ପୃକ୍ତ ବିଭାଗ ତୁରନ୍ତ ବଜାର ଉପରେ ଚଢ଼ାଉ କରି କଳାବଜାରୀ ରୋକିବା ସହ ଦରଦାମ୍ ଉପରେ ନିୟନ୍ତ୍ରଣ ଆଣିବାକୁ ସାଧାରଣରେ ଦାବି ହେଉଛି।

# ମିନିଗାଁ ଗୁଡା ଗ୍ରାମ: ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକ

କାଶୀନଗର(ନିପ୍ର): କାଶୀନଗର ବ୍ଲକ ଅନ୍ତର୍ଗତ କେ ସୀତାପୁର ପଞ୍ଚାୟତ ଅଧୀନରେ ଥିବା ନିମିଗାଁ ଗୁଡା ଗ୍ରାମରେ ଦୀର୍ଘ ଦିନ ହେଲା ରାଜ ରାସ୍ତାକୁ ସଂଯୋଗୀ କରଣ ପାଇଁ ଗ୍ରାମବାସୀ ମାନେ ଦାବୀ ଜଣେଇ ଅସୁଥିଲେ। ପ୍ରଶାସନ ସେମାନଙ୍କ ଦାବୀକୁ ଗୁରୁତ୍ୱ ନ ଦେବାରୁ କିଛି ଦିନ ପୂର୍ବରୁ ଗ୍ରାମବାସୀମାନେ ଏକ ହୋଇ ନିଜେ ରାସ୍ତା ପକେଇବା ପାଇଁ ଅଗ୍ରସର ହୋଇ କାମ ଆରମ୍ଭ କରିଥିଲେ। ଏହି ସମୟରେ ଯେହେତୁ ଯେଉଁ ସ୍ଥାନରେ ରାସ୍ତା ହେବ ତାହା ବେସରକାରୀ ସ୍ଥାନ ହୋଇଥିବାରୁ ରାସ୍ତା କାମକୁ ବିରୋଧ କରି ଗ୍ରାମବାସୀ ଜମି ମାଲିକ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଥିବା ମଧ୍ୟ ସୂଚନା ମିଳୁଛି। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ପ୍ରଶାସନିକ ଅଧିକାରୀ ଅତିରିକ୍ତ ତହସିଲଦାର କେ. ଦିବ୍ୟ ରଞ୍ଜନ ଓ ଥାନା ଅଧିକାରୀ ତ୍ରିନାଥ ସେଠିଙ୍କ ଉପସ୍ଥିତିରେ ନିମିଗାଁ ଗ୍ରାମ ଠାରୁ ନିମିଗାଁ ଗୁଡା ଗ୍ରାମ ଯାଏଁ ରାସ୍ତା ପାଇଁ ଜମି ମାପ ପ୍ରକ୍ରିୟା ହୋଇଥିଲା। ଏହି ଜମି ମଧ୍ୟରେ କିଛି ଦିନ ପୂର୍ବେ ବୃକ୍ଷ ରୋପଣ କରାଯାଇ ଥିଲା ବୋଲି ସ୍ଥାନୀୟ ସରପଞ୍ଚ କେ ତେଜେଶ୍ୱର ରାଓ ସୂଚନା ଦେଇ ରାସ୍ତା କାମକୁ ବିରୋଧ ନ କରି ଯେଉଁ ସବୁ ବୃକ୍ଷ ନଷ୍ଟ ହୋଇଛି ତାହାକୁ ବିରୋଧ କରିଥିବା ସେ କହିଥିଲେ। ଆଜି ଗ୍ରାମବାସୀମାନେ ଏକଜୁଟ ହୋଇ ମିନିଗାଁ ଗୁଡା ଗ୍ରାମକୁ ଏକ ସବୁଦିନିଆ ରାସ୍ତା ଯାହାକି ଦୀର୍ଘ ୪ ବର୍ଷ ହେଲା ଦାବି କରି ଆସୁଛନ୍ତି ଏବଂ ଶୀଘ୍ର ରାସ୍ତା ନିର୍ମାଣ ପାଇଁ ଆଜି ପାରଳାଖେମୁଣ୍ଡି ଠାରୁ ଗୁଣୁପୁର ମୁଖ୍ୟ ରାସ୍ତା କିଛି ସମୟ ପାଇଁ ଅବରୋଧ କରିଥିଲେ। ସ୍ଥାନୀୟ ଥାନା ଅଧିକାରୀ ଶ୍ରୀ ସେଠି ଗ୍ରାମବାସୀଙ୍କୁ ବୁଝାସୁଝା କରି ରାସ୍ତାରୁ ହଟେଇ ଥିବା ସୂଚନା ମିଳିଛି।



# ବିଦ୍ୟାଳୟରେ ରୋଷେଇ କରି ଖାଇବାଦେବାକୁ ଦାବି

ବେଲଗୁଣ୍ଠା: ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟକୁ ଆକୃଷ୍ଟ କରିବା ସହିତ ସେମାନଙ୍କୁ ଆବଶ୍ୟକ ପୋଷଣ ଯୋଗାଇ ଦେବା ଉଦ୍ଦେଶ୍ୟରେ ପ୍ରତି ସରକାରୀ ସ୍କୁଲରେ ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ସରକାର ଯୋଗାଇଦେଉଛନ୍ତି ଉନ୍ନତ ମାନର ମଧ୍ୟାହ୍ନ ଭୋଜନ । ଗଞ୍ଜାମ ଜିଲ୍ଲାର ସବୁଠି ସ୍କୁଲ ଭିତରେ ନିଯୁକ୍ତ ପାଚିକା ମାନଙ୍କ ଦ୍ୱାରା ମଧ୍ୟାହ୍ନ ଭୋଜନ ରୋଷେଇ ହେଉଥିବା ବେଳେ କେବଳ ବେଲଗୁଣ୍ଠା ବ୍ଲକରେ ମହିଳା ସଂଚରିକା ଗୋଷ୍ଠୀ ରନ୍ଧା ଖାଦ୍ୟ ବଣ୍ଟନ କରୁଛି । କିନ୍ତୁ ବିଭିନ୍ନ ସମୟରେ ଅଭିଯୋଗ ହୋଇ ଆସୁଛି ଯେ ଏହି ଗୋଷ୍ଠୀ ଅତି ନିମ୍ନ ମାନର ଖାଦ୍ୟ ବଣ୍ଟନ କରି କୋଟି କୋଟି ଟଙ୍କା ହରିଲୁଟ୍ କରୁଛି। ବେଲଗୁଣ୍ଠା ବ୍ଲକ୍‌ରେ ସେଣ୍ଟ୍ରାଲ କିଚେନରୁ ପ୍ରତିଦିନ ଗାଡ଼ିରେ ଲୋଡ୍ ହୋଇ ପ୍ରତି ସ୍କୁଲରେ ପହଞ୍ଚୁଛି ରନ୍ଧା ଖାଦ୍ୟ। ପାଚିକାମାନେ ରନ୍ଧା ଖାଦ୍ୟ ପିଲାଙ୍କୁ ବଣ୍ଟନ କରୁଛନ୍ତି। କିନ୍ତୁ ଛାତ୍ରଛାତ୍ରୀଙ୍କୁ ରୁଚୁନି ଟାଣ ଭାତକୁ ପାଣିଆ ତରକାରୀ। ପିଲାଏ ଅଳ୍ପ ଖାଉଛନ୍ତି ଅଧିକ ଫୋପାଡୁଛନ୍ତି। ସ୍କୁଲର ଅଧିକାଂଶ ପିଲାଏ ଘରୁ ଆଣିଥିବା ଟିଫିନ୍ ଖାଦ୍ୟ ବସି ଖାଉଛନ୍ତି। ଏ ଅଭାବନୀୟ ଦୃଶ୍ୟ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକର ବିଭିନ୍ନ ସ୍କୁଲରେ ଦେଖିବାକୁ ମିଳୁଛି । ଗୋଠଳି ଗାଁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୨୦ ରୁ ଅଧିକ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ପ୍ରତିଦିନ ସେମାନଙ୍କ ପାଇଁ ରନ୍ଧା ଖାଦ୍ୟ ଆସୁଛି।ହେଲେ ପିଲାଏ ଖାଇବାକୁ ଆସୁନଥିବାରୁ ପାଚିକା ମାନେ ଡାକି ଡାକି ପିଲାଙ୍କୁ ଖାଦ୍ୟ ବାଢ଼ି ଦେଉଛନ୍ତି ।ରନ୍ଧାଖାଦ୍ୟ ଅତି ନିମ୍ନ ମାନର ହୋଇଥିବାରୁ ପିଲାଏ ଗୁଣ୍ଡାଏ ଖାଇ ସବୁତକ ତଳେ ଢାଳି ଦେଉଥିବା ଦେଖିବାକୁ ମିଳିଛି । ଟାଣ ଭାତ ସାଙ୍ଗକୁ ପାଣିଆ ଡାଲି ଖାଇଲେ ଦେହ ଖରାପ ହେଉଛି। ସେଥିପାଇଁ ବାଧ୍ୟହୋଇ ଘରୁ ଆଣିଥିବା ଖାଦ୍ୟ ଖାଉଛନ୍ତି ଛାତ୍ର ଛାତ୍ରୀ ।ସ୍କୁଲରେ ନିଯୁକ୍ତି ପାଇଥିବା ପାଚିକା ଓ ସହାୟିକା ମାନେ ରୋଷେଇ ନକରି କେବଳ ଦରମା ପାଉଥିବା କହିଛନ୍ତି । ତେଣୁ ପୂର୍ବଭଳି ବିଦ୍ୟାଳୟରେ ରୋଷେଇ କରି ଖାଦ୍ୟ ବଣ୍ଟନ କରିବାକୁ ଦାବି ହୋଇଛି ।



# ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଲେ ବିଜେପି ମଣ୍ଡଳ ସଭାପତି

ଲୋଇସିଂହା: ଲୋଇସିଂହା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ୩୪ ନଂ ଜିଲ୍ଲା ପରିଷଦ ଜୋନ୍ ଏବେ ଉନ୍ନତି ପଥରେ ଆଗେଇ ଚାଲିଛି । ଶିକ୍ଷା, ସ୍ୱାସ୍ଥ୍ୟ, ରାସ୍ତା, ଖେଳକୁଦ, କୃଷି ସମେତ ଅନେକ କ୍ଷେତ୍ରରେ ବ୍ୟାପକ ସଫଳତା ପାଇଛି । ପାନୀୟ ଜଳର ଅଭାବ ପରିଲକ୍ଷିତ ହେଉଥିବା ବୁରୋମୁଣ୍ଡା ଗ୍ରାମବାସୀଙ୍କ ପାଇଁ ୨.୫ କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁରୀ ପାଇଥିବା ବେଳେ ବୁରୋମୁଣ୍ଡା ସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟକୁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କରି ଶିକ୍ଷା କ୍ଷେତ୍ରରେ ଏକ ବଡ ସମସ୍ୟା ଦୂର କରାଯାଇ ପାରିଛି ବୋଲି କୁଶମେଲ ମଣ୍ଡଳ ବିଜେପି ସଭାପତି ରାମ ପ୍ରସାଦ ସାହୁ (ମଣ୍ଟୁ) ଏକ ପ୍ରେସ ବିଜ୍ଞପ୍ତିରେ କହିଛନ୍ତି । ଏନେଇ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟମନ୍ତ୍ରୀ ଡ ମୁକେଶ ମହାଲିଙ୍ଗଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଶ୍ରୀ ସାହୁଙ୍କ ସୂଚନା ମୁତାବକ, ଡ. ମହାଲିଙ୍ଗ ୨୦୧୯ରୁ ୨୦୨୪ ପର୍ଯ୍ୟନ୍ତ ବିଧାୟକ ଥିବା ବେଳେ ଏବେ ୨୦୨୪ରୁ କ୍ୟାବିନେଟ୍ ମନ୍ତ୍ରୀ ଅଛନ୍ତି । ଏକଦା ବନ୍ଦ ହେବାକୁ ଯାଉଥିବା ବୁରୋମୁଣ୍ଡା ସରକାରୀ ବିଦ୍ୟାଳୟକୁ ବ୍ଲକରେ ଚଳିତ ଶିକ୍ଷାବର୍ଷରୁ ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମାନ୍ୟତା ମିଳିଛି । ଏନେଇ ବୁରୋମୁଣ୍ଡା ଗ୍ରାମବାସୀ ଖୁସି ବ୍ୟକ୍ତ କରିଥିବା ବେଳେ ଡ. ମହାଲିଙ୍ଗଙ୍କୁ ଏହାର ସମସ୍ତ ଶ୍ରେୟ ଦେଇଛନ୍ତି। ଏଥିସହିତ ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ପ୍ରାୟ ୨.୫ କୋଟି ଟଙ୍କା ବ୍ୟୟରେ ଏକ ପାନୀୟ ଜଳ ଯୋଗାଣ ପ୍ରକଳ୍ପ ମଞ୍ଜୁରୀ ହୋଇଛି ।

# ସବୁଠି ଭିଡ଼ : ଟ୍ରାଫିକ ସମାଧାନ ବ୍ୟବସ୍ଥା ଆଲୋଚନାରେ ଲଟକିଛି

ହିଞ୍ଜିଳିକାଟୁ : ଗଞ୍ଜାମ ଜିଲ୍ଲାର ୨ୟ ବୃହତ୍ତମ ସହର ଭାବେ ପରିଗଣିତ ହିଞ୍ଜିଳିକାଟୁ ପୌରାଞ୍ଚଳରେ ଦିନକୁ ଦିନ ଟ୍ରାଫିକ ସମସ୍ୟା ଅଣାୟତ ହେବାରେ ଲାଗିଛି। ଏହାକୁ ନେଇ ବିଦ୍ୟାଳୟରେ ରୋଷେଇ କରି ଖାଇବାଦେବାକୁ ଦାବି ମିନିଗାଁ ଗୁଡା ଗ୍ରାମ: ରାସ୍ତା ନିର୍ମାଣ ଦାବିରେ ରାସ୍ତାରୋକ ସାଧାରଣରେ ଚାପା ଅସନ୍ତୋଷ ପ୍ରକାଶ ପାଇଛି । ଖୋଲାଖୋଲି ଭାବେ ସଡ଼କ ନିୟମକୁ ଉଲଘଂନ କରି ଯାନବାହାନ ଗୁଡିକ ରାସ୍ତାରେ ପାର୍କିଂ କରିବା ନିୟମିତ ଅଭ୍ୟାସ ପାଲଟି ଯାଇଛି । ରାସ୍ତା ସଙ୍କୋଚନ କାରଣରୁ ସହରର ଟ୍ରାଫିକ ସମସ୍ୟା ବିପର୍ଯ୍ୟସ୍ତ ହୋଇପଡିଛି । ବିଶେଷକରି ସହରର ମୁଖ୍ୟ ଛକ ଗୁଡ଼ିକରେ ଏଭଳି ଅବ୍ୟବସ୍ଥିତ ପରିସ୍ଥିତ ସୃଷ୍ଟି ହେଉଛି। କିନ୍ତୁ ସମସ୍ୟାର ସମାଧାନ ପାଇଁ ତାଳିପକା ପଦକ୍ଷେପ ଯୋଗୁଁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି । ଟ୍ରାଫିକ ସମସ୍ୟା ସୁଧାରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସିସିଟିଭି କ୍ୟାମେରା ଓ ଟ୍ରାଫିକ ପୋଲିସ ମୃତୟନ କରାଯାଉଛି। ପରିତାପର ବିଷୟ ହିଞ୍ଜିଳିକାଟୁ ପୌରାଞ୍ଚଳରେ ଟ୍ରାଫିକ ବ୍ୟବସ୍ଥା ସ୍ଥିତି ଗମ୍ଭୀର ହୋଇଥିବା ସତ୍ତ୍ୱେ କୌଣସି ପ୍ରକାର ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାନଯିବା ଅତ୍ୟନ୍ତ ଦୁର୍ଭାଗ୍ୟର ବିଷୟ । ୫୯ ନଂ ଜାତୀୟ ରାଜପଥ ତଥା ହିଞ୍ଜିଳିକାଟୁ ପୌରାଞ୍ଚଳର ମୁଖ୍ୟ ରାସ୍ତା ବଇଁଚବଣିଆ ଛକ ଠାରୁ ଆରଏମସି ଛକ ପର୍ଯ୍ୟନ୍ତ ସଦାସର୍ବଦା ଭିଡ ଜମୁଛି। ସହରର ବଇଁଚବଣିଆ, ଲକ୍ଷ୍ମୀ ବଜାର, ବିଜୁ ପଟ୍ଟନାୟକ ଛକ, ବସ ଟର୍ମିନାଲ, ତାରାତାରିଣୀ ରୋଡ଼, ବ୍ଲକ ଛକରେ ଟ୍ରାଫିକ ସମସ୍ୟା ଗୁରୁତର ରହିଥିବା ବେଳେ ଉକ୍ତ ସ୍ଥାନ ଗୁଡିକରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ କୌଣସି ବ୍ୟବସ୍ଥା ନାହିଁ। ସହରର ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱରେ ବହୁ ବ୍ୟବସାୟିକ ପ୍ରତିଷ୍ଠାନ ସମେତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟାଳୟ ରହିଛି । ରାତି ପାହିଲେ ସହରକୁ ଆସୁଥିବା ଅଧିକାଂଶ ଲୋକେ ନିଜ ନିଜର ଗାଡ଼ି ମୋଟରକୁ ବେଆଇନ ଭାବେ ମନଇଚ୍ଛା ପାର୍କିଂ କରିବା ଦେଖା ଯାଇଛି। ସ୍ଥାନୀୟ ସହର ମଧ୍ୟରେ କୌଣସି ନିର୍ଦ୍ଦିଷ୍ଟ ସ୍ଥାନକୁ ପାର୍କିଂ ଭାବେ ରହିନଥିବା ଯୋଗୁଁ ବହୁ ସମୟରେ ମୋଟର ସାଇକେଲ ସମେତ ୪ ଓ ୬ ଚକିଆ ଗାଡି ଗୁଡିକ ଜାତୀୟ ରାଜପଥ ପ୍ୱାର୍ଶ୍ୱରେ ଘଣ୍ଟା ଘଣ୍ଟା ଧରି ବେଆଇନ ଭାବେ ପାର୍କିଂ କରିଥାନ୍ତି ।ଯଦ୍ୱାରା ସହର ମଧ୍ୟରେ ଯାନବାହନ ଚଳାଚଳରେ ଅସୁବିଧା ଦେଖାଦେବା ସହ ସହର ମଧ୍ୟରେ ଗୁରୁତର ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି । ଗତ କିଛି ଦିନ ତଳେ ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୌରପରିଷଦ ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ପ୍ରମୁଖ କାରଣ ଗୁଡିକୁ ତର୍ଜମା କରାଯାଇ ସମାଧାନ ଦିଗରେ ପ୍ରସ୍ତାବ ମାନ ଆଗତ ହୋଇଥିଲା। କିନ୍ତୁ କାଗଜ କଲମରେ ସୀମିତ ରହିଗଲା ସିନା ଟ୍ରାଫିକ ସମସ୍ୟା ପୂର୍ବଭଳି ବଳବତ୍ତର ରହିଛି। ଏଣେ ଟ୍ରାଫିକ ସମସ୍ୟାରେ ଅଣନିଃଶ୍ୱାସୀ ହୋଇ ଯାଆସ କରୁଥିବା ସାଧାରଣ ଲୋକଙ୍କର ଧନଜୀବନ କେବେ କେମିତି ମରଣ ମୁହଁରୁ ବର୍ତ୍ତି ଯାଇଥିବା ଭଳି ପରିସ୍ଥିତି ସୃଷ୍ଟି ହୋଇଛି। ଫଳରେ ଟ୍ରାଫିକ ସମସ୍ୟାର ସମାଧାନ ସାଧାରଣ ଲୋକଙ୍କ ପାଇଁ କେବଳ ଆଲୋଚନାରେ ଲଟକି ରହିଛି।



### ବଲାଙ୍ଗୀର ଅମୃତ ଭାରତ ଷ୍ଟେସନ

# ପରିବର୍ତ୍ତନର ଏକ ନୂତନ ଯାତ୍ରା: ଆଧୁନିକତା ଓ ଐତିହ୍ୟର ସମନ୍ୱୟ

ବଲାଙ୍ଗୀର: ବଲାଙ୍ଗୀର ଜିଲ୍ଲାର ବଲାଙ୍ଗିର ରେଳ ଷ୍ଟେସନକୁ ‘ଅମୃତ ଭାରତ ଷ୍ଟେସନ ଯୋଜନା’ ଅଧୀନରେ ଏକ ଆଧୁନିକ ଏବଂ ଯାତ୍ରୀ-ଅନୁକୂଳ ରେଳ ଷ୍ଟେସନରେ ରୂପାନ୍ତରିତ କରାଯାଇଛି। ଏହା ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀଙ୍କ ଦୂରଦୃଷ୍ଟିକୁ ପ୍ରତିଫଳିତ କରୁଛି, ଯେଉଁଥିରେ ସ୍ଥାନୀୟ ପରମ୍ପରାକୁ ଅକ୍ଷୁର୍ଣ୍ଣ ରଖି ରେଳ ଷ୍ଟେସନଗୁଡ଼ିକୁ ବିଶ୍ୱସ୍ତରୀୟ, ଅନ୍ତର୍ଭୁକ୍ତ ଏବଂ ଭବିଷ୍ୟତ ପାଇଁ ପ୍ରସ୍ତୁତ ପରିବହନ କେନ୍ଦ୍ର ଭାବରେ ବିକଶିତ କରିବାର ଲକ୍ଷ୍ୟ ରଖାଯାଇଛି। ପ୍ରାୟ ୨୦ କୋଟି ଟଙ୍କା ବ୍ୟୟରେ ପୁନର୍ନିର୍ମାଣ ଏହି ଉନ୍ନତ ବଲାଙ୍ଗୀର ଷ୍ଟେସନରେ ଆଧୁନିକ ଯାତ୍ରୀ ସୁବିଧା ସହିତ ପଶ୍ଚିମ ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ପରିଚୟର ମିଶ୍ରଣ ଦେଖିବାକୁ ମିଳୁଛି। ଏହି ପ୍ରକଳ୍ପ ଦ୍ୱାରା ରେଳ ସଂଯୋଗୀକରଣକୁ ଯଥେଷ୍ଟ ମଜଭୁତ କରିବା ସହ ଯାତ୍ରୀଙ୍କ ସୁବିଧା ବୃଦ୍ଧି ଏବଂ ଏହି ଅଞ୍ଚଳର ସାମାଜିକ-ଅର୍ଥନୈତିକ ବିକାଶରେ ସହାୟକ ହେବ ବୋଲି ଆଶା କରାଯାଉଛି। ଷ୍ଟେସନକୁ ବ୍ୟାପକ ଭାବରେ ଉନ୍ନତ କରାଯାଇଛି, ଯେଉଁଥିରେ ଏକ ନୂତନ ଷ୍ଟେସନ ଭବନ , ବାଧାମୁକ୍ତ ପ୍ରବେଶ ପାଇଁ ଲିଫ୍ଟ ସୁବିଧା ସହ ୧୨ ମିଟର ଓସାରର ଫୁଟ୍ ଓଭର ବ୍ରିଜ୍ ଏବଂ ଗାଡ଼ି ଚଳାଚଳକୁ ସୁଗମ କରିବା ପାଇଁ ପ୍ରବେଶ ପଥକୁ ଚଉଡ଼ା କରାଯାଇଛି। ଅନ୍ୟାନ୍ୟ ପ୍ରମୁଖ ସୁଧାର ମଧ୍ୟରେ ଉନ୍ନତ ପ୍ଲାଟଫର୍ମ ଏବଂ ପ୍ଲାଟଫର୍ମ ସେଲ୍ଟର, ଅପଗ୍ରେଡ୍ ହୋଇଥିବା ଅପେକ୍ଷା ସ୍ଥଳୀ, ଆଧୁନିକ ଶୌଚାଳୟ ସୁବିଧା ଏବଂ ଯାତ୍ରୀଙ୍କ ସୁବିଧା ଓ ସହଜ ଯାତାୟାତ ପାଇଁ ଯାତ୍ରୀ ସୂଚନା ସଂକେତ ବ୍ୟବସ୍ଥା ରହିଛି। ସୁଗମ ଯାତାୟାତ ପାଇଁ ସର୍କୁଲେଟିଂ ଏବଂ ପାର୍କିଂ ଅଞ୍ଚଳଗୁଡ଼ିକୁ ମଧ୍ୟ ସତର୍କତାର ସହ ନବୀକରଣ କରାଯାଇଛି। ଏହି ଅଞ୍ଚଳର ସାଂସ୍କୃତିକ ଐତିହ୍ୟକୁ ପାଳନ କରି, ଷ୍ଟେସନର ସ୍ଥାପତ୍ୟ ଡିଜାଇନରେ ବଲାଙ୍ଗୀରର ସମୃଦ୍ଧ ଐତିହ୍ୟରୁ ଅନୁପ୍ରାଣିତ ହୋଇ ସମ୍ବଲପୁରୀ ହସ୍ତତନ୍ତ, ପାରମ୍ପରିକ ଢୋକ୍ରା ଧାତୁ କଳା ଏବଂ ସ୍ୱତନ୍ତ୍ର ଆଦିବାସୀ କଳାର ମୋଟିଫ୍‌ଗୁଡ଼ିକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ମିଶ୍ରଣ ଷ୍ଟେସନକୁ ଏକ ସ୍ୱତନ୍ତ୍ର ସ୍ଥାନୀୟ ପରିଚୟ ଦେଇଛି, ଯାହା ଏହାକୁ ପଶ୍ଚିମ ଓଡ଼ିଶାର ଜୀବନ୍ତ ସାଂସ୍କୃତିକ ଆତ୍ମାକୁ ପ୍ରଦର୍ଶନ କରୁଥିବା ଏକ ପ୍ରବେଶ ପଥରେ ପରିଣତ କରିଛି।

# ୩୬ ଘଣ୍ଟିଆ ଉପବାସ ଭଙ୍ଗକଲେ ଜିଲ୍ଲା କଂଗ୍ରେସ ସଭାପତି

ଦେବଗଡ : ଦେବଗଡ଼ ସହର ମଧ୍ୟସ୍ଥଳରେ ଥିବା ଡାକ୍ତରଖାନା (ପୁରୁଣା ଜିଲା ମୁଖ୍ୟ ଚିକିତ୍ସାଳୟ)କୁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମାନ୍ୟତା ପ୍ରଦାନ ସମେତ ୧୦ ଦଫା ଦାବିରେ ଦେବଗଡ ଜିଲା କଂଗ୍ରେସ ସଭାପତି ସେମ ହେମ୍ବ୍ରମ ମଙ୍ଗଳବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ୩୬ ଘଣ୍ଟିଆ ଉପବାସ ଧାରଣାରେ ବସିଥିବାବେଳେ ବୁଧବାର ଏହା ଶେଷ ହୋଇଛି। ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ କମିଟି ସମ୍ପାଦକ ଦିଲ୍ଲୀପ କୁମାର ଦୁରିଆ, ସୁନ୍ଦରଗଡ଼ ଜିଲା କଂଗ୍ରେସ ସଭାପତି ନିର୍ମଳ ନାୟକ, ଅନୁଗୋଳ ଜିଲାର ପୂର୍ବତନ ଜିଲା କଂଗ୍ରେସ ସଭାପତି ଅମ୍ବିକା ଭଚ୍ଚଙ୍କ ଉପସ୍ଥିତିରେ ହେମ୍ବ୍ରମ ଉପବାସ ଧାରଣା ଭଙ୍ଗ କରିଥିଲେ। ତେବେ ଦାବି ପୂରଣ ନହେଲେ କଂଗ୍ରେସ ପକ୍ଷରୁ ଜୋରଦାର ଆନ୍ଦୋଳନ କରାଯିବା ସହ ପ୍ରଶାସନକୁ ଅଚଳ କରିଦିଆଯିବ ବୋଲି ହେମ୍ବ୍ରମ ଗଣମାଧ୍ୟମ ସମ୍ମୁଖରେ ଦୃଢୋକ୍ତି ପ୍ରକାଶ କରିଛନ୍ତି।

# ଯୁବକମାନଙ୍କ ଅବସ୍ଥା ସଙ୍କଟରେ

କଳାହାଣ୍ଡି : ବହୁ ସଙ୍କଟରେ କାଳାତିପାତ କରୁଛନ୍ତି ଆଜିର ଯୁବକ ମାନେ। ସବୁବେଳେ କହି ଆସୁଛନ୍ତି ଯୁବକ ମାନେ ଆମ ଦେଶର ଭବିଷ୍ୟତ। ହଁ ଯୁବକ ମାନେ ଭବିଷ୍ୟତ ହେଲେ ଥରେ କାହାରି ନଜର ପଡେନାହିଁ। ଯେଉଁ ଯୁବକ ଟିକୁ ଭବିଷ୍ୟତ କହୁଥିଲେ ବାସ୍ତବରେ ତାର ଅବସ୍ଥା କଣ। କେମିତି ଅଛି ଯୁବକ ମାନଙ୍କର ଅବସ୍ଥା। ଭାରତ ଏକ ଜନବହୁଳ ଦେଶ। ସ୍ୱଭାବିକ ଯୁବକ ଙ୍କ ସଂଖ୍ୟା ଅଧିକ ହେବ। ସମସ୍ତେ କୁହନ୍ତି ଯୁବକ ମାନେ ଦେଶର ମେରୁଦଣ୍ଡ। କିନ୍ତୁ ଥରେ ସେ ମେରୁଦଣ୍ଡ ବିଷୟରେ କେହି ଚିନ୍ତା କରୁଛନ୍ତି କି ? ସେ ମେରୁଦଣ୍ଡଟି ଏବେ କେଉଁ ପରିସ୍ଥିତିରେ ରହୁଛି। ଖାଲି ପୁଳା ପୁଳା ଭାଷଣ ଛଡା ଆଉ କିଛି ନାହିଁ। ଯଦି ଯୁବକ ଟିକୁ ଦେଶର ମେରୁଦଣ୍ଡ କହୁଛ ସେ ମେରୁଦଣ୍ଡଟି ଆଜି ବଙ୍କା ହେବାକୁ ବସିଲାଣି। ଭବିଷ୍ୟତ ଆଜି ବହୁ ମାତ୍ରାରେ ବେକାର ହୋଇ ବୁଲୁଛନ୍ତି। କଣ ପାଇଁ କହୁଛ ଯୁବକ ମାନେ ଦେଶର ଭବିଷ୍ୟତ। ସରକାର ଆଜି ଯୁବକ ମାନଙ୍କୁ ନିଯୁକ୍ତି ଦେବାରେ ଅସମର୍ଥ। ଗୋଟେ ଛୋଟିଆ ଚାକିରୀ ପାଇଁ ଆଜି ହଜାର ହଜାର ଆବେଦନ କରୁଛନ୍ତି ଫେର ବହୁ ଉଚ୍ଚ ଶିକ୍ଷିତ। ସେଇ ଭବିଷ୍ୟତ ଆଜି ଚାକେରି ନ ପାଇ ଘରେ ମାଆ,ବାପା, ଭାଇ, ଭଉଣୀ ଙ୍କ ପାଇଁ ଯାଉଛି ଦାଦନ ଖଟିବାକୁ। ହଁ ସେଇ ଦାଦନ ଶବ୍ଦଟି ରାଜନୈତିକ କ୍ଷେତ୍ରରେ ଖୁବ ଯୋର ଧରେ ପରେ ସେ ଶବ୍ଦଟି ବି ମଉଳି ଯାଏ। ଦେଶର ଭବିଷ୍ୟତ ଆଜି ଦାଦନ ଖଟୁଛି। ଘର ଠାରୁ ବହୁ ଦୂରରେ ତ କିଏ କୋଉ ଦୋକାନ ରେ ରହୁଛି ! ଉଚ୍ଚ ଶିକ୍ଷିତ ଯୁବକ ଆଜି ବେକାର। ସତରେ ଭବିଷ୍ୟତ ଆଜି ବର୍ତ୍ତମାନ ପାଖରେ ଆଣ୍ଠୁ ମାଡି ବସି ପଡିଛି ! ଯଦି ଭବିଷ୍ୟତ ଆଜି ବର୍ତ୍ତମାନ ପାଖରେ ଆଣ୍ଠୁ ମାଡି ବସିପଡ଼ିଛି ସତରେ ଭବିଷ୍ୟତ ଙ୍କ ଭାଗ୍ୟ ଅନ୍ଧାର ରେ ରହିଯିବ। ଆଜି ଆମ କଳାହାଣ୍ଡି ଜିଲ୍ଲାରେ ବେକାରୀ ଏକ ମୁଖ୍ୟ ସମସ୍ୟା ହୋଇ ମୁଣ୍ଡ ଟେକିଛି । ପ୍ରତେକ ନିର୍ବାଚନ ରେ ନେତାମାନେ ପ୍ରତିଶ୍ରୁତି ଦେଉଛନ୍ତି ସେମାନେ ଶାସନ ଭାର ସମ୍ଭାଳିଲେ ବେକାରୀ ସମସ୍ୟାର ଦୂରୀ କରିବେ। କିନ୍ତୁ ସ୍ୱାଧୀନତାର ଦୀର୍ଘ ବର୍ଷ ବିତି ଯାଉଥିଲେ ମଧ୍ୟ ସେ ସମାନ କଥା। ଆଜି ଆମ କଳାହାଣ୍ଡି ଜିଲ୍ଲା ର ଉଚ୍ଚ ଶିକ୍ଷିତ ଯୁବକ ମାନେ ନିଯୁକ୍ତି ନ ପାଇ ବେକାର ହୋଇ ରହିଛନ୍ତି। କିଏ ଦାଦନ ଯାଉଛି ତ କିଏ କିଏ ଦୋକାନ ରେ କାମ କରି ଆଉ କିଏ କିଏ ଡକାୟତ କରିବାକୁ ପଛାଉ ନାହାନ୍ତି। ଆଜି ପ୍ରତେକ ଦିନ ବ୍ୟାଙ୍କ ଚୋରି ଖବର ଆସୁଛି। ସରକାର କେବେ ବୁଝିଛନ୍ତି ଜଣେ ଯୁବକ ସରକାର ଙ୍କ ଧାର୍ଯ୍ୟ ବେତନ ଠୁଁ ବି କମ ପାଉଛି। ଯଦି ସେ ପ୍ରତିବାଦ କରେ ହୁଏତ ତା ପର ଦିନଠୁ ତା ବୁଢ଼ା ବାପା, ମାଆକୁ ଖାଇବା ଦେଇ ପାରିବ ନାହିଁ। ତା ବାପା, ମାଆ ର ଔଷଧ ଟିକେ ଦେଇ ପାରିବନାହିଁ। ବାଧ ହୋଇ ପଡିରହୁଛି। ସରକାର ଏ ଦିଗରେ ରାଜନୀତି ନ କରି ବହୁ ମାତ୍ରାରେ ଦେଶର ଭବିଷ୍ୟତ, ମେରୁଦଣ୍ଡ ଯୁବକମାନଙ୍କୁ ନିଯୁକ୍ତି ଦିଅନ୍ତୁ।

## ଇରାନ୍‌ର ତିକ୍ତ ତାଲିକା

ଏବେ ଏବେ ଇରାନ ଜାରିକରିଛି ହିଟ୍ ଲିଷ୍ଟ ଯାହାର ଆମେ କିଛିଟା ଭିନ୍ନ ଶବ୍ଦରେ ରୂପାନ୍ତର କରୁଛୁ ଅର୍ଥାତ୍ ତିକ୍ତ ତାଲିକା। ଇରାନ ତା'ର ଦେଶରେ ଦୀର୍ଘମାସ ଧରି ଯେଉଁ ଅତି ଉତ୍ତେଜନାମୂଳକ ସ୍ଥିତି ଉତ୍ପନ୍ନ ହୋଇଛି , ସେଥିରୁ ଇରାନ୍ ଯେଉଁ ଉଚିତ ଶିକ୍ଷାଲାଭ କରିଛି ଏବଂ ସେ ସବୁରୁ ଇରାନ୍ ଯେଉଁ କଠୋର ଅନୁଭୂତି ଅର୍ଜନ କରିଛି; ସେହି ଆଧାରରେ ଇରାନ୍ ଜାରି କରିଛି ଏକ ତିକ୍ତ ତାଲିକା। ଏଭଳି ଏକ ଗୁପ୍ତ ତାଲିକା, ଯେଉଁଥିରେ ଇରାନ୍ ବିଶ୍ୱର କେତେଜଣ ନିର୍ଦ୍ଦିଷ୍ଟ ବ୍ୟକ୍ତିବିଶେଷଙ୍କୁ ସାମିଲ୍ କରିଛି, ସେମାନଙ୍କୁ କିଛି ଶିକ୍ଷା ଦେବା ପାଇଁ। ଏଭଳି ଶିକ୍ଷା ଯାହା ଆଗାମୀ ସମୟର ଅପରାଧୀଙ୍କୁ ଆପେ ଆପେ ସାଇଜ୍ କରିଦେବ। ପୂରା ସାବାଡ଼ କରିଦେବ। ଏକଦମ୍ ସାବାଡ୍ । ମଧ୍ୟପ୍ରାଚ୍ୟର ଇରାନ ଯାହାକି ଆଜି କେବଳ ମଧ୍ୟପ୍ରାଚ୍ୟ ନୁହେଁ , ସମଗ୍ର ବିଶ୍ୱରେ ନିଜର ଏକ ବିଶେଷ ପରିଚୟ ସୃଷ୍ଟି କରିପାରିଛି। ଯାହା ପଛରେ ରହିଛି ଅନ୍ତର୍ଜାତୀୟ ହର୍ମୁଜ୍ ପ୍ରଣାଳୀ। ବିଶ୍ୱର ପ୍ରାୟ ବିଭିନ୍ନ ରାଷ୍ଟ୍ର ସେମାନଙ୍କର କ୍ରୁଡ୍ ଅଏଲ୍ ଆବଶ୍ୟକତାର ପରିପୂର୍ତ୍ତି ପାଇଁ ସେହି ପ୍ରଣାଳୀ ଉପରେ ନିର୍ଭର କରନ୍ତି ଏବଂ ସେହି ପ୍ରଣାଳୀ ରହିଛି ଇରାନ୍‌ର ଆୟତ୍ତରେ। ଏଭଳି ଏକ ପ୍ରଣାଳୀ ଯାହା ମଧ୍ୟଦେଇ ବିଶ୍ୱ ବଜାର ପାଇଁ ହୁଏ ଅଶୋଧିତ ତୈଳର ଏକ ବଡ଼ ଧରଣର କାରବାର ଯାହାକି ଏବେ ପୂରା ବିପଦରେ ଏବଂ ସେହି ବିପଦ ସୃଷ୍ଟି କରି ଚାଲିଛି ଆମେରିକା। କେବଳ ଆମେରିକା ଆଜିକୁ ଦୀର୍ଘ ମାସ ହେଲା ଲାଗିଛି ଇରାନ୍ ପଛରେ ଯେମିତି କି ଇରାନ୍ ହେଉଛି ତା'ର ପରମ ଶତ୍ରୁ। ଶତ୍ରୁତା ପଛରେ ଅବଶ୍ୟ ସେମିତି ରହିଛି କାରଣ। ଇରାନ୍‌ର ପରମାଣୁ ପରୀକ୍ଷଣକୁ ଆରମ୍ଭରୁ ଘୋର ବିରୋଧ କରିଆସିଛି ଆମେରିକା। କାଳେ ସେପରି କିଛି ପରୀକ୍ଷଣକରି ସେ କରିଦେବ କି ହମ୍‌ଲା ଆମେରିକା ଉପରେ। ସେମିତି କିଛି ଭୟ କରୁଛି ଆମେରିକା । ବାରମ୍ବାର ତା'ର ମନରେ ସେହିଭଳି କିଛି ଭୟ ବସା ବାନ୍ଧି ରହିଛି। ସେହି ବସା ମଧ୍ୟରେ ଏବେ ଫସିଯାଇଛି ଆମେରିକା। ନା ବାହାରିପାରୁଛି ଆମେରିକା ନା ସେଥିରେ ଠିକ୍‌ଭାବେ ଆଡଜଷ୍ଟ କରିପାରୁଛି ଆମେରିକା। ସେଥିପାଇଁ ଆମେରିକା ଆଜି ପଡ଼ିଯାଇଛି ଇରାନ୍ ପଛରେ। କେମିତି ବି କୌଣସି ଉପାୟରେ ସେ ଇରାନକୁ ବରବାଦ କରି ଛାଡ଼ିବ କିନ୍ତୁ ଇରାନ୍ କି ସହଜରେ ଛାଡ଼ିବା ଜନ୍ତୁ । ବାସ୍ତବରେ ଏବେ ଇରାନ୍ ସେହିଭଳି ଏକ ଜନ୍ତୁ ପାଲଟିଯାଇଛି। କେତେବେଳେ ବି ଆମେରିକାକୁ ମାରିପାରେ । ଏଠାରେ ଆମେରିକା କହିଲେ କେବଳ ଟ୍ରମ୍ପଙ୍କୁ ବୁଝାଇବ, ତାହା ନୁହେଁ। ଆମେରିକାରେ ଆହୁରି ବି ବହୁ ଅଭିଜ୍ଞ ତଥା ଅନନ୍ୟ ବ୍ୟକ୍ତିତ୍ୱ ରହିଛନ୍ତି। ତେବେ ରାଷ୍ଟ୍ର ମୁଖ୍ୟ ଭାବରେ ମିଷ୍ଟର ଡୋନାଲ୍ଡ ଟ୍ରମ୍ପ ସବୁ ପ୍ରକାର ନିଷ୍ପତ୍ତି ନେଇପାରୁଛନ୍ତି ଅନାୟାସରେ। ଏପରିକି ଇରାନ୍ ବିପକ୍ଷରେ ବାରମ୍ବାର ଯୁଦ୍ଧ ନିଷ୍ପତ୍ତି ନେଇ ଆଜି ଇରାନକୁ ପୂରା ଧ୍ୱଂସ କରିବାର ନିଷ୍ପତ୍ତି ନେଇ ସାରିଛନ୍ତି । ସତରେ ଜଣେ ଆଡବାୟା ସୁଲତାନ୍ ଭଳି ସେ । ସକାଳେ ଇରାନକୁ ଶାନ୍ତିପ୍ରସ୍ତାବ ଦେଉଛନ୍ତି ତ ସନ୍ଧ୍ୟାରେ ପୁନର୍ବାର ଧମକ ଦେଉଛନ୍ତି। ଏଭଳି ସ୍ଥିତିରେ ହତପ୍ରଭ ଇରାନ୍ ଏବେ ଜାରି କରିଛି ଏକ ଲମ୍ବା ତାଲିକା କିନ୍ତୁ ତିକ୍ତ ତାଲିକା। ଯେଉଁଥିରେ ବିଶ୍ୱର କେତେଜଣ ଚର୍ଚ୍ଚିତ ମଣିଷଙ୍କୁ ମାରିବାର ଯୋଜନା ପ୍ରସ୍ତୁତକରିଛି। ଦରକାର ପଡ଼ିଲେ ଆମେରିକା ଭିତରେ ପଶି ମାରିବ । ଆତ୍ମଘାତୀ ହମଲା ମାଧ୍ୟମରେ ଆମେରିକା ଏବଂ ପରେ ପରେ ଇସ୍ରାଏଲ୍ ଉପରେ ଆକ୍ରମଣ ଯୋଜନା ରଖିଥିବା ଇରାନ୍ ପ୍ରଥମେ ଟ୍ରମ୍ପ ଏବଂ ପରେ ପରେ ଇସ୍ରାଏଲ୍ ମୁଖ୍ୟ ବେଞ୍ଜାମିନ୍ ନେତାନ୍ୟାହୁଙ୍କୁ ମର୍ଡର ପ୍ଲାନ କରିଥିବା ଇରାନ୍ ଏବେ ଧୀରେ ଧୀରେ ତା'ର ଏହି ବଡ଼ ଶତ୍ରୁଦ୍ୱୟଙ୍କୁ ହତ୍ୟାକରି ଏକ ନୂଆ ଇତିହାସ ରଚିବ। । ପରବର୍ତ୍ତୀ ପରିଣାମ ପାଇଁ ପରୱା ନାହିଁ। କାରଣ ପଛରେ ରହିଛନ୍ତି ରୁଷିଆ ଦି ରାଇଟ୍ ଏବଂ ଚାଇନା ଦି ଚାଲ୍‌ବାଜ୍। ଅତଏବ୍ ଏବେପାନେ ପାଇବ ଆମେରିକା। ବୁଦ୍ଧି ଶିଖିବ ଆମେରିକା। ଏବେ ଇରାନ୍ ଏବଂ ଆମେରିକା ମଧ୍ୟରେ ଦୀର୍ଘ କିଛି ମାସ ହେଲା ଯୁଦ୍ଧ ଅନବରତ ଚାଲିଛି।

# ଭାରତର ସମୃଦ୍ଧି ସଂକଟ

### ମହାମେଘବାହନ ଐର ଖାରବେଳ ସ୍ୱାଇ

ଚିନର ପୂର୍ବତନ ରାଷ୍ଟ୍ରପତି ଡେଙ୍ଗ ଜିଆଓପିଙ୍ଗ ଥରେ କହିଥିଲେ ଯେ, ଧନୀ ହେବା ଗୋଟିଏ ମହାନ କଥା । ଗରିବ ହେବା ହେଉଛି ମନୁଷ୍ୟତାରୁ ନିମ୍ନ ସ୍ତରର । ଯେଉଁ ବ୍ୟକ୍ତିମାନେ ଅତିରିକ୍ତ ଦାରିଦ୍ର୍ୟରେ ଅଛନ୍ତି ସେମାନେ ପୃଥିବୀରୁ ଅବଲୁପ୍ତ ହେବାର ଅବସ୍ଥାରେ ଅଛନ୍ତି । ସେମାନେ ସରକାରଙ୍କ ପାଖରୁ ଦୟାର ଭିକ୍ଷା ଚାହାନ୍ତି ବା ଅନୁକମ୍ପା ଚାହାନ୍ତି ବଞ୍ଚିବା ପାଇଁ । ସେମାନଙ୍କର ପିଲାମାନଙ୍କ ପାଇଁ ଏହି ଦୁର୍ଭାଗ୍ୟକୁ କାଟିବାର କୌଣସି ଉପାୟ ନ ଥାଏ । ଯଦି କେହି ସାହାଯ୍ୟ କରେ ତା'ହେଲେ କଥା ଅଲଗା । ଅତିରିକ୍ତ ଏବଂ ଲଗାତାର ଦାରିଦ୍ର୍ୟ ସବୁବେଳେ ଲାଗି ରହିଥାଏ । ଏହା ହେଉଛି ଗୋଟିଏ ରୋଗ ଯାହାର ନିରାକରଣ ନାହିଁ । ଏହି କାରଣ ପାଇଁ ବିଶ୍ୱ ସହସ୍ରାବ୍ଦୀ ଲକ୍ଷ୍ୟ ବିକାଶ ପାଇଁ (ଏମ୍‌ଡିଜି) ୨୦୨୦ ସୁଦ୍ଧା ବିଶ୍ୱରୁ ଅତିରିକ୍ତ ଦାରିଦ୍ର୍ୟକୁ ଦୂର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲା । ଯାହା ହେଉ ଅନ୍ତତଃ ଭାରତରେ ଏହି ଲକ୍ଷ୍ୟ ସାଧିତ ହୋଇଛି । ଭାରତର ଅତିରିକ୍ତ ଦାରିଦ୍ର୍ୟ ୪୩ କୋଟି ୧୦ ଲକ୍ଷରୁ କମି ୧୯୯୦ରେ ୭ କୋଟି ୫୦ ଲକ୍ଷ ହୋଇଥିଲା । ଏବେ ତା'ଠାରୁ ଉତ୍କଟ ଦାରିଦ୍ର୍ୟ ଆହୁରି କମିଲାଣି । ପରବର୍ତ୍ତୀ ଲକ୍ଷ୍ୟ ହେଉଛି ସାର୍ବଜନୀନ ସମୃଦ୍ଧି ମଧ୍ୟ ବଢ଼ିଛି । ଏହାର ଅର୍ଥ ହେଉଛି ଜୀବନଧାରଣର ମୌଳିକ ଆବଶ୍ୟକତାକୁ ପୂରଣ କରିବା,ଫଳରେ ନିଜ ପାଖରେ ଜିନିଷ କିଣିବା ପାଇଁ ଯଥେଷ୍ଟ ଧନ ଥିବ ଏବଂ ସେଥିପାଇଁ ସବ୍‌ସିଡିର ଆବଶ୍ୟକ ପଡ଼ିବନାହିଁ । ସମୃଦ୍ଧିର ଅର୍ଥ ହେଲା ଖାଦ୍ୟ, ବସ୍ତ୍ର, ଭଲ ଘର, ସ୍ୱାସ୍ଥ୍ୟ ସେବା ଓ ଶିକ୍ଷା । ଏ ସମସ୍ତ ଦ୍ରବ୍ୟ ଓ ବିଶେଷ କରି ଶିକ୍ଷା ଓ ସ୍ୱାସ୍ଥ୍ୟସେବା ସମସ୍ତଙ୍କୁ ଦିଆଯାଉଛି କି ନାହିଁ କହିହେବନାହିଁ । କିନ୍ତୁ ପ୍ରଶ୍ନ ତାହା ନୁହେଁ । ପ୍ରଶ୍ନ ହେଉଛି ଦକ୍ଷତା ଏବଂ ସାର୍ବଜନୀନ ଭାବରେ ଏ ସମୃଦ୍ଧି ସମସ୍ତଙ୍କ ପାଖକୁ ଯାଇଛି କି ନାହିଁ । ଏହା ସମସ୍ତଙ୍କ ଦ୍ୱାରା ପାଇବା ସମ୍ଭବ ହେବ କି ଏବଂ କାହାରିକୁ ସବ୍‌ସିଡି ନ ଦେଇ ମଧ୍ୟ ଏସବୁମିଳିବ କି ? ଯଦି ଅର୍ଥନୀତିରେ ଅଧିକାଂଶ ଲୋକ ଏ ସବୁ କଥା ପାଆନ୍ତି ତା'ହେଲେ ଅର୍ଥନୀତିକୁ ୫ଟି କଥା ମିଳିବ, ଯାହାକୁ ସମୃଦ୍ଧିର ସଂକେତ ବୋଲି କୁହାଯାଏ ଏବଂ ଦେଶ ବିକଶିତ ବୋଲି କୁହାଯିବ । ଭାରତ ଏହି ସମୃଦ୍ଧିର ପ୍ରାଥମିକ ସ୍ତରରେ ପହଞ୍ଚିଛି । ବ୍ୟକ୍ତିମାନଙ୍କର ମୁଣ୍ଡପିଛା ଆୟ ଅଧିକ ହେଲେ ଏହା ଘଟେ । ଦେଶରେ ଅଳ୍ପ ଲୋକ ଅଛନ୍ତି ଯେଉଁମାନେ ରାଷ୍ଟ୍ରର ମୁଣ୍ଡପିଛା ଆୟ ଅପେକ୍ଷା କମ୍ ରୋଜଗାର କରନ୍ତି ଏବଂ ସେଥିପାଇଁ ସେମାନଙ୍କର ସବ୍‌ସିଡି ଆବଶ୍ୟକତା ଅଛି । ତେଣୁ ପ୍ରଶ୍ନ ହେଉଛି କେତେ ଲୋକ ଅଛନ୍ତି ଏବଂ ସେମାନେ ସଂଖ୍ୟାଧିକ କି ? ଯେଉଁମାନେ ଏହାକୁ ରୋଜଗାର କରନ୍ତି ସେମାନେ ସମାଜର ସମୃଦ୍ଧି ପାଇଁ ଏହାକୁ ଖର୍ଚ୍ଚ କରନ୍ତି । ୟୁରୋପର ସମୃଦ୍ଧି ଆପେ ଆପେ ହୋଇଯାଇନାହିଁ । ସେଠାରେ ମୁଣ୍ଡପିଛା ଜିଡିପି ହାର ଅଧିକ ଅଟେ । ଲୋକଙ୍କର ଖର୍ଚ୍ଚ ମଧ୍ୟ ମୁଣ୍ଡପିଛା ଅଧିକ ଅଟେ । ଏ ସମୃଦ୍ଧି ହେଉଛି ଅଭିବୃଦ୍ଧି ଦ୍ରବ୍ୟ, ଯାହାକି ସମୃଦ୍ଧିର ଲକ୍ଷଣ ଅଟେ । ଅଧିକ ସଂଖ୍ୟକ ଲୋକମାନଙ୍କର ଏହି ସମୃଦ୍ଧି ଆସିଛି ସେମାନଙ୍କର ମୁଣ୍ଡପିଛା ରୋଜଗାର ବୃଦ୍ଧି ପାଉଛି, ଫଳରେ ଦେଶର ମୋଟ ଅଭିବୃଦ୍ଧି ଘଟୁଛି । ଏହାକୁ କୁହାଯାଏ ସମସ୍ତଙ୍କ ଅଭିବୃଦ୍ଧି ବା ମିଳିତ ଅଭିବୃଦ୍ଧି । ଦେଶରେ ଯେଉଁ ହାରରେ ଜନସଂଖ୍ୟା ବଢୁଛି ସେହି ହାରରେ ଯଦି ମୁଣ୍ଡପିଛା ଆୟ ବଢ଼େ ତାହା ଅର୍ଥନୀତି ପାଇଁ ଅତ୍ୟନ୍ତ ସହାୟକ ହେବ । କାରଣ ଏହା ଫଳରେ ଅର୍ଥନୀତି ଏକ ସମୃଦ୍ଧ ସମାଜ ଗଠନରେ ସାହାଯ୍ୟ କରିବ । ସମାଜରେ କୋଟିପତି ଓ ଖର୍ବପତିମାନେ ଅଛନ୍ତି । କିନ୍ତୁଯଦି ସେହି ଖର୍ବପତିମାନଙ୍କ ସଂଖ୍ୟା ଅଧିକରୁ ଅଧିକ ବଢ଼େ ଏବଂ ଯଦି ସଂଖ୍ୟାଗରିଷ୍ଠ ଲୋକ ଦେଖନ୍ତି ଯେ, ଏ ଧରଣର ଅଭିବୃଦ୍ଧି ଅଟକି ରହିଛି ତା'ହେଲେ ଦେଶର ସମୃଦ୍ଧି ଲୋକଙ୍କର ଉନ୍ନତି ପାଇଁ କାମ କରୁନାହିଁ । ଏହାର ଅର୍ଥ ହେଉଛି ଆୟର ବୃଦ୍ଧି ହେଉଛି ଅଭିବୃଦ୍ଧିର ଉତ୍ଥାନ । କାରଣ ଏଥିରେ ଲୋକମାନଙ୍କ ଭିତରେ ଆୟର ତାରତମ୍ୟ ହେତୁ କିଛି କିଛି ଆୟର ହସ୍ତାନ୍ତରଣ ଧନୀ ପାଖରୁ ଗରିବ ଲୋକଙ୍କୁ ହେବ । ଲୋକ ଯଦି ଗରିବ ରହନ୍ତି ଏବଂ ଆୟ ବଢ଼େ, କାରଣ ସରକାର ଧନୀଠାରୁ ଗରିବ ଲୋକକୁ ଅର୍ଥର ହସ୍ତାନ୍ତରଣ କରନ୍ତି, ତା'ହେଲେ ଏହା ସମସ୍ତଙ୍କର ଅଭିବୃଦ୍ଧି ବୋଲି କୁହାଯାଇପାରିବନାହିଁ । ଏହାକୁ କ୍ଷତିପୂରଣ ଆୟ ବୋଲି କୁହାଯିବ । ଲୋକମାନଙ୍କୁ କ୍ଷତିପୂରଣ ଆକାରରେ ଯାହା ଦିଆଯାଉଛି ତାହା ଅର୍ଥନୈତିକ ପଦ୍ଧତିର ବିଫଳତା ବୋଲି କୁହାଯିବ । କାରଣ ଯେଉଁମାନେ ଅଧିକ ଆୟ କରୁଛନ୍ତି ସେମାନଙ୍କୁ ଅଧିକ ଆୟ କରିବା ପାଇଁ ଆଉ ଉତ୍ସାହ ମିଳିବନାହିଁ । ଯଦି ବହୁ ସଂଖ୍ୟକ ଲୋକ ଏହି ଧରଣର ହାତଟେକା ଅର୍ଥ ଉପରେ ନିର୍ଭର କରନ୍ତି, ତା'ହେଲେ ଦେଶକୁ ସମୃଦ୍ଧି ଦିଆଯାଉନାହିଁ ବୋଲି କହିବାକୁ ହେବ । ଜାପାନ, ଚୀନ, ଦକ୍ଷିଣ କୋରିଆ ଏବଂ ଚିଲ୍ଲି ଏ ସମ୍ପର୍କରେ ସୂଚନା ଦିଏ ଯେ, ସମୃଦ୍ଧିର ଏବଂ ଅନ୍ତର୍ଭୁକ୍ତିକରଣର ସମୟ ଆସିଛି, ଯାହା ସମୃଦ୍ଧିକୁ ନେଇ ହେଉଛି । ଏ ଧରଣର ବର୍ତ୍ତମାନର ଅଭିବୃଦ୍ଧି ଉତ୍ପାଦକମାନଙ୍କୁ ଅଧିକ ଦ୍ରବ୍ୟ ଉତ୍ପାଦନ କରିବା ପାଇଁ ଓ ଶସ୍ତାରେ ଶ୍ରମିକ ପାଇବା ପାଇଁ ପ୍ରୋତ୍ସାହିତ କରୁଛି । କିନ୍ତୁ ସମୟ କ୍ରମେ ଲୋକଙ୍କ ମଜୁରି ବହୁ ଭାବରେ ସାରା ଦେଶରେ ବଢ଼ିଲା, ଯାହା ଫଳରେ ଦେଶର ଅଭିବୃଦ୍ଧି ଅଧିକ ସମୃଦ୍ଧିଶାଳୀ ହେଲା । ଏହା ମଧ୍ୟ ଦେଶରେ ଖର୍ବପତିମାନଙ୍କୁ ସୃଷ୍ଟି କଲା । କିନ୍ତୁ ଏହା ସହିତ ଲୋକମାନଙ୍କର ପୁଁଜି ଲଗାଣ ବିଶ୍ୱ ଶ୍ରେଣୀର ସ୍ୱାସ୍ଥ୍ୟ ଏବଂ ଶିକ୍ଷା ବ୍ୟବସ୍ଥାକୁ ଠିଆ କରେଇଲା ଏବଂ ରହି ହେଉଥିବା ନଗରୀମାନ ଗଢ଼ି ଉଠିଲା । କେବଳ ସେତିକି ନୁହେଁ ଗ୍ରାମାଞ୍ଚଳରେ ମଧ୍ୟ ସୁନ୍ଦର ଘର ତିଆରି ହେଲା, ଯାହା ବ୍ୟାପକ ସମୃଦ୍ଧିର ଲକ୍ଷଣ ହେଲା । ଅନ୍ୟ ପକ୍ଷରେ ଦେଖିବାକୁ ଗଲେ ବ୍ରାଜିଲ, ତୁର୍କୀ, ଆର୍ଜେଣ୍ଟିନା, ଥାଇଲାଣ୍ଡ ଓ ଫିଲିପାଇନ୍ସ ସେମାନଙ୍କ ଦେଶରେ ଅନ୍ତର୍ଭୁକ୍ତିମୂଳକ ବିକାଶ ସୃଷ୍ଟି କରିପାରିଲେ ନାହିଁ । ସେ ଦେଶରେ ଖର୍ବପତିମାନେ ମଧ୍ୟ ଅଛନ୍ତି । କିନ୍ତୁ ସେ ଦେଶରେ ସମୃଦ୍ଧି ନାହିଁ । ଏ ପର୍ଯ୍ୟନ୍ତ ମଧ୍ୟ ସେ ଦେଶରେ ମଧ୍ୟମ ଧରଣର ଆୟ ଜାଲରେ ଏ ପର୍ଯ୍ୟନ୍ତ ପଡ଼ି ରହିଛନ୍ତି । ସେଠାରେ ଜିଡିପି ଗୋଟିଏ ମର୍ଯ୍ୟାଦାଜନକ ସ୍ତରକୁ ଉଠିଛି । କିନ୍ତୁ ସେ ଦେଶର ଅଧିକାଂଶ ଲୋକ ସରକାରୀ ବଦଳି ଓ ସରକାରୀ ଅନୁଦାନ ନିଜର ମୌଳିକ ଆବଶ୍ୟକତା ପୂରଣ ପାଇଁ ଓ ଭଲରେ ରହିବା ପାଇଁ ଆଶା କରନ୍ତି । ପ୍ରଶ୍ନ ଉଠେ ଭାରତରେ କ'ଣ ହେଉଛି ? ୧୯୮୦ରୁ ୨୦୧୦ ପର୍ଯ୍ୟନ୍ତ ଦେଶରେ ଆଶାଠାରୁ ଅଧିକ ଅଭିବୃଦ୍ଧି ହେଲା ଏବଂ ଅନ୍ତର୍ଭୁକ୍ତିମୂଳକ ସମୃଦ୍ଧିରେ କିଛିଟା ଅଭିବୃଦ୍ଧି ହେଲା ଏବଂ ସେଥିରେ ଦାରିଦ୍ର୍ୟ ଦୂରୀକରଣର ବେଗ କିଛି କମିଲା । ଭାରତ ଏ ସବୁ ହାସଲ କଲା ଯେତେବେଳେ ବଡ଼ ଧରଣର ଉତ୍ପାଦନ ଭିତ୍ତିକ ରପ୍ତାନୀ କଲାନାହିଁ । ଅବଶ୍ୟ ଭାରତରେ ରପ୍ତାନି ଓ ସେବା ସମାଜକୁ ସମୃଦ୍ଧ କରିବାରେ ଗୋଟିଏ ଭୂମିକା ଗ୍ରହଣ କରିଥିଲା । ବିଶେଷ କରି ଭାରତର ଦକ୍ଷିଣ ଓ ପଶ୍ଚିମ ଅଞ୍ଚଳରେ ଏହା ଘଟିଲା । ସେ ରାଜ୍ୟଗୁଡ଼ିକ ଘରୋଇ ଖର୍ଚ୍ଚକୁ ବଢ଼ାଇ ନିଜର ସମୃଦ୍ଧି ଆଣିଲା ଏବଂ ବାସ୍ତବ ମଜୁରିକୁ ବଢ଼ାଇ ଚାଲିଲେ । ସେମାନେ କୃଷିରେ ମଧ୍ୟ ଅଭିବୃଦ୍ଧି ଆଣିଲେ । ଭାରତର ସବୁଠାରୁ ଉପରେ ଥିବା ୧୦% ଲୋକ ଦେଖିଲେ ଯେ, ସମୃଦ୍ଧିରେ ବହୁତ ଅଭିବୃଦ୍ଧି ହୋଇଛି, ଯାହାକୁ ଆଗାମୀ ୪୦%ରୁ ୬୦% ଲୋକଙ୍କ ପାଖକୁ ଗଲା । କିନ୍ତୁ ୨୦୧୧ ପରେ ଭାରତ ସମୃଦ୍ଧିକୁ ପରବର୍ତ୍ତୀ ପର୍ଯ୍ୟାୟକୁ ଉଠେଇ ପାରିଲା ନାହିଁ । ଏଠାରେ ୧୫୦ କୋଟି ଲୋକ ରହିଲେ । ସେମାନଙ୍କର ଆୟ ସ୍ଥିର ହୋଇ ରହିଲା । ବିଭିନ୍ନ ଅଞ୍ଚଳ ମଧ୍ୟରେ ଅସମାନତା ବଢ଼ିବାରେ ଲାଗିଲା, ଯାହା ଫଳରେ ସଂଖ୍ୟାଧିକ ଲୋକସଂଖ୍ୟା ଥିବା ଉତ୍ତର ଏବଂ ପୂର୍ବାଞ୍ଚଳର ମୁଣ୍ଡପିଛା ଆୟ ହେଉଛି ଦକ୍ଷିଣ ଭାରତର ଆୟର ଏକ-ଚତୁର୍ଥାଂଶ । ଏହା ଫଳରେ ଜନସାଧାରଣଙ୍କ ଖର୍ଚ୍ଚରେ ବହୁତ ପାର୍ଥକ୍ୟ ଆସିଲା । ଗରିବ ଲୋକମାନଙ୍କୁ ଦାରିଦ୍ର୍ୟ ପାଖରୁ ଦୂରରେ ରଖିବା ପାଇଁ ସେମାନଙ୍କୁ ସବ୍‌ସିଡି ଦିଆଗଲା । କାରଣ ସେମାନେ ସମୃଦ୍ଧି ପାଇଁ ଅର୍ଥ ଖର୍ଚ୍ଚ କରିପାରିଲେନାହିଁ । ସେମାନଙ୍କର ଆୟ ଯେତିକି ଥିଲା ସେଥିରେ ଏହି ଖର୍ଚ୍ଚ ହୋଇପାରିଲାନାହିଁ । ଭାରତରେ ୩୦ କୋଟି ଲୋକଙ୍କ ପାଇଁ ଖାଦ୍ୟ, ଗ୍ୟାସ୍ ସିଲିଣ୍ଡର ଏବଂ କିଣି ହେଉଥିବା ଘର, ମାଗଣା ବସ୍ ସେବା ମହିଳାମାନଙ୍କ ପାଇଁ ଚାଲୁ ହେଲା । ବର୍ତ୍ତମାନ ଦେଶର ଆର୍ଥିକ ଖର୍ଚ୍ଚ ବ୍ୟବହୃତ ହେଉଛି ଘର ତିଆରିରେ ନୁହେଁ, ଲୋକମାନଙ୍କୁ ଜୀବିକା ଦେବା ପାଇଁ ନୁହେଁ ଏବଂ ଉନ୍ନତ ସ୍ୱାସ୍ଥ୍ୟସେବା, ଶିକ୍ଷା ଏବଂ ଜନସାଧାରଣଙ୍କର ପରିବହନ ବ୍ୟବସ୍ଥା ପାଇଁ ନୁହେଁ । ଅଧିକାଂଶ ଲୋକଙ୍କର ସମୃଦ୍ଧି ବିଫଳତା ପାଇଁ ଏ କଥା ଘଟିଲା ଏବଂ ଏବେ ପ୍ରଶ୍ନ ଉଠୁଛି ଭାରତର ସମୃଦ୍ଧି ଅଧିକ ବା ନିମ୍ନ । ସମୃଦ୍ଧିର ରୋଗର ବିଫଳତା ଶିକ୍ଷା କ୍ଷେତ୍ରକୁ ବ୍ୟାପିଛି । ବିଶେଷ କରି ଜେନ୍‌ଜେଡ୍ ଅର୍ଥାତ୍ ସର୍ବସାଧାରଣ ଯୁବକଯୁବତୀମାନଙ୍କ କ୍ଷେତ୍ରରେ ଏହା ଘଟିଛି । ଏହିମାନଙ୍କର ଦୈନିକ ମଜୁରି କମିବାରେ ଲାଗିଛି ଏବଂ ଗୋଟିଏ ଜାଗାରେ ଦରମା ସ୍ଥିର ହୋଇ ରହିଛି । ୩୦ ବର୍ଷ ପୂର୍ବେ ସରକାରୀ ଚାକିରିରେ ପ୍ରବେଶର ସ୍ତର, ଯେଉଁମାନେ ଅବସର ଗ୍ରହଣ ପୂର୍ବରୁ ଯାହା ଦରମା ପାଉଥିଲେ ସେମାନେ ଆୟକର ଦେଉଥିଲେ ଏବଂ ସେମାନେ ସେତେବେଳେ ଯୁବକ ଥିଲେ। ସେମାନଙ୍କ ନିକଟରେ ପୂର୍ବପୁରୁଷଙ୍କର ସମ୍ପତ୍ତି ନ ଥିଲା । ପୂର୍ବ ପୁରୁଷମାନେ ତାଙ୍କୁ ସମ୍ପତ୍ତି ଦେଇନଥିଲେ । ସେମାନେ ଏଥିପାଇଁ ସମାଜରେ ବଞ୍ଚିତ ହୋଇ ରହୁଥିଲେ । ଏପରି ପରିସ୍ଥିତିରେ ଏବେ ଆଶା କରାଯାଇପାରିବ ନାହିଁ ଯେ, ସେମାନେ ଆୟକର ଦେବେ । ଭାରତ ପୃଥିବୀର ସବୁଠାରୁ ଦ୍ରୁତଗତିରେ ବର୍ଦ୍ଧିଷ୍ଣୁ ଅର୍ଥନୀତି ହୋଇଥିଲେ ମଧ୍ୟ ଏହା ଘଟୁଛି। ବାସ୍ତବରେ ଗରିବ ହେବାର ଅର୍ଥ ମଣିଷର ଅବମୂଲ୍ୟାୟନ ହେବା । କିନ୍ତୁ ଦରିଦ୍ର ହେବାର ଗୋଟେ ଅଂଶ ନୁହେଁ ଯେ, ସେ ସମୃଦ୍ଧ ଭାରତର ଏକ ଅଂଶ ନୁହେଁ । ଭାରତର ସଂଖ୍ୟାଗରିଷ୍ଠ ଲୋକମାନେ ପରିବାର ବା ସରକାରୀ ସବ୍‌ସିଡି ଉପରେ ନିର୍ଭର କରନ୍ତି । ଯେତେବେଳେ ଅର୍ଥନୈତିକ ଅଭିବୃଦ୍ଧି ହେଉଛି ସେତେବେଳେ ସବ୍‌ସିଡି ଆଶା କରିବା ଅନେକ ହତାଶାଜନକ କଥା ଅଟେ । ଅର୍ଥାତ୍, ଭାରତରେ ସମୃଦ୍ଧି ଯେତେ ବଢୁଛି ସରକାରୀ ସାହାଯ୍ୟ ପାଇଁ ଆଶା ତା'ଠାରୁ ଅଧିକ ବେଗରେ ବଢୁଛି । ଏହା ହେଉଛି ଭାରତ ପାଇଁ ବିଡ଼ମ୍ବନା।

ମୋ-୯୪୩୭୦୨୦୨୯୦

# ପରମାଣୁ ଅସ୍ତ୍ରମୁକ୍ତ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ଚାହୁଁ

### ଧନେଶ୍ୱର ସାହୁ

ରତ-ଅଷ୍ଟ୍ରେଲିଆ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗ ମିଳିତ ଘୋଷଣାନାମା ଅବସରରେ ଦୁଇ ଦେଶ ଆଧାରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପବଦ୍ଧତା ପ୍ରକାଶ କରିଥିଲେ। ପ୍ରଧାନମନ୍ତ୍ରୀ ମୋଦି କହିଥିଲେ: ଆମେ, ଭାରତ ଓ ଅଷ୍ଟ୍ରେଲିଆର ପ୍ରଧାନମନ୍ତ୍ରୀ, ଆମର ଘନିଷ୍ଠ ହେଉଥିବା ଦ୍ୱିପାକ୍ଷିକ ସମ୍ପର୍କ ପରିପ୍ରେକ୍ଷୀରେ, ଉଭୟ ଦେଶ ମଧ୍ୟରେ ଥିବା ରଣନୈତିକ ଭାଗୀଦାରିକୁ ଆହୁରି ସୁଦୃଢ଼ କରିବା ପାଇଁ ଦୃଢ଼ ସଙ୍କଳ୍ପବଦ୍ଧ। ଏହାସହ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ- ପ୍ରଶାନ୍ତ ମହାସାଗରୀୟ ଅଞ୍ଚଳ ଗଠନ କରିବାର ସାଧାରଣ ଲକ୍ଷ୍ୟକୁ ନେଇ ଆମେ ଏହି ପ୍ରତିରକ୍ଷା ଓ ସୁରକ୍ଷା ସହଯୋଗ ସମ୍ପର୍କିତ ମିଳିତ ଘୋଷଣାନାମା ପ୍ରତି ପ୍ରତିବଦ୍ଧତା ପ୍ରକାଶ କରୁଛୁ।ଆମେ ୨୦୨୦ ମସିହାରେ ସ୍ଥାପିତ ଆମର ବ୍ୟାପକ ରଣନୀତିକ ଭାଗିଦାରୀ (ସିଏସପି)ର ଗୁରୁତ୍ୱକୁ ଦୋହରାଉଛୁ। ଆମର ସିଏସପିର ଶୁଭାରମ୍ଭ ପରଠାରୁ, ଆମର ରଣନୀତିକ ସମନ୍ୱୟ ତ୍ୱରାନ୍ୱିତ ହୋଇଛି, ଆମର ଅର୍ଥନୈତିକ ସମ୍ପର୍କ ଗଭୀର ହୋଇଛି ଏବଂ ଆମର ଜନସାଧାରଣଙ୍କ ମଧ୍ୟରେ ଥିବା ସମ୍ପର୍କ - ଯାହା ଆମ ଦେଶଗୁଡ଼ିକ ମଧ୍ୟରେ ଏକ ଜୀବନ୍ତ ସେତୁ-ଆହୁରି ମଜଭୁତ ହୋଇଛି। ଆମେ ଲକ୍ଷ୍ୟ କରୁଛୁ ଯେ କ୍ୱାଡ୍ ଏବଂ ଅନ୍ୟାନ୍ୟ ବହୁପାକ୍ଷିକ ଅନୁଷ୍ଠାନ ଭଳି ଆଞ୍ଚଳିକ ମଞ୍ଚ ମାଧ୍ୟମରେ ଅନ୍ୟ ଅଂଶୀଦାରମାନଙ୍କ ସହିତ ଦ୍ୱିପାକ୍ଷିକ ଏବଂ ବହୁପାକ୍ଷିକ ସ୍ତରରେ ଆମର ନିବିଡ଼ ସମ୍ପୃକ୍ତି ଉଭୟ ଦେଶକୁ ଲାଭାନ୍ୱିତ କରୁଛି, ଏବଂ ଆମର ସହଭାଗୀ ଅଞ୍ଚଳର ସୁରକ୍ଷା ଓ ସମୃଦ୍ଧିରେ ଯୋଗଦାନ ଦେଉଛି। ୨୦୦୯ ମସିହାର ଭାରତ-ଅଷ୍ଟ୍ରେଲିଆ ସୁରକ୍ଷା ସହଯୋଗ ମିଳିତ ଘୋଷଣାନାମା ଦ୍ୱାରା ଆମ ଭାଗିଦାରୀରେ ହୋଇଥିବା ଉଲ୍ଲେଖନୀୟ ପ୍ରଗତିକୁ ମଧ୍ୟ ଆମେ ସ୍ମରଣ କରୁଛୁ। ବୈଦେଶିକ ମନ୍ତ୍ରୀସ୍ତରୀୟ ଫ୍ରେମୱର୍କ ଆଲୋଚନା, ୨+୨ ବୈଦେଶିକ ଏବଂ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ଆଲୋଚନା ଏବଂ ପ୍ରତିରକ୍ଷା ମନ୍ତ୍ରୀସ୍ତରୀୟ ଆଲୋଚନା ସହିତ ବିଭିନ୍ନ ଦ୍ୱିପାକ୍ଷିକ ବ୍ୟବସ୍ଥା ମାଧ୍ୟମରେ ଏହି ଭାଗିଦାରୀ ପ୍ରତି ମିଳିଥିବା ବଳିଷ୍ଠ ଯୋଗଦାନକୁ ଆମେ ପ୍ରଶଂସା କରୁଛୁ। ଭୂରଣନୀତିକ ଅନିଶ୍ଚିତତା, ଏବଂ ଆଞ୍ଚଳିକ ଶାନ୍ତି ଓ ସ୍ଥିରତା ପ୍ରତି ଥିବା ବିପଦକୁ ଆମେ ଚିନ୍ତାର ସହିତ ଲକ୍ଷ୍ୟ କରୁଛୁ। ଆମେ ସମସ୍ତ ପକ୍ଷଙ୍କୁ ଶାନ୍ତିପୂର୍ଣ୍ଣ ଭାବେ ଏକତ୍ର କାର୍ଯ୍ୟ କରିବାକୁ ଉତ୍ସାହିତ କରୁଛୁ ଏବଂ କୌଣସି ପ୍ରକାରର ଭୟ ପ୍ରଦର୍ଶନ, ବଳ ପ୍ରୟୋଗ କିମ୍ବା ବାଧ୍ୟବାଧକତା ବିନା ଏବଂ ଅନ୍ତର୍ଜାତୀୟ ଆଇନ ଅନୁଯାୟୀ ବିବାଦଗୁଡ଼ିକର ସମାଧାନ ପାଇଁ ଆହ୍ୱାନ କରୁଛୁ।ଆମେ ଏକ ମୁକ୍ତ, ଶାନ୍ତିପୂର୍ଣ୍ଣ, ସ୍ଥିର ଏବଂ ସମୃଦ୍ଧ ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପ୍ରତି ଆମର ଅଦମ୍ୟ ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛୁ, ଯାହାକି: ଅନ୍ତର୍ଜାତୀୟ ଆଇନର ଅନୁପାଳନ ଉପରେ ଆଧାରିତ ଏକ ନିୟମ-ଆଧାରିତ ବ୍ୟବସ୍ଥା; ସାର୍ବଭୌମତ୍ୱ ଏବଂ ଆଞ୍ଚଳିକ ଅଖଣ୍ଡତା ପ୍ରତି ସମ୍ମାନ; ଜଳପଥ ପରିଚାଳନା ଓ ଆକାଶମାର୍ଗରେ ଯାତାୟାତର ସ୍ୱାଧୀନତା



ସମେତ ୧୯୮୨ ଜାତିସଂଘର ସାମୁଦ୍ରିକ ଆଇନ ସନନ୍ଦର ଅନୁପାଳନ ଦ୍ୱାରା ପରିଚାଳିତ ଏକ ମୁକ୍ତ, ସ୍ଥିର ଓ ସୁରକ୍ଷିତ ସାମୁଦ୍ରିକ କ୍ଷେତ୍ର ଏବଂ ପ୍ରଭାବଶାଳୀ, ସମାବେଶୀ ତଥା ସ୍ୱଚ୍ଛ ଅନୁଷ୍ଠାନଗୁଡ଼ିକ ଦ୍ୱାରା ସୁଦୃଢ଼ ହୋଇଛି। ଏହି ସବୁ ଅଞ୍ଚଳର ଆହ୍ୱାନଗୁଡ଼ିକର ମୁକାବିଲା କରିବା ପାଇଁ ପ୍ରମୁଖ ମଞ୍ଚ ଭାବରେ ଆମେ ଇଣ୍ଡିଆନ୍ ଓସେନ୍ ରିମ୍ ଆସୋସିଏସନ୍ , ଆସିଆନ୍ ଏବଂ ଆସିଆନ୍-କେନ୍ଦ୍ରିତ ଆଞ୍ଚଳିକ ବ୍ୟବସ୍ଥା, ଏବଂ ପାସିଫିକ୍ ଆଇଲ୍ୟାଣ୍ଡସ ଫୋରମ୍ ପ୍ରତି ଆମର ସମର୍ଥନକୁ ପୁନର୍ବାର ଦୋହରାଉଛୁ। ଆମେ ସ୍ୱୀକାର କରୁଛୁ ଯେ ବଦଳୁଥିବା ରଣନୀତିକ ପରିସ୍ଥିତିର ମୁକାବିଲା କରିବା ପାଇଁ ଆମର ଭାଗିଦାରୀ ବିକଶିତ ହେବା ଆବଶ୍ୟକ, ଏବଂ ଆମର ଏକ ଉନ୍ନତ, ସମନ୍ୱିତ ତଥା ଶୀର୍ଷ ସ୍ତରୀୟ ପ୍ରତିରକ୍ଷା ଏବଂ ସୁରକ୍ଷା ଭାଗିଦାରୀକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିବଦ୍ଧତା ପ୍ରକାଶ କରୁଛୁ। ଆମେ ରଣନୀତିକ ଆଦାନପ୍ରଦାନକୁ ସୁଦୃଢ଼ କରିବା ଏବଂ ନିୟମିତ ମନ୍ତ୍ରୀସ୍ତରୀୟ ଯୋଗାଯୋଗ ଜାରି ରଖିବୁ, ଯାହା ଆମର ରଣନୀତିକ ସ୍ୱାର୍ଥର ସମନ୍ୱୟକୁ ପ୍ରତିଫଳିତ କରିବ। ସାମୂହିକ ଶକ୍ତି ବୃଦ୍ଧି କରିବା ପାଇଁ ଆମେ ପ୍ରତିରକ୍ଷା ଏବଂ ସୁରକ୍ଷା ସହଯୋଗର ଏକ ଦୀର୍ଘକାଳୀନ ଦୂରଦୃଷ୍ଟିକୁ ସ୍ୱୀକାର କରୁଛୁ। ଏହି ସହଯୋଗ ଉଭୟ ଦେଶର ସୁରକ୍ଷାରେ ସହାୟକ ହେବ ଏବଂ ଆଞ୍ଚଳିକ ଶାନ୍ତି ଓ ସୁରକ୍ଷା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେବ। ଆମେ ଆମର ବ୍ୟାପକ ପ୍ରତିରକ୍ଷା ସହଯୋଗକୁ ସୁଦୃଢ଼ କରିବା, ରଣନୀତିକ ଆଲୋଚନାକୁ ଗଭୀର କରିବା ଏବଂ ସହଯୋଗକୁ ଅଧିକ ବ୍ୟାପକ କରିବା ପାଇଁ ପ୍ରତିବଦ୍ଧ, ଯେଉଁଥିରେ ନିମ୍ନଲିଖିତ ବିଷୟଗୁଡ଼ିକ ଅନ୍ତର୍ଭୁକ୍ତ:କ. ଭାରତ-ପ୍ରଶାନ୍ତ ମହାସାଗରୀୟ ଅଂଚଳରେ ପାରସ୍ପରିକ ସ୍ୱାର୍ଥକୁ ପ୍ରଭାବିତ କରୁଥିବା ପ୍ରତିରକ୍ଷା ସମ୍ବନ୍ଧୀୟ ବିକାଶ ଉପରେ ପରାମର୍ଶ ଖ. ଆମର ସହଯୋଗୀମାନଙ୍କ ସହିତ ମିଶି ଆମ ଯୁଦ୍ଧାଭ୍ୟାସଗୁଡ଼ିକୁ ଉନ୍ନତ ଓ ଜଟିଳ କରିବା;ଗ. ପ୍ରତିରକ୍ଷା ବାହିନୀ ମଧ୍ୟରେ ପାରସ୍ପରିକ କାର୍ଯ୍ୟଦକ୍ଷତା ଏବଂ ସୂଚନା ଆଦାନପ୍ରଦାନ ବୃଦ୍ଧି କରିବା ପାଇଁ ପ୍ରୟାସକୁ ତ୍ୱରାନ୍ୱିତ କରିବା;ଘ. ପରସ୍ପରର ଭୂଖଣ୍ଡରୁ ବିମାନ ମୁତୟନ କାର୍ଯ୍ୟକୁ ସମ୍ପ୍ରସାରିତ କରିବା;ଙ. ପ୍ରତିରକ୍ଷା କର୍ମଚାରୀମାନଙ୍କ ମଧ୍ୟରେ ଆଦାନପ୍ରଦାନ, ଶିକ୍ଷା ଓ ପ୍ରଶିକ୍ଷଣ, ଏବଂ ଯୋଗାଯୋଗ ଭୂମିକା ମାଧ୍ୟମରେ ସମ୍ପର୍କକୁ ଗଭୀର କରିବା; ଏବଂ ଚ. ଦକ୍ଷ ପ୍ରତିରକ୍ଷା କର୍ମଚାରୀ ନିଯୁକ୍ତି କ୍ଷେତ୍ରରେ ସହଯୋଗ କରିବା ପାଇଁ ସୁଯୋଗଗୁଡ଼ିକର ସନ୍ଧାନ କରିବା।ଆମେ ଆମର ପ୍ରତିରକ୍ଷା, ସୁରକ୍ଷା ଏବଂ ଅର୍ଥନୈତିକ ସ୍ୱାର୍ଥ ପାଇଁ ସାମୁଦ୍ରିକ କ୍ଷେତ୍ରର ଗୁରୁତ୍ୱକୁ ସ୍ୱୀକାର କରୁଛୁ, ଏବଂ ସାମୁଦ୍ରିକ ସୁରକ୍ଷା ସହଯୋଗର ଗଭୀରତା, ଜଟିଳତା ତଥା ନିୟମିତତାକୁ ବୃଦ୍ଧି କରିବୁ। ଆମେ ଏକ 'ଭାରତ-ଅଷ୍ଟ୍ରେଲିଆ ସାମୁଦ୍ରିକ ସୁରକ୍ଷା ସହଯୋଗ ରୋଡମ୍ୟାପ୍' ମାଧ୍ୟମରେ ସାମୁଦ୍ରିକ ସହଯୋଗକୁ ସୁଦୃଢ଼ କରିବୁ।ଆମେ ଉଭୟପକ୍ଷର ପ୍ରତିରକ୍ଷା ଶିଳ୍ପଗୁଡ଼ିକର ବଢୁଥିବା ସମ୍ଭାବନାକୁ ସମନ୍ୱୟ, ଶିଳ୍ପ ସମ୍ପୃକ୍ତି ଏବଂ ଯୋଗାଣ ଶୃଙ୍ଖଳାର ସ୍ଥିରତା ବୃଦ୍ଧି କରିବା ମାଧ୍ୟମରେ ଗ୍ରହଣ କରିବୁ। ଆମେ ଆମର ପ୍ରତିରକ୍ଷା ନବସୃଜନ ବ୍ୟବସ୍ଥା ମଧ୍ୟରେ ସହଯୋଗକୁ ଗଭୀର କରିବୁ ଏବଂ ଉନ୍ନତ ପ୍ରତିରକ୍ଷା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ସହଯୋଗ ପାଇଁ ବ୍ୟବସ୍ଥା ବିକଶିତ କରିବୁ।ଶାନ୍ତି ରକ୍ଷା କାର୍ଯ୍ୟାନୁଷ୍ଠାନରେ ଲିଙ୍ଗଗତ ସମାନତା ବଜାୟ ରଖିବା ଏବଂ 'ମହିଳା, ଶାନ୍ତି ଓ ସୁରକ୍ଷା' କାର୍ଯ୍ୟସୂଚୀକୁ ଆଗକୁ ବଢ଼ାଇବା ପାଇଁ ଆମର ପ୍ରତିବଦ୍ଧତାକୁ ଦୋହରାଇ ଆମେ ବିବାଦର ପ୍ରତିରୋଧ, ରିଲିଫ୍ ଓ ପୁନରୁଦ୍ଧାର କାର୍ଯ୍ୟର ସଫଳ ପରିଚାଳନା ଏବଂ ସ୍ଥାୟୀ ଶାନ୍ତି ପ୍ରତିଷ୍ଠା କ୍ଷେତ୍ରରେ ମହିଳାମାନଙ୍କର ସାର୍ଥକ ଅଂଶଗ୍ରହଣ ଓ ନେତୃତ୍ୱକୁ ପ୍ରୋତ୍ସାହିତ କରିବା ପାଇଁ କାର୍ଯ୍ୟ କରିବୁ।ଆଞ୍ଚଳିକ ଅର୍ଥନୈତିକ ସମୃଦ୍ଧି ଏବଂ ସ୍ଥିରତାକୁ ସମର୍ଥନ କରିବା ପାଇଁ ଆମେ ଦ୍ୱିପାକ୍ଷିକ ଭାବେ ଏବଂ ଅଂଶୀଦାରମାନଙ୍କ ସହିତ ମିଶି କାର୍ଯ୍ୟ କରିବାକୁ ପ୍ରତିବଦ୍ଧ। ଆମେ ଗୁରୁତ୍ୱପୂର୍ଣ୍ଣ ଖଣିଜ ଏବଂ ସ୍ୱଚ୍ଛ ଶକ୍ତି ପ୍ରଯୁକ୍ତିବିଦ୍ୟା ସମେତ ଅଧିକ ବିବିଧ ଓ ସ୍ଥିର ଯୋଗାଣ ଶୃଙ୍ଖଳା, ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ସଂଯୋଗୀକରଣର ବିକାଶ କରିବୁ।ଆମେ ଏକ ସୁରକ୍ଷିତ ଏବଂ ସ୍ଥିର ଭାରତ-ପ୍ରଶାନ୍ତ ମହାସାଗରୀୟ କ୍ଷେତ୍ର ପାଇଁ ଆମର ସହଭାଗୀ ଦୂରଦୃଷ୍ଟିକୁ ପୂରଣ କରୁଥିବା ଏକ ପ୍ରଯୁକ୍ତିବିଦ୍ୟା ପରିବେଶ ଗଠନ କରିବାରେ ଏକତ୍ର କାର୍ଯ୍ୟ କରିବୁ। ଆମେ 'ସାଇବର, ଗୁରୁତ୍ୱପୂର୍ଣ୍ଣ ପ୍ରଯୁକ୍ତିବିଦ୍ୟା ଏବଂ ଯୋଗାଣ ଶୃଙ୍ଖଳା ଉପରେ ଅଷ୍ଟ୍ରେଲିଆ-ଭାରତ ଭାଗିଦାରୀ' ଅଧୀନରେ ଆମର ସାଇବର ସୁରକ୍ଷା ତଥା ଗୁରୁତ୍ୱପୂର୍ଣ୍ଣ ଓ ବିକାଶମୁଖୀ ପ୍ରଯୁକ୍ତିବିଦ୍ୟା ସହଯୋଗ ଏବଂ ସୂଚନା ଆଦାନପ୍ରଦାନ ବ୍ୟବସ୍ଥାର ସମ୍ଭାବନାକୁ ବ୍ୟବହାର କରିବା ପାଇଁ ଏକତ୍ର କାର୍ଯ୍ୟ କରିବୁ, ଏବଂ ରଣନୈତିକ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ସହଯୋଗକୁ ସୁଦୃଢ଼ କରିବୁ।ଆମେ ଆମ ଅଞ୍ଚଳରେ ବିଭିନ୍ନ ସଂଗଠନ ଏବଂ ବ୍ୟକ୍ତିବିଶେଷଙ୍କ ସମେତ ଆତଙ୍କବାଦୀ ସଂକଟ ଉପରେ ସୂଚନା ଆଦାନପ୍ରଦାନ ବୃଦ୍ଧି କରିବାକୁ ପ୍ରତିବଦ୍ଧ, ଏବଂ ନିମ୍ନଲିଖିତ କ୍ଷେତ୍ରଗୁଡ଼ିକରେ ଉଗ୍ରବାଦ ଓ ଆତଙ୍କବାଦର ମୁକାବିଲା ପାଇଁ ବ୍ୟାପକ ସହଯୋଗର ସୁଯୋଗ ସନ୍ଧାନ କରିବୁ:କ. ନୂତନ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା; ଖ. ଆତଙ୍କବାଦୀ ପାଣ୍ଠି ଯୋଗାଣ ;ଗ. ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଏବଂ ଜନଗହଳିପୂର୍ଣ୍ଣ ସ୍ଥାନ;ଘ. ସାମୁଦ୍ରିକ ଅଞ୍ଚଳ; ଏବଂଙ. ଇଣ୍ଟରନେଟ୍ ମାଧ୍ୟମରେ ଚରମପନ୍ଥୀ ଚିନ୍ତାଧାରା ପ୍ରସାର। ଆମେ ପରମାଣୁ ଅସ୍ତ୍ରମୁକ୍ତ ଏକ ଶାନ୍ତିପୂର୍ଣ୍ଣ ବିଶ୍ୱ ଚାହୁଁ, ଏବଂ ଏହି ଉଦ୍ଦେଶ୍ୟରେ ପରମାଣୁ ଅପ୍ରସାର ପ୍ରତି ଏବଂ ବିଶ୍ୱସ୍ତରୀୟ, ସମ୍ପୂର୍ଣ୍ଣ, ପାତରଅନ୍ତରହୀନ ତଥା ଯାଞ୍ଚଯୋଗ୍ୟ ପରମାଣୁ ନିରସ୍ତ୍ରୀକରଣ ପ୍ରତି ଆମର ପ୍ରତିବଦ୍ଧତାକୁ ପୁନର୍ବାର ଦୋହରାଉଛୁ।

# ଅନ୍ନ ସେବା, ସ୍ୱେଚ୍ଛାସେବୀ, ପ୍ରଯୁକ୍ତି ସମନ୍ୱୟ ସହିତ ରିଲାଏନ୍ସର ତୀର୍ଥଯାତ୍ରୀ ଏବଂ ଆଗଧାଡ଼ିର ସେବା ପ୍ରଦାନକାରୀଙ୍କ ପାଇଁ ପୁରୀ ରଥଯାତ୍ରା ସେବା ଆରମ୍ଭ

ଭୁବନେଶ୍ୱର : ରଥଯାତ୍ରା ପାଇଁ ପୁରୀରେ ଲକ୍ଷ ଲକ୍ଷ ଭକ୍ତ ଏକତ୍ରିତ ହେବାକୁ ପ୍ରସ୍ତୁତ ହେଉଥିବା ବେଳେ, ପୁରୀ ପ୍ରଶାସନ ସହିତ ସହଯୋଗରେ ରିଲାଏନ୍ସ, ପୁରୀ ରଥଯାତ୍ରା ସେବା ସେବା ୨୦୨୬ ଅଭିଯାନ ମାଧ୍ୟମରେ ସହରରେ ବିବିଧ ସହାୟତା ପଦକ୍ଷେପକୁ ସୁଦୃଢ଼ କରିଛି। ରିଲାଏନ୍ସ ପକ୍ଷରୁ ଅନ୍ନ ସେବା, ସାର୍ବଜନୀନ ସହାୟତା ଭିତ୍ତିଭୂମି ସ୍ଥାପନା, ପରିମଳ, ସ୍ୱେଚ୍ଛାସେବୀ ନିୟୋଜନ, ସମୁଦାୟ ଯୋଗାଯୋଗ ଏବଂ ପ୍ରଯୁକ୍ତି ସମନ୍ୱୟ ଭଳି ବ୍ୟାପକ ପଦକ୍ଷେପଗୁଡିକୁ ଏକତ୍ର କରାଯାଇଛି। ଏହି ପଦକ୍ଷେପର ଲକ୍ଷ୍ୟ ହେଉଛି ଆଗଧାଡିର ସହାୟତାକୁ ଦୃଢ଼ କରିବା ଏବଂ ପବିତ୍ର ପୁରୀ ସହରକୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ଏକ ନିରାପଦ, ସୁଗମ ଏବଂ ସୁପରିଚାଳିତ ତୀର୍ଥଯାତ୍ରା ସୁନିଶ୍ଚିତ କରିବାରେ ସାହାଯ୍ୟ କରିବା। ୧୬ ଜୁଲାଇ, ୨୦୨୬ ରୁ ଆରମ୍ଭ ହେଉଥିବା ପବିତ୍ର ରଥଯାତ୍ରା ଏକ ଅତ୍ୟ' ଗୌରବମୟ ଓ ସମ୍ମାନଜନକ ପର୍ବ ଯାହା ସାରା ଦେଶରୁ ଭକ୍ତମାନଙ୍କୁ ଜଗନ୍ନାଥ ମନ୍ଦିରରୁ ଗୁଣ୍ଡିଚା ମନ୍ଦିରକୁ ପ୍ରଭୁ ଜଗନ୍ନାଥ, ପ୍ରଭୁ ବଳଭଦ୍ର ଏବଂ ଦେବୀ ସୁଭଦ୍ରାଙ୍କ ପବିତ୍ର ଯାତ୍ରା ଦେଖିବା ପାଇଁ ଆକର୍ଷିତ କରିଥାଏ। ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ, ଏହା ବିଶ୍ୱାସ, ଭକ୍ତି ଏବଂ ପରମ୍ପରାର ଏକ ଯାତ୍ରା, ଯାହା ଏହି ପର୍ବକୁ ଭାରତର ସବୁଠାରୁ ପ୍ରିୟ ଆଧ୍ୟାତ୍ମିକ ସମାବେଶ ମଧ୍ୟରୁ ଅନ୍ୟତମ କରିଥାଏ। ତୀର୍ଥଯାତ୍ରୀଙ୍କ ସୁରକ୍ଷା ଏବଂ ସୁବିଧା ସୁନିଶ୍ଚିତ କରିବା ପାଇଁ ନିୟୋଜିତ ଆଗଧାଡିର




କର୍ମଚାରୀଙ୍କ ପାଇଁ ବ୍ୟାପକ ସମନ୍ୱୟ, ସାର୍ବଜନୀନ ଭିତ୍ତିଭୂମି ଏବଂ ଆବଶ୍ୟକୀୟ ସମର୍ଥନକୁ ଦୃଷ୍ଟିରେ ରଖି, ରିଲାଏନ୍ସ ଏହାର 'ୱି-କେୟାର' ଆଦର୍ଶରେ ଅନୁପ୍ରାଣିତ ହୋଇ ପବିତ୍ର ଯାତ୍ରାକୁ ଭକ୍ତମାନଙ୍କ ପାଇଁ ସୁରକ୍ଷିତ, ସୁଗମ ଏବଂ ଅଧିକ ସୁବିଧାଜନକ କରିବା ଦିଗରେ ଆଗଧାଡ଼ିର କର୍ମଚାରୀ ଏବଂ ସାର୍ବଜନୀନ ସେବାକୁ ସହାୟତା କରିବାର ଏହି ପ୍ରୟାସରେ ଯୋଗଦାନ କରି ବେଶ ଗୌରବାନ୍ୱିତ ମନେକରୁଛି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନ' ଏମ୍ ଅମ୍ବାନୀ କହିଛନ୍ତି 'ମାନବ ସେବା ହିଁ ହେଉଛି ଭଗବାନଙ୍କ ସେବା। ଏହା ଉପରେ ଆମେ ଗଭୀର ଭାବରେ ବିଶ୍ୱାସ କରୁ। ଚଳିତ ବର୍ଷ, ଆମର ଦୀର୍ଘସ୍ଥାୟୀ ପ୍ରତିବଦ୍ଧତା ଉପରେ ଆଧାର କରି ଆମେ ଲକ୍ଷ ଲକ୍ଷ ଲୋକ ଏକତ୍ରିତ ହେଉଥିବା ଏହି ପବିତ୍ର ଅବସରରେ ଲୋକଙ୍କ ସେବା କରିବା ପାଇଁ ପୁରୀରେ ଲୋକଙ୍କୁ ସେବା ପ୍ରଦାନ କରିବାର ସୁଯୋଗକୁ ପ୍ରକୃତରେ ଏକ ଆଶୀର୍ବାଦ ଭାବରେ ଦେଖୁଛୁ। ଆମେ ବିଶ୍ୱାସ କରୁଛୁ ଯେ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀ ଏବଂ ଆଗଧାଡିର କର୍ମଚାରୀଙ୍କ ସେବା କରି, ଆମେ ଈଶ୍ୱରଙ୍କ ସେବା କରୁଛୁ। କେବଳ ଯାତ୍ରାକୁ ସୁଗମ କରିବା ନୁହେଁ ବରଂ ପ୍ରଶାସନକୁ ସହାୟତାର ହାତ ବଢାଇ ଆମେ ପୁଷ୍ଟିକର ଭୋଜନ, ସୁରକ୍ଷା ଏବଂ ପରିମଳ ପଦକ୍ଷେପ ଗୁଡିକୁ ସୁଦୃଢ କରିବା ପାଇଁ ପ୍ରତିବଦ୍ଧ ରହିଛୁ।' ଏହି ପଦକ୍ଷେପର ମୂଳରେ ସେବା, ମାନବତା, ଯତ୍ନ, ସମ୍ମାନ ଏବଂ ତୀର୍ଥଯାତ୍ରୀ ତଥା ଯାତ୍ରା ସମୟରେ ଦୀର୍ଘ ଘଣ୍ଟା ଧରି କର୍ତ୍ତବ୍ୟ ନିର୍ବାହ କରି ସେମାନଙ୍କର ସେବା କରୁଥିବା ଆଗଧାଡ଼ିର କର୍ମଚାରୀମାନଙ୍କ ପ୍ରତି କୃତଜ୍ଞତାର ଭାବନା ରହିଛି। ରିଲାଏନ୍ସ ଫାଉଣ୍ଡେସନର ସେବା ପଦକ୍ଷେପଗୁଡ଼ିକ ମଧ୍ୟରେ ପ୍ରମୁଖ ରହିଛି: ଅନ୍ନ ସେବା: ତୀର୍ଥଯାତ୍ରୀ ଏବଂ ଆଗଧାଡିର କର୍ମଚାରୀଙ୍କ ପାଇଁ ସଦ୍ୟ ପ୍ରସ୍ତୁତ ସାତ୍ତ୍ୱିକ ଭୋଜନ ଏବଂ ସୁରକ୍ଷିତ ପାନୀୟ ଜଳ ପରିବେଷଣ। ୧୫ ଜୁଲାଇରୁ ୨୭ ଜୁଲାଇ ପର୍ଯ୍ୟ' ଏକ କେନ୍ଦ୍ରୀୟ ରୋଷେଇ ଘର ମାଧ୍ୟମରେ କରାଯାଉଥିବା ଏହି ଅନ୍ନ ସେବାରେ ପୁରୀର ବଡଦାଣ୍ଡ ସ୍ଥିତ ଭୋଳାନାଥ ହାଇସ୍କୁଲରେ ଉତ୍ସର୍ଗୀକୃତ ଭୋଜନ ପରିବେଷଣ ସେବା ସୁବିଧା ଅ'ର୍ଭୁକ୍ତ ରହିଛି। ସେବା ପାଇଁ ଟେକ୍ - ପୁରୀ ଅନ୍ନ ସେବା ୨୦୨୬ ଜିଆଇଏସ ପ୍ଲାଟଫର୍ମ: ଏକକ ଜିଆଇଏସ-ସକ୍ଷମ ପ୍ଲାଟଫର୍ମ କ୍ଷେତ୍ର ସମନ୍ୱୟ ଏବଂ କାର୍ଯ୍ୟକ୍ଷମ ନିଷ୍ପତ୍ତି ଗ୍ରହଣକୁ ସୁଦୃଢ଼ କରିବା ସହିତ ସେବା କାର୍ଯ୍ୟର ଯୋଜନା, ତଦାରଖ, ଯାଞ୍ଚ ଏବଂ ଡକ୍ୟୁମେଣ୍ଟେସନରେ ସହାୟତା କରୁଛି। ପୋଲିସ ସହାୟତା ପୋଷ୍ଟ: ମନ୍ଦିର ପ୍ରବେଶ କ୍ଷେତ୍ର, ପରିବହନ ସ୍ଥାନ, ମେଡିକାଲ ଜୋନ୍, ପ୍ରମୁଖ ଛକ ଏବଂ ସମୁଦ୍ରକୂଳ ସ୍ଥାନ ସମେତ ୫୦ କିଲୋମିଟରରୁ ଅଧିକ ପ୍ରମୁଖ ତୀର୍ଥଯାତ୍ରୀ ମାର୍ଗରେ ପ୍ରାୟ ୯୦ ଟି ପୋଲିସ ସହାୟତା ପୋଷ୍ଟ ପ୍ରତିଷ୍ଠାରେ ସହାୟତା କରୁଛି। ଆଗଧାଡିର କର୍ମଚାରୀଙ୍କ ପାଇଁ ସମର୍ଥନ: ସେବା ଏବଂ ମାନବତାର ଭାବନା ସହିତ ପୋଲିସ କର୍ମଚାରୀ, ଅଗ୍ନିଶମ ସେବା ଦଳ, ଗୃହରକ୍ଷୀ, ସିଭିଲ୍ ଡିଫେନ୍ସ କର୍ମଚାରୀ, ସଫେଇ କର୍ମୀ, ମନ୍ଦିର ସଫେଇ ଦଳ, ସ୍ୱେଚ୍ଛାସେବୀ ଏବଂ ଅନ୍ୟ ଆଗଧାଡିର ସେବା ପ୍ରଦାନକାରୀମାନଙ୍କୁ ବର୍ଦ୍ଧିତ ଡ୍ୟୁଟି ସମୟ ମଧ୍ୟରେ ପାଣି, ଓଆରଏସ, ଖାଦ୍ୟପଦାର୍ଥ ଏବଂ ଅନ୍ୟାନ୍ୟ ଆବଶ୍ୟକୀୟ ସହାୟତା ପ୍ରଦାନ କରାଯାଉଛି। ଭିଡ଼ ପରିଚାଳନା ଏବଂ ସ୍ୱେଚ୍ଛାସେବୀ ସହାୟତା: ସ୍ୱେଚ୍ଛାସେବୀମାନେ ଯାତ୍ରୀମାନଙ୍କୁ ଯାତ୍ରା ମାର୍ଗ ସୂଚନା ଓ ମାର୍ଗଦର୍ଶନ, ସୁରକ୍ଷା ସହାୟତା ଏବଂ ଆବଶ୍ୟକୀୟ ସୂଚନା ପ୍ରଦାନ କରିବାରେ ସହାୟତା କରୁଛନ୍ତି। ସ୍ୱଚ୍ଛତା ଅଭିଯାନ: ପୁରୀ ପୌରପାଳିକା ମାଧ୍ୟମରେ ଅଧିକ ଜନଗହଳିପୂର୍ଣ୍ଣ ସ୍ଥାନଗୁଡ଼ିକରେ ପରିମଳ ଦଳ, ସ୍ୱେଚ୍ଛାସେବୀ ଏବଂ ତୀର୍ଥଯାତ୍ରୀ ସେବା ସଂଗଠନଗୁଡ଼ିକୁ ଆବର୍ଜନା ସଂଗ୍ରହ ବ୍ୟାଗ ଏବଂ ସୁରକ୍ଷା ଗ୍ଲୋଭସ୍ ପ୍ରଦାନ କରାଯାଉଛି। ଜନସମୁଦାୟରେ ପ୍ରସାର, ଯୋଗାଯୋଗ ଏବଂ ସଚେତନତା: ତୀର୍ଥଯାତ୍ରୀ ଏବଂ ବ୍ୟାପକ ସମୁଦାୟ ପାଇଁ ସ୍ୱାସ୍ଥ୍ୟ, ପରିମଳ ଏବଂ ସୁରକ୍ଷା ସଚେତନତା କାର୍ଯ୍ୟ ହାତକୁ ନିଆଯାଇଛି।

# ବେଦା' ଆଲୁମିନିୟମ ସାରା ଭାରତରେ ଶିଳ୍ପ-ସଂଯୁକ୍ତ ଦକ୍ଷତା କାର୍ଯ୍ୟକ୍ରମ ମାଧ୍ୟମରେ ୧୫,୦୦୦ରୁ ଅଧିକ ଯୁବକଙ୍କୁ ସଶକ୍ତ କରିଛି

ଝାରସୁଗୁଡ଼ା : ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦା' ଆଲୁମିନିୟମ, ଓଡ଼ିଶା ଏବଂ ଛତିଶଗଡ଼ରେ ଶିଳ୍ପ-ସଂଯୁକ୍ତ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ମାଧ୍ୟମରେ ୧୫,୦୦୦ ରୁ ଅଧିକ ଯୁବକଙ୍କୁ ସଶକ୍ତ କରି ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ଗଠନ ପାଇଁ ନିଜର ପ୍ରତିବଦ୍ଧତାକୁ ପୁନଃପ୍ରକାଶ କରିଛି। ଝାରସୁଗୁଡା, ଲାଗଡ଼, ବାଲକୋ ଏବଂ ଏହାର କୋଇଲା ଖଣିରେ ବ୍ୟାପକ ପଦକ୍ଷେପ ମାଧ୍ୟମରେ, କମ୍ପାନୀ ଯୁବପିଢ଼ିଙ୍କୁ ବଜାର-ପ୍ରାସଙ୍ଗିକ ଦକ୍ଷତା, ଶିଳ୍ପ ସମ୍ପ୍ରସାରଣ ଏବଂ ସ୍ଥାୟୀ ଜୀବିକା ନିର୍ବାହ ସୁଯୋଗ ସହିତ ସଜ୍ଜିତ କରୁଛି। କେବଳ ଆର୍ଥିକ ବର୍ଷ ୨୬ରେ, ବେଦା'ର ଦକ୍ଷତା କାର୍ଯ୍ୟକ୍ରମ ୧୫୦୦ ରୁ ଅଧିକ ଯୁବକଙ୍କୁ ତାଲିମ ଦେଇଛି, ଯାହା ଭାରତର ଦକ୍ଷ ପ୍ରତିଭାର ବର୍ଦ୍ଧିତ ଚାହିଦାକୁ ସମର୍ଥନ କରିବା ସହିତ ନିଯୁକ୍ତି, ଉଦ୍ୟୋଗ ଏବଂ ଆର୍ଥିକ ସ୍ୱାଧୀନତା ପାଇଁ ପଥ ସୃଷ୍ଟି କରିଛି। ବିଶ୍ୱ ଯୁବ ଦକ୍ଷତା ଦିବସ ୨୦୨୬ର ବିଷୟବସ୍ତୁ, 'ଏକ ଅଂଶୀଦାର ଭବିଷ୍ୟତ ପାଇଁ ଦକ୍ଷତା', ଦ୍ରୁତ ପରିବର୍ତ୍ତିତ କାର୍ଯ୍ୟ ଜଗତରେ ଉନ୍ନତି ପାଇଁ ଯୁବକମାନଙ୍କୁ ବୈଷୟିକ, ଡିଜିଟାଲ୍, ଏଆଇ ଏବଂ ଆ'ର୍ଜାତିକ ଦକ୍ଷତାର ମିଶ୍ରଣ ସହିତ ପ୍ରସ୍ତୁତ କରିବାର ଗୁରୁତ୍ୱକୁ ଉଜ୍ଜ୍ୱଳ କରିଛି । ଶିଳ୍ପଗୁଡ଼ିକ ବର୍ଦ୍ଧିତ ଭାବରେ ପ୍ରଯୁକ୍ତିବିଦ୍ୟା ଏବଂ ଉନ୍ନତ ଉତ୍ପାଦନକୁ ଗ୍ରହଣ କରୁଥିବାରୁ, ବେଦା' ଆଲୁମିନିୟମର ଦକ୍ଷତା ଇକୋସିଷ୍ଟମ ଶିଳ୍ପ-ମୁଖୀ ବୃତିଗତ ତାଲିମ, କ୍ୟାରିଅର ମାର୍ଗଦର୍ଶନ, କର୍ମକ୍ଷେତ୍ର ପ୍ରସ୍ତୁତି ଏବଂ ସ୍ଥାନ ସହାୟତା ପ୍ରଦାନ କରି ଏହି ଦୃଷ୍ଟିକୋଣ ସହିତ ସଂଯୁକ୍ତ ହୋଇଛି। ଭେଦକ୍ଷତା ଏବଂ ବେଦା' ସ୍କିଲ୍ ସ୍କୁଲ ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, କମ୍ପାନୀ ଆକାଂକ୍ଷା ଏବଂ ସୁଯୋଗ ମଧ୍ୟରେ ଥିବା ପାର୍ଥକ୍ୟକୁ ପୂରଣ କରିବାରେ ସାହାଯ୍ୟ କରୁଛି ଏବଂ ଯୁବପିଢ଼ିଙ୍କୁ ଭାରତର ଅର୍ଥନୈତିକ ଏବଂ ଶିଳ୍ପ ଅଭିବୃଦ୍ଧିରେ ଅର୍ଥପୂର୍ଣ୍ଣ ଯୋଗଦାନ ଦେବାକୁ ସକ୍ଷମ କରୁଛି। ଏହି ଅବସରରେ ବେଦା' ଆଲୁମିନିୟମର ସିଇଓ ରାଜେଶ କୁମାର କହିଛନ୍ତି, 'ଯୁବକମାନେ ଭାରତର ଅଭିବୃଦ୍ଧି କାହାଣୀର କେନ୍ଦ୍ରବିନ୍ଦୁ, ଏବଂ ଦକ୍ଷତା ହେଉଛି ଆକାଂକ୍ଷା ଏବଂ ସୁଯୋଗ ମଧ୍ୟରେ ସେତୁ। ବେଦା' ଆଲୁମିନିୟମରେ, ଆମେ ଯୁବପିଢ଼ିଙ୍କୁ ଶିଳ୍ପ-ପ୍ରାସଙ୍ଗିକ କ୍ଷମତା ସହିତ ସଜ୍ଜିତ କରିବା ସହିତ ଅର୍ଥପୂର୍ଣ୍ଣ ଜୀବିକା ନିର୍ବାହ କରିବାକୁ ପ୍ରତିବଦ୍ଧ। ଆମର ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଏବଂ ପଦକ୍ଷେପଗୁଡ଼ିକ ଭବିଷ୍ୟତ ପାଇଁ ପ୍ରସ୍ତୁତ କର୍ମଶକ୍ତି ନିର୍ମାଣ କରିବାରେ ସାହାଯ୍ୟ କରୁଛି ଯାହା ବ୍ୟକ୍ତିଗତ ପ୍ରଗତି ଏବଂ ଜାତୀୟ ବିକାଶ ଉଭୟରେ ବି ଯୋଗଦାନ ଦେଇଥାଏ । ବେଦା'ର ଦକ୍ଷତା ବିକାଶ ପଦକ୍ଷେପର ଜଣେ ଲାଭାର୍ଥୀ ଅଭିଲଚନା ମହ' କହିଛନ୍ତି, 'ଭେଦକ୍ଷତା ଦକ୍ଷତା କେନ୍ଦ୍ରରେ ଯୋଗଦାନ ମୋ ଜୀବନର ଏକ ମୋଡ଼ ଥିଲା। ଏହି ତାଲିମ ମୋତେ ଶିଳ୍ପ ଆବଶ୍ୟକତା ପାଇଁ ପ୍ରସ୍ତୁତ କରିଥିଲା ଏବଂ ଟାଟା ଇଲେକ୍ଟ୍ରୋନିକ୍ସରେ ଚାକିରି ସୁରକ୍ଷିତ କରିବାରେ ସାହାଯ୍ୟ କରିଥିଲା।

## ଆନ୍ତର୍ଜାତୀୟ ଜାୱା ୟେଜଦି ଦିବସର ୨୪ତମ ସଂସ୍କରଣ

ଭୁବନେଶ୍ୱର: ବିଶ୍ୱର ସବୁଠାରୁ ସ୍ଥାୟୀ ଚାଳକ-ନେତୃତ୍ୱାଧୀନ ମୋଟରସାଇକେଲ ପରମ୍ପରା ମଧ୍ୟରୁ ଗୋଟିଏ, ଅନ୍ତର୍ଜାତୀୟ ଜାୱା-ୟେଜ୍ ?ଦି ଦିବସ (ଆଇଜେୱାଇଡି) ଗତ ଜୁଲାଇ ୧୨ ତାରିଖ ୨୦୨୬ରେ ଏହାର ୨୪ତମ ସଂସ୍କରଣ ପାଳନ କରିଛି। ଜାୱା ଏବଂ ୟେଜଦି ମାଲିକମାନଙ୍କ ମଧ୍ୟରେ ଏକ ତୃଣମୂଳସ୍ତରୀୟ ପଦକ୍ଷେପ ଭାବରେ ଆରମ୍ଭ ହୋଇଥିବା ଏହି ଅଭିଯାନ ଏକ ବିଶ୍ୱସ୍ତରୀୟ ଆନ୍ଦୋଳନରେ ପରିଣତ ହୋଇଛି। ପ୍ରତିବର୍ଷ ଜୁଲାଇ ମାସର ଦ୍ୱିତୀୟ ରବିବାରରେ ପାଳନ କରାଯାଉଥିବା, ଆଇଜେୱାଇଡି ଏକ ଛୋଟ ମାଲିକ-ପରିଚାଳିତ ପଦକ୍ଷେପରୁ ପିଢ଼ି ମଧ୍ୟରେ ରାଇଡରମାନଙ୍କ ଦ୍ୱାରା ଆଦୃତ ଏକ ବିଶ୍ୱସ୍ତରୀୟ ପରମ୍ପରାରେ ପରିଣତ ହୋଇଛି। ଦଶନ୍ଧି ଧରି ଯାତ୍ରା କରିଥିବା ଭିଂଟେଜ୍ ଜାୱା ଏବଂ ୟେଜଦି ଆଧୁନିକ ଜାୱା ଓ ୟେଜଦି ମୋଟରସାଇକେଲ ସହିତ ଆଗକୁ ବଢ଼ି ଚାଲିଛନ୍ତି। ଚଳିତ ବର୍ଷ ଏହି ଉତ୍ସବ ଭାରତର ୧୫୦ରୁ ଅଧିକ ସହରରେ ୭୫୦୦ରୁ ଅଧିକ ରାଇଡରଙ୍କୁ ଏକତ୍ରିତ କରିଥିବା ବେଳେ ୪୦ରୁ ଅଧିକ ଉତ୍ସାହୀ ସମୁଦାୟ ଏଥିରେ ସାମିଲ୍ ହୋଇଥିଲେ। ଏସମ୍ପର୍କରେ କ୍ଲାସିକ୍ ଲିଜେଣ୍ଡସ୍ ?ର ସହ-ପ୍ରତିଷ୍ଠାତା ଅନୁପମ ଥରେଜା କହିଛନ୍ତି, "୨୪ ବର୍ଷ ପୂର୍ବେ, ରାଇଡରମାନଙ୍କ ମଧ୍ୟରେ ଆଗ୍ରହର ଏକ ସରଳ ଅଭିବ୍ୟକ୍ତି ଭାବେ ଅନ୍ତର୍ଜାତୀୟ ଜାୱା-ୟେଜଦି ଦିବସ ଆରମ୍ଭ ହୋଇଥିଲା ଯେଉଁମାନେ ସେମାନଙ୍କ ପ୍ରିୟ ମୋଟରସାଇକେଲଗୁଡ଼ିକୁ ପାଳନ କରିବାକୁ ଚାହୁଁଥିଲେ। ଆଜି ଏହା ଏକ ବିଶ୍ୱ ପରମ୍ପରାରେ ପରିଣତ ହୋଇଛି ଯାହା ସୀମା ଓ ପିଢ଼ିକୁ ଅତିକ୍ରମ କରିଛି। ଆଇଜେୱାଇଡିକୁ ପ୍ରକୃତରେ ସ୍ୱତନ୍ତ୍ର କରୁଥିବା ବିଷୟ ହେଉଛି ଏହା ରାଇଡରମାନଙ୍କର। ପ୍ରତ୍ୟେକ ଯାତ୍ରା, ପ୍ରତ୍ୟେକ ସମାବେଶ ଏବଂ ପ୍ରତ୍ୟେକ ଅଂଶୀଦାର କାହାଣୀ ଏହି ଐତିହ୍ୟକୁ ଜୀବନ୍ତ ରଖେ। ଅଧିକ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଏହା ଏହି ମୋଟରସାଇକେଲଗୁଡ଼ିକ ଉପରେ ନିର୍ମିତ ବନ୍ଧୁତା, ସମ୍ପ୍ରଦାୟ ଏବଂ ସ୍ମୃତିକୁ ପାଳନ କରେ। ବର୍ଷ ପରେ ବର୍ଷ ଆହୁରି ମଜବୁତ ହେଉଥିବା ଆନ୍ଦୋଳନର ଏକ ଅଂଶ ହୋଇଥିବାରୁ ଆମେ ଗୌରବାନ୍ୱିତ ମନେ କରୁଛୁ।"

## ରୁଫ୍‌ଟପ୍ ସୋଲାର ବ୍ୟବହାରକୁ ପ୍ରୋତ୍ସାହିତ କରିବା ପାଇଁ ଟିପିସିଓଡିଏଲ୍ ପକ୍ଷରୁ ଓଡ଼ିଶାର ପ୍ରଥମ 'ସୌର ରଥ'ର ଶୁଭାରମ୍ଭ

ଭୁବନେଶ୍ୱର : ସ୍ୱଚ୍ଛ ଶକ୍ତିର ବ୍ୟବହାରକୁ ତ୍ୱରାନ୍ୱିତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ, ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ମିଳିତ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ଓଡ଼ିଶାର ପ୍ରଥମ 'ସୌର ରଥ'ର ଶୁଭାରମ୍ଭ କରାଯାଇଛି। ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନାକୁ ପ୍ରୋତ୍ସାହିତ କରିବା ଏବଂ ଉପଭୋକ୍ତା ମାନଙ୍କୁ ରୁଫ୍‌ଟପ୍ ସୋଲାର ଲଗାଇବାକୁ ଉତ୍ସାହିତ କରିବା ପାଇଁ ଏହା ଏକ ମୋବାଇଲ୍ ସଚେତନତା ଅଭିଯାନ ଅଟେ। ଭୁବନେଶ୍ୱର ସ୍ଥିତ ପାୱାର ଡିଷ୍ଟ୍ରିବ୍ୟୁସନ ଟେକ୍ନୋଲୋଜି ସେଣ୍ଟରେ (ପିଡିଟିସି) ଠାରେ ଟାଟା ପାୱାରର ଚିଫ ଓଡିଶା ଡିଷ୍ଟ୍ରିବ୍ୟୁସନ ବିଜନେସ ତଥା ଟିପିସିଓଡିଏଲ୍‌ର ସିଇଓ ଶ୍ରୀ ଗଜାନନ ଏସ୍. କାଲେ ଏବଂ ଟାଟା ପାୱାରର ସିଏଚଆରଓ ଏବଂ ସଷ୍ଟେନେବିଲିଟି ଓ ସିଏସଆର ମୁଖ୍ୟ ହିମଲ ତିୱାରୀ କମ୍ପାନୀର ବରିଷ୍ଠ ନେତୃତ୍ୱ ଦଳଙ୍କ ଉପସ୍ଥିତିରେ ଏହି ସୌର ରଥକୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ। ଏହି ସଚେତନତା ଅଭିଯାନର ଏକ ଅଂଶ ଭାବରେ, ସୌର ରଥ ଗୁଡ଼ିକ ପୁରୀ ଏବଂ ଢେଙ୍କାନାଳ ଅଞ୍ଚଳ ପରିକ୍ରମା କରିବେ ଏବଂ ରୁଫ୍‌ଟପ୍ ସୋଲାର ବିଷୟରେ ସିଧାସଳଖ ଉପଭୋକ୍ତା ମାନଙ୍କ ନିକଟରେ ସଚେତନତା ପହଞ୍ଚାଇବେ। ଏହି ଅଭିଯାନ ସହିତ 'ସୋଲାର ସାଙ୍ଗ' ନାମକ ଜଣେ ସମର୍ପିତ ପ୍ରତିନିଧି ମଧ୍ୟ ରହିବେ, ଯିଏ ସ୍ଥାନୀୟ ଲୋକମାନଙ୍କୁ ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ବିଷୟରେ ଶିକ୍ଷା ଦେବେ। ସେ ରୁଫ୍‌ଟପ୍ ସୋଲାର ଲଗାଇବାର ଲାଭ, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସବସିଡି, ଯୋଗ୍ୟତା ମାପଦଣ୍ଡ ଏବଂ ଆବେଦନ ପ୍ରକ୍ରିୟା ବିଷୟରେ ବୁଝାଇବେ। ଏହା ସହିତ ଉପଭୋକ୍ତା ମାନେ ଯେପରି ନିଜ ବିଦ୍ୟୁତ ଆବଶ୍ୟକତା ଅନୁଯାୟୀ ସର୍ବୋତ୍ତମ ବିକଳ୍ପ ବାଛିପାରିବେ, ସେଥିପାଇଁ ୧ କିଲୋୱାଟ୍ ୟୁଏଲଏ ମଡେଲ୍ ସହିତ ବିଭିନ୍ନ ରୁଫ୍‌ଟପ୍ ସୋଲାର ସଲ୍ୟୁସନ ବିଷୟରେ ମଧ୍ୟ ସଚେତନତା ସୃଷ୍ଟି କରିବେ। ଏହି ଅଭିଯାନର ଲକ୍ଷ୍ୟ ହେଉଛି ରୁଫ୍‌ଟପ୍ ସୋଲାର ବିଷୟରେ ନିର୍ଭରଯୋଗ୍ୟ ତଥ୍ୟକୁ ସହଜରେ ଲୋକମାନଙ୍କ ପାଖରେ ପହଞ୍ଚାଇବା, ଯାହା ଦ୍ୱାରା ପରିବାରଗୁଡ଼ିକ ନିଜର ବିଦ୍ୟୁତ ବିଲ୍ କମାଇ ପାରିବେ, ସ୍ୱଚ୍ଛ ଶକ୍ତି ଉତ୍ପାଦନ କରିପାରିବେ ଏବଂ ଏକ ସୁଦୃଢ଼ ଭବିଷ୍ୟତ ଗଠନରେ ଯୋଗଦାନ ଦେଇପାରିବେ।

## ଆଲେନ ଛାତ୍ରଛାତ୍ରୀ ଅନ୍ତର୍ଜାତୀୟ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡ୍ ୫ଟିରୁ ୪ଟି ସ୍ୱର୍ଣ୍ଣ ପଦକ ଜିତିଲେ

ଭୁବନେଶ୍ୱର: ଜୁଲାଇ ୪ରୁ ୧୨ ପର୍ଯ୍ୟନ୍ତ କଲମ୍ବିଆରବୁକାରାମାଙ୍ଗାଠାରେ ଅନୁଷ୍ଠିତ ୫୬ତମ ଅନ୍ତର୍ଜାତୀୟ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡ୍ (ଆଇପିଏଚଓ ୨୦୨୬) ରେଭାରତୀୟ ଦଳର ପ୍ରତିନିଧିତ୍ୱକରିଥିବାସମସ୍ତ ପାଂଚ ଜଣ ଛାତ୍ରଛାତ୍ରୀସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହି ପାଂଚଟି ପଦକ ମଧ୍ୟରୁଚାରିଟି ପଦକ ଆଲେନ୍ କ୍ୟାରିୟର୍ଇନଷ୍ଟିଚ୍ୟୁଟ୍ ଛାତ୍ରଛାତ୍ରୀମାନେ ଜିତିଛନ୍ତି।ଏହି ପ୍ରଦର୍ଶନ ଆଧାରରେ ଅଂଶଗ୍ରହଣ କରିଥିବା ୮୭ଟି ଦେଶ ମଧ୍ୟରେ ଭାରତଶୀର୍ଷସ୍ଥାନ ହାସଲକରିଛି। ସ୍ୱର୍ଣ୍ଣ ପଦକ ବିଜେତାକନିଷ୍କଜୈନ, ରିଦ୍ଧେଶବେନ୍ଦାଲେ, ରକ୍ଷିତଗର୍ଗ ଓ ସ୍ୱରିତଜୋଶୀ ହେଉଛନ୍ତି ଆଲେନ୍ର କ୍ଲାସରୁମ୍ ଛାତ୍ରଛାତ୍ରୀ। ପ୍ରଧାନମନ୍ତ୍ରୀ ନରେନ୍ଦ୍ରମୋଦୀ ଭାରତୀୟ ଦଳକୁ ଅସାଧାରଣ ପ୍ରଦର୍ଶନ ପାଇଁଏକ୍ସରେ ଅଭିନନ୍ଦନ ଜଣାଇଛନ୍ତି। ସେବିଜ୍ଞାନ ପ୍ରତି ଦେଶର ଯୁବପିଢ଼ିଙ୍କ ଆଗ୍ରହ ଓ ଭଲପାଇବାକୁ ମଧ୍ୟ ପ୍ରଶଂସାକରିଛନ୍ତି। ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ଅଭିନନ୍ଦନ ଜଣାଇ ଆଲେନ୍ର ସିଇଓ ନିତିନ କୁକରେଜା କହିଛନ୍ତି ଯେ, 'ଆଲେନ୍ର ଛାତ୍ରଛାତ୍ରୀମାନେ ସମସ୍ତ କ୍ଷେତ୍ରରେ ଚମତ୍କାର ଫଳାଫଳ ଦେଉଛନ୍ତି।ସେକହିଛନ୍ତି ଯେ ଚଳିତବର୍ଷର ପ୍ରଥମ ପ୍ରମୁଖ ଅନ୍ତର୍ଜାତୀୟ ଅଲିମ୍ପିଆଡ୍ରେ ଆଲେନ୍ ଛାତ୍ରଛାତ୍ରୀମାନଙ୍କୁ ପାଂଚଟିସ୍ୱର୍ଣ୍ଣ ପଦକ ମଧ୍ୟରୁ ଚାରିଟିଜିତିବାର ଦେଖିବା ଅତ୍ୟନ୍ତ ଆନନ୍ଦ ଦାୟକ। ଏହି ଫଳାଫଳ ଗୁଡ଼ିକ ଅନ୍ତର୍ଜାତୀୟ ସ୍ତରରେ ଦେଶର ବଢୁଥିବାଗୌରବକୁ ପ୍ରତିଫଳିତ କରୁଛି। ଆଜି ପର୍ଯ୍ୟନ୍ତ ଆଲେନ୍ ଛାତ୍ରମାନେ ବିଭିନ୍ନ ଆଧିକାରିକ ଅଲିମ୍ପିଆଡ୍ରେ ୯୦ଟି ସ୍ୱର୍ଣ୍ଣ ପଦକ ସମେତ ୧୮ଟି ପଦକ ଜିତିଛନ୍ତି ଯାହା ଆଲେନ୍ର ଶିକ୍ଷଣୀୟା ଉତ୍କର୍ଷତାର ଏକ ପ୍ରମାଣ। ଏହି ଅଲିମ୍ପିଆଡ୍ ଚାରିଟି ପର୍ଯ୍ୟାୟରେ ପରିଚାଳିତ ହୋଇଛି। ପ୍ରଥମ ପର୍ଯ୍ୟାୟ 'ନ୍ୟାସନାଲ୍ ଷ୍ଟାଣ୍ଡାର୍ଡ ଏକଜାମିନେସନ ଇନ ଫିଜିକ୍ସ (ଏନଏସଇପି), ଇଣ୍ଡିଆନ୍ ଆସୋସିଏସନ୍ ଅଫ୍ ଫିଜିକ୍ସଟିଚର୍ସ (ଆଇଏପିଟି) ଦ୍ୱାରା ପରିଚାଳିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ୧୩୮ ଜଣ ଆଲେନ୍ ଛାତ୍ରଛାତ୍ରୀମ ନୋନୀତ ହୋଇଥିଲେ। ପରବର୍ତୀ ସମୟରେ ହୋମିଭାଭା ସେଣ୍ଟର୍ ଫର୍ସାଇନ୍ସଏଜୁ କେସନ୍ (ଏଚବିସିଏସଇ) ଦ୍ୱାରା ଆୟୋଜିତ ଦ୍ୱିତୀୟ ପର୍ଯ୍ୟାୟ 'ଇଣ୍ଡିଆନ୍ ନ୍ୟାସନାଲ୍ ଫିଜିକ୍ସ ଅଲିମ୍ପିଆଡ୍' (ଆଇଏନପିଏଚଓ) ପରେ ୨୦ ଜଣ ଆଲେନ୍ ଛାତ୍ରଛାତ୍ରୀ ତୃତୀୟ ପର୍ଯ୍ୟାୟ ପାଇଁମନୋନୀତ ହୋଇଥିଲେ। ତୃତୀୟ ପର୍ଯ୍ୟାୟଓରିଏଂଟେସନ୍-କମ୍-ସିଲେକ୍ସନ୍କ୍ୟାମ୍ପ (ଓସିଏସସି) ଅନୁଷ୍ଠିତ ହୋଇଥିଲା। ଏହାପରେ ଭାରତର ପ୍ରତିନିଧିତ୍ୱ କରିବା ପାଇଁ ଏକ ପାଂଚଜଣିଆ ଦଳ ମନୋନୀତ ହୋଇଥିଲା। ଏହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଚାରିଜଣ ଆଲେନ୍ରୁ ଥିଲେ। ଚତୁର୍ଥ ତଥା ଚୂଡ଼ାନ୍ତ ପର୍ଯ୍ୟାୟ, ୫୬ତମ ଅନ୍ତର୍ଜାତୀୟ ପଦାର୍ଥ ବିଜ୍ଞାନ ଅଲିମ୍ପିଆଡ୍ କଲମ୍ବିଆରବୁ କାରାମାଙ୍ଗାଠାରେ ଅନୁଷ୍ଠିତ ହୋଇଥିଲା। ସେଥିରେ ୮୭ ଟି ଦେଶରୁ ୩୮୧ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ।

## ରାସ୍ତା ପାଇଁ ହିନସ୍ତା ଦୁର୍ଗମ ଅଞ୍ଚଳବାସୀ ରାଜ୍ୟ ସରକାର ଦୃଷ୍ଟି ଦେବାକୁ ଦାବି

କଳାହାଣ୍ଡି: କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଦୁର୍ଗମ ପାଡେପଦର ପଞ୍ଚାୟତ ଅଧୀନସ୍ଥ ଖମାରପଦର ଗାଁକୁ ସଂଯୋଗ କରୁଥିବା ରାସ୍ତା ବର୍ଷା ଋତୁରେ ଅତ୍ୟନ୍ତ ଶୋଚନୀୟ ହୋଇପଡ଼ିଛି । ରାସ୍ତାରେ ଆଣ୍ଠୁଏ କାଦୁଅ ଜମି ରହିଥିବାରୁ ଯାନବାହନ ଚଳାଚଳ ପ୍ରାୟ ଅସମ୍ଭବ ହୋଇପଡ଼ିଛି । ଏହାର ସବୁଠାରୁ ବଡ଼ ପ୍ରଭାବ ସ୍ୱାସ୍ଥ୍ୟସେବା ଉପରେ ପଡ଼ିଥିବାବେଳେ ଜରୁରୀ ପରିସ୍ଥିତିରେ ଆମ୍ବୁଲାନ୍ସ ମଧ୍ୟ ଗାଁରେ ପହଞ୍ଚିପାରୁନାହିଁ । ଫଳରେ ସ୍ଥାନୀୟ ଲୋକେ ଦୁର୍ବିସହ ଜୀବନ ବିତାଉଛନ୍ତି । ଖମାର ପଦର ରାଜସ୍ୱ ଗ୍ରାମ ଅଧୀନରେ ଭାଟିପାସ ଓ ଭୂତଗୁଡ଼ା ନାମକ ଦୁଇଟି ଉପଗ୍ରାମ ରହିଛି ଓ ଏହି ତିନୋଟି ଗାଁର ଲୋକେ ପ୍ରତିଦିନ ଯାତାୟାତ, ସ୍ୱାସ୍ଥ୍ୟସେବା, ଶିକ୍ଷା ଓ ଜୀବିକା ପାଇଁ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସ୍ୱାଧୀନତାର ସାତ ଦଶନ୍ଧିରୁ ଅଧିକ ସମୟ ବିତିଯାଇଥିଲେ ମଧ୍ୟ ବିକାଶର ଆଲୋକ ଏହି ସୀମାନ୍ତ ଆଦିବାସୀ ଅଞ୍ଚଳକୁ ସମ୍ପୂର୍ଣ୍ଣ ଭାବେ ପହଞ୍ଚିପାରି ନାହିଁ। କଳାହାଣ୍ଡି ଓ ନବରଙ୍ଗପୁର ଜିଲ୍ଲା ସୀମାରେ ଅବସ୍ଥିତ ଏହି ଅଞ୍ଚଳ ଆଜି ମଧ୍ୟ ଏକ ପଛୁଆ ଅଞ୍ଚଳର ଚିତ୍ର ପ୍ରଦର୍ଶନ କରୁଛି। ସ୍ୱାସ୍ଥ୍ୟ ସେବା, ଉଚ୍ଚ ଶିକ୍ଷା ଏବଂ ଅନ୍ୟାନ୍ୟ ଜରୁରୀ ସୁବିଧା ପାଇଁ ଏଠାକାର ଲୋକଙ୍କୁ ପ୍ରାୟତଃ ପଡ଼ୋଶୀ ନବରଙ୍ଗପୁର ଜିଲ୍ଲା ଉପରେ ନିର୍ଭର କରିବାକୁ ପଡୁଛି । ୨୦୧୭ରେ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ନିର୍ମିତ ଖମାରପଦରରୁ ମୁଣ୍ଡିଘାଟି ପର୍ଯ୍ୟନ୍ତ ରାସ୍ତା ବର୍ତ୍ତମାନ ଖାଲଖମାରେ ଭର୍ତ୍ତି ହୋଇଯାଇଛି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ନିର୍ମାଣ ପରଠାରୁ ଆଜି ପର୍ଯ୍ୟନ୍ତ ଏହି ରାସ୍ତାର କୌଣସି ମରାମତି କରାଯାଇ ନାହିଁ । ବର୍ଷା ହେଲେ ରାସ୍ତାରେ ପାଣି ଜମି ଯାତାୟାତ ସମ୍ପୂର୍ଣ୍ଣ ବ୍ୟାହତ ହେଉଛି। ସେହିପରି ଦୁରେସପଦରରୁ ବେଣାଖମାର ମଧ୍ୟରେ ଥିବା ଡୁମନିନାଳ ରାସ୍ତାରେ ନୂତନ ମାଟି ପକାଯାଇଥିବାରୁ ବର୍ଷାରେ ଆଣ୍ଠୁଏ ଆଣ୍ଠୁଏ କାଦୁଅ ସୃଷ୍ଟି ହୋଇଛି । ଏହି କାଦୁଅ ଭିତରେ ଯାନବାହନ ଫସି ଯାଉଥିବା ସହ ସାଧାରଣ ଲୋକମାନେ ମଧ୍ୟ ଜୀବନକୁ ବାଜି ଲଗାଇ ଯାତାୟାତ କରୁଛନ୍ତି । ସୂଚନା ଅନୁସାରେ, ୨୦୦୮ରେ ମହୁଲପଟଣାରୁ ପାଡେପଦର ଭାୟା ଖମାରପଦର ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ସଡ଼କ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । କିନ୍ତୁ ଏହି ରାସ୍ତା ପାଡେପଦର ସୀମାରେ ଅଟକି ଯାଇଥିବାରୁ ଖମାରପଦର ଅଞ୍ଚଳବାସୀ ଆଜି ମଧ୍ୟ ପକ୍କା ସଡ଼କ ସୁବିଧାରୁ ବଞ୍ଚିତ ରହିଛନ୍ତି। ପରବର୍ତ୍ତୀ ସମୟରେ ମହୁଲପାଟଣାରୁ ନବରଙ୍ଗପୁର ଜିଲ୍ଲାର ତେନ୍ତୁଳିଖୁଣ୍ଟି ସୀମା ପର୍ଯ୍ୟନ୍ତ ଭାୟା ଖମାରପଦର ୨୮ କିଲୋମିଟର ରାସ୍ତା ନିର୍ମାଣ ପାଇଁ ୪୯ କୋଟି ୬୮ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା । ସୂଚନାଫଳକ ଅନୁଯାୟୀ, ୪୪ କୋଟି ୪୪ ଲକ୍ଷ ଟଙ୍କା କାର୍ଯ୍ୟ ଅଟକଳରେ ୨୮ ଡିସେମ୍ବର ୨୦୨୩ରେ ୨୦୨୫ ସୁଦ୍ଧା ଆରମ୍ଭ ହୋଇ ୨୭ ଡିସେମ୍ବର ୨୦୨୫ ସୁଦ୍ଧା ଶେଷ ହେବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା ଓ ଖମାର ପଦର ନିକଟରେ ଲାଗିବା ସୂଚନା ଫଳକରେ ଠିକା ସଂସ୍ଥାର ନାମ ଉଲ୍ଲେଖ ରହିଛି । ଏହି ପ୍ରକଳ୍ପ ତତ୍କାଳୀନ ବିଜେଡି ସରକାର ଅମଳରେ ଅନୁମୋଦିତ ହୋଇଥିଲା । କିନ୍ତୁ ତାହା ମଧ୍ୟ ଅନିଶ୍ଚିତତା ମଧ୍ୟରେ ଅଟକିଛି । ରାସ୍ତା ନିର୍ମାଣ ପାଇଁ ଜିଲ୍ଲା ପ୍ରଶାସନ ଠାରୁ ଆରମ୍ଭକରିମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ନେଇଥିଲେ ମଧ୍ୟ ଏଯାଏଁ କୌଣସି ସୁଫଳ ମିଳିପାରିନି ଓ ଯାହାକୁ ନେଇ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିଚାଲିଛି। ବର୍ଷା ଋତୁରେ ରୋଗୀଙ୍କୁ ଖଟିଆ କିମ୍ବା ଅନ୍ୟ ଉପାୟରେ ମୁଖ୍ୟ ରାସ୍ତାକୁ ଆଣିବାକୁ ପଡୁଥିବା ଅଭିଯୋଗ ହେଉଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀମାନେ ଦାବି କରିଛନ୍ତି ଯେ, ଖମାରପଦର ଅଞ୍ଚଳର ଉନ୍ନତି ପାଇଁ ରାସ୍ତା ନିର୍ମାଣ କାର୍ଯ୍ୟକୁ ତୁରନ୍ତ ସମ୍ପୂର୍ଣ୍ଣ କରାଯିବା ସହିତ ପୁରୁଣା ପ୍ରଧାନମନ୍ତ୍ରୀ ସଡକର ଜରୁରୀ ମରାମତି କରାଯାଉ ।

## ବିଶ୍ୱସ୍ତରୀୟ ଚିପ୍ ଉପକରଣ ଖର୍ଚ୍ଚ ବୃଦ୍ଧି, ଭାରତର ସେମିକଣ୍ଡକ୍ଟର ଇକୋସିଷ୍ଟମ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି

ଭୁବନେଶ୍ୱର: ସେମିର ମଧ୍ୟବର୍ଷର ଟୋଟାଲ ସେମିକଣ୍ଡକ୍ଟର ଇକୋସିଷ୍ଟମ ପୂର୍ବାନୁମାନ ଅନୁଯାୟୀ, ବିଶ୍ୱସ୍ତରୀୟ ସେମିକଣ୍ଡକ୍ଟର ଉତ୍ପାଦନ ଉପକରଣ ବିକ୍ରୟ ୨୦୨୬ ରେ ରେକର୍ଡ ୧୬୫.୯ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷ ତୁଳନାରେ ୨୩.୨% ବୃଦ୍ଧି ଏବଂ ୨୦୨୮ ସୁଦ୍ଧା ସେମାନଙ୍କର ଅଭିବୃଦ୍ଧି ପଥ ୨୨୯.୫ ବିଲିୟନ ଆମେରିକୀୟ ଡଲାରକୁ ଜାରି ରହିବ। ଏହା କୃତ୍ରିମ ବୁଦ୍ଧିମତା ଉନ୍ନତ ଲଜିକ୍, ଉଚ୍ଚ-ବ୍ୟାଣ୍ଡୱିଡଥ୍ ମେମୋରୀ (ଐଇଗ), ଉନ୍ନତ ପ୍ୟାକେଜିଂ ଏବଂ ପରବର୍ତୀ ପିଢ଼ିର ସେମିକଣ୍ଡକ୍ଟର ଉତ୍ପାଦନ ପ୍ରଯୁକ୍ତିବିଦ୍ୟାରେ ନିବେଶକୁ ତ୍ୱରାନ୍ୱିତ କରି ଚାଲିତ ପାଂଚ ବର୍ଷର ଶିଳ୍ପ ଅଭିବୃଦ୍ଧିକୁ ଚିହ୍ନିତ କରିଛି। ପୂର୍ବାନୁମାନ ବିଶ୍ୱବ୍ୟାପୀ ଚିପ୍ ନିର୍ମାତାମାନେ ଏଆଇ-ଚାଳିତ କମ୍ପ୍ୟୁଟିଂ, ହାଇପରସ୍କେଲ ଡାଟା ସେଂଟର, ଅଟୋମୋଟିଭ୍ ଇଲେକ୍ଟ୍ରୋନିକ୍ସ ଏବଂ ବୁଦ୍ଧିମାନ ଏଜ୍ ଡିଭାଇସଗୁଡ଼ିକୁ ସମର୍ଥନ କରିବା ପାଇଁ କ୍ଷମତା ବିସ୍ତାର କରୁଥିବାରୁ ୱେଫର ଫ୍ୟାବ୍ରିକେସନ୍ ଉପକରଣ, ସେମିକଣ୍ଡକ୍ଟର ପରୀକ୍ଷଣ ସିଷ୍ଟମ ଏବଂ ଆସେମ୍ବଲି ଏବଂ ପ୍ୟାକେଜିଂ ଉପକରଣରେ ଦୃଢ଼ ଅଭିବୃଦ୍ଧିକୁ ଉଲ୍ଲେଖ କରିଛି। ସର୍ବବୃହତ ସେଗମେଂଟ, ୱାଫର ଫ୍ୟାବ୍ ଇକ୍ୱିପମେଂଟ, ୨୦୨୬ ରେ ୧୪୩.୯ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆଶା କରାଯାଉଛି, ଯେତେବେଳେ ସେମିକଣ୍ଡକ୍ଟର ପରୀକ୍ଷଣ ଉପକରଣ ୩୧% ବୃଦ୍ଧି ପାଇ ୧୫.୩ ବିଲିୟନ ଆମେରିକୀୟ ଡଲାରରେ ପହଂଚିବ ବୋଲି ଆକଳନ କରାଯାଇଛି। 'ଏଆଇ ଅଧିକ ଶକ୍ତିଶାଳୀ ଏବଂ ଦକ୍ଷ ଚିପ୍ସ ପାଇଁ ଚାହିଦାକୁ ତ୍ୱରାନ୍ୱିତ କରୁଛି, ଯାହା ସେମିକଣ୍ଡକ୍ଟର ପ୍ରି ଉପକରଣ ବଜାରରେ ବର୍ଦ୍ଧିତ ନିବେଶକୁ ଆଗେଇ ନେଉଛି,' ସେମି ସଭାପତି ଏବଂ ସିଇଓ ଅଜିତ ମନୋଚା କହିଛନ୍ତି। 'ମଧ୍ୟ ବର୍ଷର ପୂର୍ବାନୁମାନ ଏକ ଉଚ୍ଚ ଉପକରଣ ଖର୍ଚ୍ଚ ଗତିପଥକୁ ସୂଚିତ କରୁଛି କାରଣ ଚିପ୍ ନିର୍ମାତାମାନେ ଏଆଇ ଯୁଗ ପାଇଁ ଆବଶ୍ୟକ ଅଗ୍ରଣୀ ଲଜିକ୍, ଉନ୍ନତ ମେମୋରୀ, ପରୀକ୍ଷଣ ଏବଂ ପ୍ୟାକେଜିଂ କ୍ଷମତାରେ ନିବେଶ କରନ୍ତି। ଭାରତ ପାଇଁ, ଏହି ବିଶ୍ୱ ନିବେଶ ଚକ୍ର ଏକ ଗୁରୁତ୍ୱପୂର୍ଣ୍ଣ ସମୟରେ ଆସିଛି। ଦେଶ ପୂର୍ବରୁ ୧୨ ଟି ସେମିକଣ୍ଡକ୍ଟର ଉତ୍ପାଦନ ପ୍ରକଳ୍ପକୁ ଅନୁମୋଦନ କରିଛି ଯେଉଁଥିରେ ଫ୍ୟାବ୍ସ, ଏଟିଏମପି/ଓଏସଏଟି ସୁବିଧା, କମ୍ପାଉଣ୍ଡ ସେମିକଣ୍ଡକ୍ଟର ଏବଂ ଡିସପ୍ଲେ ଉତ୍ପାଦନ ଅ'ର୍ଭୁକ୍ତ, ଯାହା ୨୦ ବିଲିୟନ ଆମେରିକୀୟ ଡଲାରରୁ ଅଧିକ ନିବେଶକୁ ପ୍ରତିନିଧିତ୍ୱ କରୁଛି। ସେମିକନ ଇଣ୍ଡିଆ ପ୍ରୋଗ୍ରାମ୍, ପିଏଲଆଇ, ଇସିଏମଏସ, ଇଏମସି, ଆରଡିଆଇ, ଏଆଇ ମିଶନ୍ ଏବଂ ସେମିକଣ୍ଡକ୍ଟର ଡିଜାଇନ୍ ଏବଂ ଉତ୍ପାଦନ ପାଇଁ ନିର'ର ନୀତି ଗୁରୁତ୍ୱ ସହିତ, ଭାରତ ସ୍ଥିର ଭାବରେ ଏକ ବ୍ୟାପକ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ଇକୋସିଷ୍ଟମ୍ ନିର୍ମାଣ କରୁଛି। 'ସେମିକଣ୍ଡକ୍ଟର ଉତ୍ପାଦନ ଉପକରଣ ନିବେଶରେ ବିଶ୍ୱସ୍ତରରେ ଦୃଢ଼ ଅଭିବୃଦ୍ଧି ଏଆଇ, ଉନ୍ନତ କମ୍ପ୍ୟୁଟିଂ ଏବଂ ବୁଦ୍ଧିମାନ ଇଲେକ୍ଟ୍ରୋନିକ୍ସ ଦ୍ୱାରା ପରିଚାଳିତ ଏକ ନୂତନ ପ୍ରଯୁକ୍ତି ଚକ୍ରର ଆରମ୍ଭକୁ ପ୍ରତିଫଳିତ କରେ। ଭାରତ ପାଇଁ, ଏହି ଗତି ଆମର ଜାତୀୟ ସେମିକଣ୍ଡକ୍ଟର ମିଶନ ସହିତ ସମ୍ପୂର୍ଣ୍ଣ ଭାବରେ ସମନ୍ୱିତ। ଭାରତ ଦ୍ରୁତ ଗତିରେ ଫ୍ୟାବ୍ସ, ଓଏସଏଟି, ପ୍ରଦର୍ଶନ ଉତ୍ପାଦନ ଏବଂ ଉପକରଣ, ସାମଗ୍ରୀ ଏବଂ ଉପାଦାନ ପାଇଁ ଏକ ଦୃଢ଼ ଇକୋସିଷ୍ଟମ ନିର୍ମାଣ କରୁଥିବାରୁ, ଦେଶ ବିଶ୍ୱସ୍ତରରେ ନିବେଶ ପାଇଁ ଏକ ଆକର୍ଷଣୀୟ ଗ'ବ୍ୟସ୍ଥଳ ହେବାକୁ ଯାଉଛି। ଏହା କେବଳ ସେମିକଣ୍ଡକ୍ଟର ଉତ୍ପାଦନ ପାଇଁ ନୁହେଁ, ବରଂ ଏକ ଦୃଢ଼ ଘରୋଇ ଯୋଗାଣ ଶୃଙ୍ଖଳ ବିକାଶ କରିବା, ନବସୃଜନକୁ ପ୍ରୋତ୍ସାହିତ କରିବା, ଉଚ୍ଚ-ମୂଲ୍ୟର ଚାକିରି ସୃଷ୍ଟି କରିବା ଏବଂ ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ମୂଲ୍ୟ ଶୃଙ୍ଖଳରେ ଭାରତକୁ ଅଧିକ ଗଭୀର ଭାବରେ ସଂଯୁକ୍ତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ପ୍ରଦାନ କରେ। ସେମି ଇଣ୍ଡିଆର ସଭାପତି ଅଶୋକ ଚଣ୍ଡକ କହିଛନ୍ତି। ରିପୋର୍ଟଟି ଏଚବିଏମ,ଡିଆରଏମ, ଏବଂ ଏନଏଏନଡି ସମେତ ଉନ୍ନତ ମେମୋରୀ ପ୍ରଯୁକ୍ତି ଏବଂ ଅଗ୍ରଣୀ ଲଜିକ୍ ଉତ୍ପାଦନରେ ନିର'ର ନିବେଶକୁ ଆହୁରି ଗୁରୁତ୍ୱାରୋପ କରେ। ବିଶ୍ୱସ୍ତରରେ ସେମିକଣ୍ଡକ୍ଟର ଶିଳ୍ପ ଇଓ-ଚାଳିତ, ଅତ୍ୟାଧୁନିକ ପ୍ରଯୁକ୍ତି ବିଦ୍ୟା ଆଡକୁ ଦୌଡୁଥିବାରୁ, ପରିପକ୍ୱ ଏବଂ ସ୍ୱତନ୍ତ୍ର ସେମିକଣ୍ଡକ୍ଟର ନୋଡଗୁଡ଼ିକରେ ଏକ ସମାନ ଗୁରୁତ୍ୱପୂର୍ଣ୍ଣ ସୁଯୋଗ ଉଭା ହେଉଛି, ଯେଉଁଠାରେ ମୋଟୋମୋଟିଭ୍, ଶିଳ୍ପ, ଶକ୍ତି ଇଲେକ୍ଟ୍ରୋନିକ୍ସ, ଯୋଗାଯୋଗ ଏବଂ ଗ୍ରାହକ ପ୍ରୟୋଗଗୁଡ଼ିକରେ ଚାହିଦା ଦୃଢ଼ ରହିଥାଏ। ଭାରତର ବର୍ତ୍ତମାନର ଉତ୍ପାଦନ ରୋଡମ୍ୟାପ୍ ଏବଂ ଡିଜାଇନ୍ ଫୋକସ୍ ଏହି ପରିବର୍ତ୍ତନକୁ ପ୍ରି କରିବା ପାଇଁ ଭଲ ସ୍ଥିତିରେ ଅଛି, ଯାହା ଦେଶକୁ ଭବିଷ୍ୟତରେ ପ୍ରଯୁକ୍ତିବିଦ୍ୟା ମୂଲ୍ୟ ଶୃଙ୍ଖଳକୁ କ୍ରମାଗତ ଭାବରେ ଉପରକୁ ଉଠାଇବା ସହିତ ଏକ ପ୍ରତିଯୋଗିତାମୂଳକ ଏବଂ ବିଶ୍ୱସ୍ତ ବିଶ୍ୱ ଉତ୍ପାଦନ ଆଧାରରେ ପରିଣତ କରିବାକୁ ସକ୍ଷମ କରିଥାଏ, ଶ୍ରୀ ଅଶୋକ ଚଣ୍ଡକ ମ'ବ୍ୟ ଦେଇଛନ୍ତି।

# ବର୍ଷାରେ ଭିଜିଭିଜି ଦର୍ଶନ ଦେଲେ କାଳିଆଠାକୁର



ଖପ୍ରାଖୋଲ : ବଲାଙ୍ଗୀର ଜିଲ୍ଲାର ବିଭିନ୍ନ ସ୍ଥାନରେ ଗୁରୁବାର ଦିନ ପବିତ୍ର ରଥଯାତ୍ରା ଆୟୋଜନ ହୋଇଛି। ବର୍ଷା ହୋଇଥିଲେ ମଧ୍ୟ ଗାଁଠୁ ସହର ପର୍ଯ୍ୟନ୍ତ ସବ୍ରର୍ତ ରଥଯାତ୍ରା ପାଇଁ ଲୋକେ ଉତ୍ସାହିତ ଥିଲେ। ଗୁଡ଼ଭେଳାରେ ଗାଁ ଗଉନ୍ତିଆ ଛେରାପହରା କରିବା ପରେ ରଥାରୁଢ଼ ହୋଇଥିଲେ ମହାବାହୁ। ପୂଜକ ଦାୟିତ୍ୱରେ ଫକୀର ଷଡ଼ଙ୍ଗୀ ଦାମୋଦର ଷଡ଼ଙ୍ଗୀ ରହିଥିବା ବେଳେ ସେବାୟତ ଭାବେ ଘନଶ୍ୟାମ ପ୍ରଧାନୀ ,ଶଢା ନନ ପ୍ରଧାନୀ, ଚମରା ଭୋଇ ଦାମୋଦର ଷଡ଼ଙ୍ଗୀ, ଲୋକନାଥ ମହାପାତ୍ର, ଚୂଳେଶ୍ୱର ବାଗ, ସନ୍ତୋଷ ଦାସ ରହିଥିଲେ। ସେହିପରି ତୁଷୁରାରେ ମଧ୍ୟ ରଥ ଯାତ୍ରା ଅନୁଷ୍ଠିତ ହୋଇଥିବା ବେଳେ ବର୍ଷା ସତ୍ତ୍ୱେ ପ୍ରବଳ ଜନ ସମାଗମ ହୋଇଥିଲା। ତେବେ ଜାମୁଟ, ଦେଉଳଗୁଡ଼ି, ଡୁଙ୍ଗୁରିପାଲି, ଡ଼ାହିମାଲ, ସମରା, ଖର୍ଡା, ଭୁଆ ପଡ଼ା, ଡୁଙ୍ଗିବାହାଲ ଠାରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଓଗାଁରେ ମଧ୍ୟ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଦେଓଗାଁ ଜଗନ୍ନାଥ ମନ୍ଦିର ପୂଜକ ପ୍ରଦ୍ୟୁନ ପାଣିଗ୍ରାହୀ ପୂଜା ଦାୟିତ୍ୱ ନିର୍ବାହ କରିଥିବା ବେଳେ ଗନ୍ତିଆ ସାଧୁ ଚରଣ ସାହୁ ଛେରା ପହରା କରିଥିବା ବେଳ ଶ୍ରୀକାନ୍ତ ସାହୁ ସେବା କାର୍ଯ୍ୟ ତୁଲାଇଥିଲେ। ସେହିପରି ସାଲେପାଲି, ଜରା ସିଂହା, ଅଡ଼ା, ଶିକୁଆ, ବଡ଼ବନ୍ଧ, ସିଲେଟ କାନି, ମୁର୍ସିଂହ, କୁତୁର୍ଲା, କୁରୁଆ ଝର, କନକ ପୁର ଦେଷଣ୍ଡ, ଦୁମେରଜୋର, ଲଣ୍ଡାପଥର, ଧଣ୍ଡାମାଳ, ସାରସମାଲ, ତାଲ ପାଲି, ଡୁମେରପିଟା, ଗମ୍ଭରିମାଲ, ଗୌଡ ଗୋଠ, ବଡ଼ବାହାଲ, ଉପରଝର, ମହଲାଇ, ବଗଡ଼ା, ନୂଆପାଲି, ରତନ ପୁର ଠାରେ ମଧ୍ୟ ଝିପି ଝିପି ବର୍ଷା ରେ ରଥ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ତେବେ ବର୍ଷା ହେଉଥିଲେ ବି ଭକ୍ତ ବିଭୋର ହୋଇ ରଥ ଟାଣୁଥିବା ଦେଖିବାକୁ ମିଳିଥିଲା। ଖପ୍ରାଖୋଲ ବ୍ଲକ ଧଣ୍ଡାମୁଣ୍ଡା ପଞ୍ଚାୟତ ଧଣ୍ଡାମୁଣ୍ଡା ଗାଁରେ ରଥଯାତ୍ରା ପାଳିତ ହୋଇଛି। ତିନି ଠାକୁରଙ୍କୁ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ପରେ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା ପରେ ରଥ ଟାଣି ମାଉସୀ ମନ୍ଦିର ପର୍ଯ୍ୟନ୍ତ ନିଆଯାଇଥିଲା ପୂଜକ ବଶିଷ୍ଠ ମିଶ୍ର, ବ୍ୟାସଦେବ ମିଶ୍ର ପୂଜା ଅର୍ଚ୍ଚନା କରିଥିଲେ ଗୋନ୍ତିଆ ଉତ୍ତମ ବରିହା ଛେରାପହଁରା କରିଥିଲେ କମିଟିର ଅମୂଲ୍ୟ ଭୋଇ, ପଞ୍ଚାନନ ସାହୁ, କ୍ଷୀରୋଦ ପଧାନ, ବୈଦ୍ୟନାଥ ମିଶ୍ର,ଓଁକାର ମିଶ୍ର, କମଳା ପତି ମିଶ୍ର, କିଷନ ମିଶ୍ର, ଶିବମ୍ ମିଶ୍ର, ସମେତ ଗ୍ରାମବାସୀ ସହଯୋଗ କରିଥିଲେ। ଖପ୍ରାଖୋଲ, ହରିଶଙ୍କର, କପସିପାଲି ଓ ମାଲପଡା ଗାଁରେ ମଧ୍ୟ ରଥଯାତ୍ରା ପାଳିତ ହୋଇଛି।

# ନିଶା ପାଇଁ ଅଶାନ୍ତ କେସିଙ୍ଗା ମଦ ଦୋକାନରେ ତାଲା ପକାଇଲେ ମହିଳା

କଳାହାଣ୍ଡି : କଳାହାଣ୍ଡି ଜିଲ୍ଲା କେସିଙ୍ଗା ନିଶାନ୍ତ ବାର ପାଇଁ ବର୍ତ୍ତମାନ କେସିଙ୍ଗା ଅଶାନ୍ତ ହୋଇପଡ଼ିଛି। ଦୀର୍ଘ ଏକମାସ ଧରି ଉପୁଜିଥିବା ସମସ୍ୟା ଆଜି ଯାଏଁ ସମାଧାନ ହୋଇନଥିବାରୁ ଦିନକୁଦିନଉତ୍ତେଜନା ବଢ଼ିବାରେ ଲାଗିଛି। ଆଗରୁ ଏନଓସି ଦେଇଥିବା ଏନଏସି ଅଞ୍ଚଳବାସୀଙ୍କ ଭାବାବେଗକୁ ଦେଖି ଏନଓସି ବାତିଲ କରିଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ନିଶାନ୍ତ ବାର ସ୍ଥାନାନ୍ତରଣ ବାତିଲ ଆଦେଶ ନ ଆସିବାରୁ ଅସନ୍ତୋଷ ବଢ଼ିବାରେ ଲାଗିଛି। ସ୍ଥାନୀୟ ଅବକାରୀ କାର୍ଯ୍ୟାଳୟ ରୁ ଆରମ୍ଭ କରି କେସିଙ୍ଗା ପୋଲିସ ଷ୍ଟେସନରେ ଅଭିଯୋଗ ପୁଣି ଜିଲ୍ଲା ଅବକାରୀ ଅଧୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ ସହ ଉପ ଜିଲ୍ଲାପାଳଙ୍କୁ ସମସ୍ୟା ଉପରେ ଅବଗତ କରାଯାଇ କିପରି ଓଡ଼ିଶା ଅବକାରୀ ନିୟମ -୨୦୧୭ର ଉଲ୍ଲଙ୍ଘନ ନିଶାନ୍ତ ବାର ମାଲିକ କରୁଛନ୍ତି ସେ ବିଷୟରେ ବିସ୍ତୃତ ଆଲୋଚନା ହୋଇଥିଲା। ନିୟମ ଅନୁସାରେ କୌଣସି ମଦ ଦୋକାନ କିମ୍ବା ବାର ଜନ ବସତି, ସ୍କୁଲ, କିମ୍ବା ମନ୍ଦିର ପାଖରେ ହୋଇ ପାରିବ ନାହିଁ ବୋଲି ଉଲ୍ଲେଖ ରହିଥିଲେ ମଧ୍ୟ ସବୁ ପ୍ରକାର ବିରୋଧକୁ ଖାତିର ନକରି ନିଶାନ୍ତ ବାର ମାଲିକ ଜନସାଧାରଙ୍କ ବିରୋଧ ସ୍ଥାନରେ ତିନୋଟି ଘର ଭଡ଼ା ସୂତ୍ରରେ ନେଇ କିଭଳି ନିଜର ବ୍ୟବସାୟୀକ ଭିତ୍ତିଭୂମି ପ୍ରସ୍ତୁତି ଆରମ୍ଭକରୁଛି ତାହା କେସିଙ୍ଗାବାସୀଙ୍କୁ ଚକିତ କରୁଛି। ଗତକାଲି ୱାର୍ଡର ପ୍ରାୟ ୩୦ ଜଣ ମହିଳାଙ୍କ ସମେତ ସିଟିଜନ ଫୋରମର ଅନେକ ସଦସ୍ୟ ଉକ୍ତ ବିଷୟରେ ଆଲୋଚନା ମାଧ୍ୟମରେ ବିବାଦ ସମାଧାନ ପାଇଁ ବାର ମାଲିକଙ୍କୁ ଡାକିଥିଲେ। ଏହି ବିବାଦୀୟ ସ୍ଥାନରେ ବାର ନଖୋଲି ଅନ୍ୟସ୍ଥାନରେ ବାର ଖୋଲିବା ପାଇଁ କହିଥିଲେ ମଧ୍ୟ ବାର ମାଲିକ ଅସହମତି ପ୍ରକାଶ କରିଥିଲେ। ଶେଷରେ ଉପସ୍ଥିତ ମହିଳାମାନେ ବାର ପାଇଁ ଭଡ଼ା ନେଇଥିବା ତିନୋଟି ଘରକୁ ତାଲା ଦେଇ କେସିଙ୍ଗା ଥାନାକୁ ଯାଇ ପୁଣିଥରେ ବାର ନାମରେ ଲିଖିତ ଅଭିଯୋଗ କରିଥିଲେ। ଏଥିସହିତ ତାଲାର ଚାବି ପୋଲିସ ଷ୍ଟେସନରେ ଜମା ଦେଇ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଏସଡିପିଓ ସନ୍ଦୀପ ମାଝୀଙ୍କୁ ଅନୁରୋଧ କରିଥିଲେ।

## ଭକ୍ତି, ଆଧ୍ୟାତ୍ମିକତା ଓ ଉତ୍ସାହର ସହ ରଥଯାତ୍ରା ପାଳିତ

ଖପ୍ରାଖୋଲ : ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ପବିତ୍ର ରଥଯାତ୍ରା କେବଳ ଓଡ଼ିଶାର ନୁହେଁ, ବରଂ ଭାରତ ତଥା ବିଶ୍ୱର କୋଟି କୋଟି ଭକ୍ତଙ୍କ ଆସ୍ଥା, ଭକ୍ତି ଓ ସଂସ୍କୃତିର ଅନନ୍ୟ ପର୍ବ। ଜଗନ୍ନାଥ ସଂସ୍କୃତିର ମହାନ ପରମ୍ପରାକୁ ବହନ କରୁଥିବା ଏହି ଐତିହାସିକ ଉତ୍ସବ ପ୍ରତିବର୍ଷ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିରେ ପାଳିତ ହୋଇଥାଏ। ଏହି ପବିତ୍ର ଅବସରରେ ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକର ବିଭିନ୍ନ ଗ୍ରାମରେ ମଧ୍ୟ ଶୁକ୍ରବାର ଭକ୍ତିଭାବର ସହ ରଥଯାତ୍ରା ପାଳିତ ହୋଇଯାଇଛି। ଖପ୍ରାଖୋଲ ସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିରରେ ପାରମ୍ପରିକ ନୀତିକାନ୍ତି ସମ୍ପନ୍ନ ହେବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ ଙ୍କୁ ସୁସଜ୍ଜିତ ରଥରେ ବିରାଜମାନ କରାଯାଇଥିଲା। ଜୟ ଜଗନ୍ନାଥ' ଧ୍ୱନି, ହରିବୋଲ, ଶଙ୍ଖଧ୍ୱନି ଓ ଘଣ୍ଟଘଣ୍ଟାର ନିନାଦରେ ସମଗ୍ର ପରିବେଶ ଆଧ୍ୟାତ୍ମିକ ଆବେଗରେ ମୁଖରିତ ହୋଇଉଠିଥିଲା। ଶ୍ରଦ୍ଧାଳୁ ଭକ୍ତମାନେ ଅପାର ଭକ୍ତିଭାବର ସହ ରଥର ଦଉଡ଼ି ଟାଣି ମହାପ୍ରଭୁଙ୍କୁ ମନ୍ଦିର ପରିସରରୁ ଥାନା ଛକ ପର୍ଯ୍ୟନ୍ତ ନେଇଥିଲେ। ରଥ ଟାଣିବା ପାଇଁ ଭକ୍ତମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଓ ଆଗ୍ରହ ପରିଲକ୍ଷିତ ହୋଇଥିଲା। ତେବେ ଲଘୁଚାପ ଜନିତ ଲଗାତାର ବର୍ଷା ଯୋଗୁଁ ଚଳିତ ବର୍ଷର ରଥଯାତ୍ରାର ଉତ୍ସବମୁଖର ପରିବେଶ କିଛିଟା ଫିକା ପଡ଼ିଥିଲା। ବର୍ଷା ସତ୍ତ୍ୱେ ମଧ୍ୟ ଭକ୍ତମାନଙ୍କ ଭକ୍ତିଭାବରେ କୌଣସି କମି ଦେଖାଯାଇନଥିଲା। ଛତା ଓ ବର୍ଷାତି ସାହାଯ୍ୟରେ ବହୁ ସଂଖ୍ୟକ ଶ୍ରଦ୍ଧାଳୁ ରଥଯାତ୍ରାରେ ସାମିଲ ହୋଇ ମହାପ୍ରଭୁଙ୍କ ଦର୍ଶନ କରି ଆଶୀର୍ବାଦ ଲାଭ କରିଥିଲେ। ରଥଯାତ୍ରା ସମୟରେ ଶାନ୍ତି, ଶୃଙ୍ଖଳା ଓ ସୁରକ୍ଷା ବଜାୟ ରଖିବା ପାଇଁ ଖପ୍ରାଖୋଲ ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ପୋଲିସ କର୍ମଚାରୀଙ୍କ ସହ ସ୍ଥାନୀୟ ସ୍ୱେଚ୍ଛାସେବୀମାନେ ମଧ୍ୟ ଭିଡ଼ ନିୟନ୍ତ୍ରଣ ଓ ଶୃଙ୍ଖଳା ରକ୍ଷାରେ ସକ୍ରିୟ ସହଯୋଗ କରିଥିଲେ। ସମଗ୍ର କାର୍ଯ୍ୟକ୍ରମ ଶାନ୍ତି, ସୌହାର୍ଦ୍ଦ୍ୟ ଓ ଭକ୍ତିମୟ ପରିବେଶ ମଧ୍ୟରେ ସମ୍ପନ୍ନ ହୋଇଥିଲା।

# ଛତିଆ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା

ମାହାଙ୍ଗା : ଘୋଷଯାତ୍ରାରେ ତିନି ଠାକୁର ଶ୍ରୀ ଜଗନ୍ନାଥ, ବଳଭଦ୍ର ଓ ମା ସୁଭଦ୍ରା ରଥାରୂଢ଼ ହୋଇ ମାଉସୀ ମା 'ମନ୍ଦିର ବଦଘୁମୁରୀ ଅଭିମୁଖେ ଯାଇଥିଲେ। ନିର୍ଦ୍ଧାରିତ ସମୟରେ ନିତିକାନ୍ତି କରାଯାଇ ଗୋଟି ପହଣ୍ଡି ପରେ ମୁଖ୍ୟ ସେବକ ଉପେନ୍ଦ୍ର ଓଝାଙ୍କ ଦ୍ୱାରା ଛେରା ପହଁରା କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଦର୍ପଣ ତହସିଲଦାର ମାନସ ରଞ୍ଜନ ତ୍ରିପାଠୀ ବୈରୀଥାନା ଆଇଆଇସି ରଞ୍ଜିତ କୁମାର ମହାନ୍ତି, ବଡ଼ଚଣା ଆଇଆଇସି ଜଗଦୀଶ କର , ଉପସଭାପତି ଭାଗ୍ୟଧର ମଲ୍ଲିକ,ସମ୍ପାଦକ ସରପଞ୍ଚ ରମେଶ ଚନ୍ଦ୍ର ପୃଷ୍ଟି, ସମାଜ ସେବୀ ହେମନ୍ତ କୁମାର ଷେଣ୍ଟ,ମୁଖ୍ୟ ମହାରଣା ନିରଞ୍ଜନ ମହାରଣା, ବସନ୍ତ କୁମାର ବେହେରା,ହେମନ୍ତ ପରିଡା, ବଟକୃଷ୍ଣ ସାହୁ, ପବିତ୍ର ମଲ୍ଲିକ, ନକୁଳ ଚରଣ ଓଝା, ଯୁବ ଛତିଆ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିରରେ ଘୋଷଯାତ୍ରା ନେତା ଟିମ୍ ବଡ଼ଚଣା ସଭାପତି ଅଦ୍ୱିତୀୟ ପ୍ରସାଦ ଶତପଥୀ,ସମାଜ ସେବୀ ଶିତାଂଶୁ ଶେଖର ସେନାପତି, ବିଶ୍ୱଜିତ୍ ବିଶ୍ୱାଳ,ସୁଜିତ୍ ସାମଲ,ପୃଥ୍ୱୀରାଜ ଜେନା, ଅମରେଶ ନନ୍ଦ, ଶରତ ପାଣିଗ୍ରାହୀ, ସୌରଭ ମିଶ୍ର,ହିତେଶ ଜେନା,ୱାର୍ଡ ସଭ୍ୟ ଶଙ୍କୁ ବେହେରା, ଙ୍କ ସମେତ ବହୁ ଜଗନ୍ନାଥ ପ୍ରେମୀ ଯୋଗ ଦେଇ ବିଭୁ କୃପା ଲାଭ କରିଥିଲେ ।ଚଣ୍ଡିଖୋଲ ସ୍ୱରାଜ ହାଇଟେକ୍ ମୋଟର ପ୍ରତିଷ୍ଠାନ ର ପ୍ରୋପ୍ରାଇଟର ଦୀପକ ଖଣ୍ଡେଲ ୱାଲ୍ ଙ୍କ ଦ୍ୱାରା ଭକ୍ତ ମାନଙ୍କୁ ଜଳଖିଆ ଉପମା ଓ ଘୁଗୁନି ପ୍ରଦାନ କରାଯାଇଥିଲା। ଗୋଷ ଯାତ୍ରାରେ ବଡ଼ଚଣା ଅଞ୍ଚଳଟି ଖୁବ୍ ଉତ୍ସବମୁଖର ହୋଇଥିଲା।

# ଜଗନ୍ନାଥଙ୍କ ଘୋଷଯାତ୍ରାରେ ପ୍ରବଳ ଜନସମାଗମ



ଜୁନାଗଡ : ଜୁନାଗଡ଼ ସହରର ବିଭିନ୍ନ ପଡା ରେ ଜଗନ୍ନାଥ ମନ୍ଦିର ସମେତ ଆଖପାଖ ଗ୍ରାମ ମାନଙ୍କରେ ପବିତ୍ର ଘୋଷଯାତ୍ରା ଅବସରରେ ଭକ୍ତିମୟ ପରିବେଶ ମଧ୍ୟରେ ପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ରଥଯାତ୍ରା ମହାସମାରୋହରେ ଅନୁଷ୍ଠିତ ହୋଇଛି। ହଜାର ହଜାର ଶ୍ରଦ୍ଧାଳୁ ରଥ ଟାଣିବା ସହ 'ଜୟ ଜଗନ୍ନାଥ'ହୁଳହୁଳି ଧ୍ୱନିରେ ସମଗ୍ର ଅଞ୍ଚଳ ପ୍ରକମ୍ପିତ ହୋଇଉଠିଥିଲା। ରଥଯାତ୍ରାରେ ପୁରୁଷ, ମହିଳା, ଯୁବବର୍ଗ ଓ ଶିଶୁମାନଙ୍କ ସମେତ ବହୁ ସଂଖ୍ୟକ ଭକ୍ତ ଯୋଗଦେଇ ପ୍ରଭୁଙ୍କ ଦର୍ଶନ କରିଥିଲେ। ବିଭିନ୍ନ ସ୍ଥାନରେ ଭଜନ, କୀର୍ତ୍ତନ, ସଂକୀର୍ତ୍ତନ ଆୟୋଜନ ହୋଇଥିଲା। ଶାନ୍ତିଶୃଙ୍ଖଳା ବଜାୟ ରଖିବା ପାଇଁ ଜୁନାଗଡ଼ ଥାନା ଅଧିକାରୀ ପୂର୍ବ ପ୍ରସ୍ତୁତି ଅନୁସାରେ ସମସ୍ତ କାର୍ଯ୍ୟ ତଦାରଖ କରିଛନ୍ତି ଥାନା ଅଧିକାରୀ ଙ୍କ ତରଫରୁ ପର୍ଯ୍ୟାପ୍ତ ପୋଲିସ ବ୍ୟବସ୍ଥା ସହ ଅନ୍ୟାନ୍ୟ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଯଥା ସମୟରେ ରଥ ଟଣା କାର୍ଯ୍ୟ ବି ଚାଲିଥିଲା ସହ ଶହ ଶହ ଭକ୍ତ ଅତି ଆଗ୍ରହ ସହକାରେ ପ୍ରଭୁଙ୍କ ରଥଟଣା ଗୀତରେ ବିଭୋର ହୋଇ ଅତି ଆନନ୍ଦରେ ପ୍ରଭୁ ଜଗନ୍ନାଥ ଙ୍କ ରଥକୁ ଟାଣି ନେଉଥିଲେ। ଚଳିତ ବର୍ଷରେ ପ୍ରବଳ ବର୍ଷା ଶ୍ୱେତେ ଘୋଷଯାତ୍ରାରେ ପ୍ରବଳ ଜନସମାଗମ ଦେଖିବାକୁ ମିଳିଥିବା ବେଳେ ସମଗ୍ର ଅଞ୍ଚଳ ଭକ୍ତି, ଉତ୍ସାହ ଓ ଆଧ୍ୟାତ୍ମିକ ପରିବେଶରେ ମୁଖରିତ ହୋଇଉଠିଥିଲା।

# ବସ୍-ବାଇକ ମୁହଁାମୁହିଁ : ଜଣେ ମୃତ

ରାୟଗଡା : ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ବେଲକଣା ନିକଟ ସଜା ଛକ ନିକଟରେ ଘଟିଛି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ଯାତ୍ରୀବାହୀ ବସ୍ ଓ ଏକ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ ଆରୋହୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ମୃତକଙ୍କ ପରିଚୟ ଇଲେଜୁ ପେଦୁରୁ( ୨୦) ହୋଇଥିବା ବେଳେ ସେ କୋଲନରା ବ୍ଲକ ଗାଡ଼ିଶେଷକାଳ ଗାଁର ବୋଲି ଜଣାପଡ଼ିଛି। ଦୁର୍ଘଟଣା ପରେ ଉତ୍ୟକ୍ତ ସ୍ଥାନୀୟ ଲୋକେ ରାୟଗଡ଼ା ଓ କଲ୍ୟାଣସିଂହପୁର ମୁଖ୍ୟ ରାସ୍ତା ଅବରୋଧ କରି ରାସ୍ତାରୋକ କରିଥିଲେ। ଖବର ପାଇ ଥାନା ଅଧିକାରୀ ଅଜିତ ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିବା ସହ ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ରାୟଗଡ଼ା–କଲ୍ୟାଣସିଂହପୁର ମୁଖ୍ୟ ସଡ଼କର ବେଲକଣା ଛକ ନିକଟର ସଜା ଗ୍ରାମକୁ ଯିବା ଛକ ବୁଲାଣିରେ ଏହି ଦୁର୍ଘଟଣା ଘଟିଛି। ଏକ ଯାତ୍ରୀବାହୀ ବସ ରାୟଗଡାରୁ କାଶୀପୁର ଯାଉଥିବା ଓ଼ଆର ୧୮ସି ୮୬୪୯ବେଳେ ବିପରୀତ ଦିଗରୁ ଓଡି ୧୮ଡ଼ି ୨୮୭୧ବାଇକ ସହ ଧକ୍କା ହୋଇଥିଲା। ଦୁର୍ଘଟଣା ପରେ ସ୍ଥାନୀୟ ଲୋକେ କ୍ଷତିପୂରଣ ଓ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ରାସ୍ତାରୋକ କରିଥିଲେ। ଫଳରେ ରାୟଗଡ଼ା–କଲ୍ୟାଣସିଂହପୁର ମୁଖ୍ୟ ସଡ଼କର ଉଭୟ ପାର୍ଶ୍ୱରେ ଶହ ଶହ ଗାଡ଼ି ଅଟକି ରହିଥିଲା ଏବଂ ଯାତାୟାତ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହୋଇଥିଲା। ଖବର ପାଇ କଲ୍ୟାଣସିଂହପୁର ଥାନା ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣି ସ୍ୱାଭାବିକ କରିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲେ । ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ପୁଲିସ ତଦନ୍ତ ଜାରି ରଖିଛି। ଏନେଇ ଥାନାରେ ଏକ ଅପମୃତ ମାମଲା ରଜୁ କରି ତଦନ୍ତ କରୁଥିବା ଜଣାପଡିଛି।



# ଚେନ୍ନାଇରେ ଶ୍ରୁତିଙ୍କ ନୂଆ ଠିକଣା

ଦକ୍ଷିଣ ଭାରତୀୟ ସିନେମାର ଚର୍ଚ୍ଚିତ ଅଭିନେତ୍ରୀ ତଥା ଗାୟିକା ଶ୍ରୁତି ହାସନଙ୍କ ଜୀବନରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ସେ ଏବେ ନିଜ ସହର ଚେନ୍ନାଇରେ ନୂଆ ଘରକୁ ସ୍ଥାନାନ୍ତରିତ ହୋଇଛନ୍ତି। ନୂଆ ବାସଭବନରେ ସେ ପାରମ୍ପରିକ ରୀତିନୀତିରେ ଗୃହପ୍ରବେଶ ପୂଜା କରିଛନ୍ତି। ଦକ୍ଷିଣ ଭାରତୀୟ ସିନେମାର ଚର୍ଚ୍ଚିତ ଅଭିନେତ୍ରୀ ତଥା ଗାୟିକା ଶ୍ରୁତି ହାସନଙ୍କ ଜୀବନରେ ଯୋଡ଼ି ହୋଇଛି ଏକ ନୂଆ ଅଧ୍ୟାୟ। ସେ ଏବେ ନିଜ ସହର ଚେନ୍ନାଇରେ ନୂଆ ଘରକୁ ସ୍ଥାନାନ୍ତରିତ ହୋଇଛନ୍ତି। ନୂଆ ବାସଭବନରେ ସେ ପାରମ୍ପରିକ ରୀତିନୀତିରେ ଗୃହପ୍ରବେଶ ପୂଜା କରିଛନ୍ତି। ତାଙ୍କ ଗୃହ ପ୍ରବେଶ ବେଳର ଫଟୋ ସୋସିଆଲ୍ ? ମିଡିଆକୁ ଆସିବା ପରେ ପ୍ରଶଂସକମାନେ ଶ୍ରୁତିଙ୍କୁ ଶୁଭେଚ୍ଛା ବାର୍ତ୍ତା ଦେଇଛନ୍ତି। ଗୃହ ପ୍ରବେଶରେ ଶ୍ରୁତି ତାଙ୍କର ହାତଗଣତି ବନ୍ଧୁ ଓ ସଂପର୍କୀୟଙ୍କୁ ନିମନ୍ତ୍ରଣ କରିଥିଲେ। ଏହି ଅବସରରେ ସେ ଏକ ସୁନ୍ଦର ନୀଳ ରଂଗର ପୋଷାକ ପିନ୍ଧିଥିବା ବେଳେ ବେକରେ ଫୁଲମାଳ ପକାଇଥିବାର ଦେଖିବାକୁ ମିଳିଛି। ଶ୍ରୁତିଙ୍କର ମୁମ୍ବାଇରେ ମଧ୍ୟ ଘର ରହିଛି। ଅତୀତରେ ଚଳଚ୍ଚିତ୍ର ନିର୍ମାତା ଫାରାହ ଖାନ ତାଙ୍କ ୟୁଟ୍ୟୁବ୍ ? ଚ୍ୟାନେଲ୍ ?ରେ ଶ୍ରୁତିଙ୍କ ଘର ଉପରେ ଏକ ଭିଡିଓ ପୋଷ୍ଟ୍ ? କରିଥିଲେ। ବ୍ୟକ୍ତିଗତ ଜୀବନର ଏହି ଖୁସିର ମୁହୂର୍ତ୍ତ ପରେ ଶ୍ରୁତି ଖୁବ୍ ଶୀଘ୍ର ପୁଣିଥରେ ନିଜର ବ୍ୟସ୍ତ କାର୍ଯ୍ୟଜୀବନକୁ ଫେରିବେ।

# କ୍ୟାଟ୍ରିନାଙ୍କ ପ୍ରସାଧନ ସାମ୍ରାଜ୍ୟ

ଅନେକଙ୍କୁ ଜଣା ନଥିବ ଯେ ବଲିଉଡ୍ ? ତାରକା କ୍ୟାଟ୍ରିନା କୈଫ୍ ? ଇତିମଧ୍ୟରେ ଜଣେ ସଫଳ ଉଦ୍ୟୋଗୀ ପାଲଟିଗଲେଣି। ବିଭିନ୍ନ ସେଲିବ୍ରିଟି ପ୍ରସାଧନ ବ୍ୟବସାୟରେ ନିଜର ଭାଗ୍ୟ ପରୀକ୍ଷା କରୁଥିବା ବେଳେ, ଖୁବ୍ କମ୍ ଜଣଙ୍କ ଉତ୍ପାଦ ଲୋକଙ୍କ ପସନ୍ଦଯୋଗ୍ୟ ହୋଇଥାଏ। ଅନେକଙ୍କୁ ଜଣା ନଥିବ ଯେ ବଲିଉଡ୍ ? ତାରକା କ୍ୟାଟ୍ରିନା କୈଫ୍ ? ଇତିମଧ୍ୟରେ ଜଣେ ସଫଳ ଉଦ୍ୟୋଗୀ ପାଲଟିଗଲେଣି। ବିଭିନ୍ନ ସେଲିବ୍ରିଟି ପ୍ରସାଧନ ବ୍ୟବସାୟରେ ନିଜର ଭାଗ୍ୟ ପରୀକ୍ଷା କରୁଥିବା ବେଳେ, ଖୁବ୍ କମ୍ ଜଣଙ୍କ ଉତ୍ପାଦ ଲୋକଙ୍କ ପସନ୍ଦଯୋଗ୍ୟ ହୋଇଥାଏ। କିଛି ସେଲିବ୍ରିଟି ଭଲ ପ୍ରସାଧନ ସାମଗ୍ରୀ ବିକ୍ରି କଲେ ବି ଚଡ଼ା ଦର ଯୋଗୁଁ ଭଲ ବିକ୍ରି ହୁଏ ନାହିଁ। କିନ୍ତୁ କ୍ୟାଟ୍ରିନା 'କେ ବିୟୁଟି' ବ୍ରାଣ୍ଡ୍ ? ସହିତ ପରୀକ୍ଷାନିରୀକ୍ଷା କରି ଏହାର ବିକ୍ରିକୁ ୨୦୨୬ ଆର୍ଥିକ ବର୍ଷରେ ୩୫୦ କୋଟି ଟଙ୍କାରେ ପହଞ୍ଚାଇ ସାରିଲେଣି। ୨୦୧୯ରେ ଏହି କମ୍ପାନି ଖୋଲିବା ପରେ ଏହାର ବ୍ୟବସାୟ ଲଗାତାର ବୃଦ୍ଧି ପାଇଆସୁଛି। ସେ ଏହାର ବ୍ୟବସାୟକୁ ଭାରତ ମଧ୍ୟରେ ସୀମିତ ନ ରଖି ୟୁନାଇଟେଡ୍ ? କିଙ୍ଗ୍ ?ଡମ୍ ସମେତ ମଧ୍ୟ-ପ୍ରାଚ୍ୟ ଯାଏ ଏହାର ବିସ୍ତାର କରିଛନ୍ତି। ଫଳସ୍ୱରୂପ ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏ ବର୍ଷ ତାଙ୍କ କମ୍ପାନିର ବିକ୍ରି ୪୬% ବୃଦ୍ଧି ପାଇଛି।

















## ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ଦେବତା ଶ୍ରୀଜଗନ୍ନାଥ

ପରମ ବୈଷ୍ଣବ ପ୍ରଭୁ ଶ୍ରୀଜଗନ୍ନାଥ । ସେ କିପରି ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ତାନ୍ତ୍ରିକ ଦେବତା ? ବାସ୍ତବରେ ଜଗନ୍ନାଥ ସଂସ୍କୃତି ଏକ ସମନ୍ୱୟାତ୍ମକ, ଏକକ ଧର୍ମ ଓ ଦର୍ଶନରେ ଏହା ଗଠିତ । ଭକ୍ତର ଭାବ, ସାଧକର ତପସ୍ୟା ଓ ଜ୍ଞାନୀର ଅନ୍ୱେଷାରେ ବ୍ରହ୍ମ ଉପଲବ୍ଧିର ବହୁ ପଥ, ବହୁ ମତ ଉନ୍ମୋଚିତ । ଯେପରି ମନୁଷ୍ୟ ସମାଜ, ପ୍ରକୃତି ଓ ପୃଥିବୀ ମାତାକୁ ପୂଜା କରିବାର ଆରମ୍ଭ କରିବା ସମୟରୁ ହିଁ ଶକ୍ତି ପୂଜାର ଉନ୍ମେଷ ହେବା ସହ ଯନ୍ତ୍ର, ମନ୍ତ୍ର, ତନ୍ତ୍ର ଅନୁଷ୍ଠାନର ଉନ୍ମେଷ ଘଟିଛି । ଅଚଳା ଭକ୍ତି ଓ ଅଖଣ୍ଡ ଭକ୍ତିର ଉଦ୍ଭାସିତ ହୁଏ ମନୁଷ୍ୟର ଅନ୍ତର୍ଲୋକ । ଭିନ୍ନ ଭିନ୍ନ ଭାବନା ଓ ଦୃଷ୍ଟିକୋଣକୁ ଭିତ୍ତି କରି ଜନ୍ମ ନେଇଛି, ବିଭିନ୍ନ ପ୍ରକାର ପୂଜା ପଦ୍ଧତି ଯେପରି - ଶୈବମାନଙ୍କ ସକାଶେ ପ୍ରଭୁ ଶ୍ରୀଜଗନ୍ନାଥ, ଶିବ ଓ ଶାକ୍ତମାନଙ୍କର ଶକ୍ତି । ବୌଦ୍ଧମାନଙ୍କର ବୁଦ୍ଧ, ଜୈନମାନଙ୍କର ଜୀନ । କଳିଯୁଗରେ ସେ ସମସ୍ତ ସମ୍ପ୍ରଦାୟ ସକଳ ମତ ପଥକୁ ଆତ୍ମସାର କରି ଏକାଧାର ବେଦ ବର୍ଣ୍ଣିତ, ପୁରୁଷୋତ୍ତମ ଶ୍ରୀଜଗନ୍ନାଥ ତଥା ତନ୍ତ୍ରାୟିତ ମା ଦକ୍ଷିଣ କାଳୀକା । ଆଗମ ପଦ୍ଧତି/ ନିଗମ ପଦ୍ଧତି ଓ କର୍ମକାଣ୍ଡ ସାଧନା ନିର୍ଦ୍ଦିଷ୍ଟ ବ୍ୟକ୍ତିମାନଙ୍କ ସକାଶେ ସହଜ ଓ ବୋଧଗମ୍ୟ ହୋଇପାରେ । କିନ୍ତୁ ତାନ୍ତ୍ରିକ ସାଧନା ପଦ୍ଧତି ସର୍ବସାଧାରଣଙ୍କ ନିମିତ୍ତ ସହଜ, ସରଳ ଅଟେ । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ସମସ୍ତେ ଏ ତନ୍ତ୍ର ଉପାସନା କରି ପାରିବେ । ଏହି ଉପାସନାରେ ମାର୍ଗ ରୂପେ ମନ୍ତ୍ର, ମୁଦ୍ରା, ମୂର୍ତ୍ତି, ଯନ୍ତ୍ର, ତନ୍ତ୍ର ଉପଚାର ଆଦି ପରିକଳ୍ପିତ ହୋଇଥାଏ ।

# କୋଇଲି ବୈକୁଣ୍ଠର ପୀଠେଶ୍ୱରୀ ଶ୍ମଶାନ ଚଣ୍ଡୀ

ନିରାକାର ବ୍ରହ୍ମ ସାକାର ବ୍ରହ୍ମ ରୂପେ ରଥ ଯାତ୍ରା ସମୟରେ ଅନୁଯାୟୀ ଉଡ୍ଡୀୟାନ ଯନ୍ତ୍ର ଉପରେ ନିର୍ମିତ ହୋଇଥାଏ । ସେ ଅଟନ୍ତି । ଜଗନ୍ନାଥ ଓ ସୁଦର୍ଶନ ଯେଉଁ ନାଲି ରଙ୍ଗର ରହିଥାଏ । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ତିନି ରଥକୁ । ତନ୍ତ୍ରର ପ୍ରଧାନ ଅଙ୍ଗ ନାଲି, ନୀଳ ଏବଂ କଳା ବସ୍ତ୍ର ଦେବାଦେବୀ ଭଦ୍ରକାଳୀ / ହରଚଣ୍ଡୀ / ବିମଳା / ଜୟଦୁର୍ଗା ଯାତ୍ରାରେ ଶାକ୍ତ ତନ୍ତ୍ର, ଶୈବ ତନ୍ତ୍ର ଓ ବୈଷ୍ଣବ ତନ୍ତ୍ରର ପ୍ରଧାନ ସାଧନା ସ୍ଥଳୀ ଶ୍ମଶାନ । ତନ୍ତ୍ର ସାଧନା ରୂପେ ଶ୍ମଶାନକୁ ଚୟନ କରାଯାଇଥାଏ । ଶ୍ମଶାନର ଗାୟତ୍ରୀ ମନ୍ତ୍ରରେ ଦେଖିବାକୁ ମିଳେ ' ଶ୍ମଶାନ ସକାଶେ ମା କାଳୀଙ୍କ ମନ୍ତ୍ର ଜପ କଲେ ଶ୍ରୀମନ୍ଦିରର ଉତ୍ତର ପାର୍ଶ୍ୱ ବାହାର ବୈକୁଣ୍ଠ ରହିଛି । ନବକଳେବରର ସାରଥୀ, ଅଶ୍ୱ ଓ ଓଳଟ ସମାଧି ଦିଆ



ରଥାରୂଢ଼ ହୋଇଥାନ୍ତି । ତିନୋଟି ରଥ ଯନ୍ତ୍ର ଶାସ୍ତ୍ର ବିଧି ରଥର ଅଧିଷ୍ଠାତ୍ରୀ ଦେବୀ ଚାମୁଣ୍ଡା, ନିର୍ମାଣର ଦେବୀ ମଧ ବସ୍ତ୍ର ପରିଧାନ କରିଥାନ୍ତି ତାହା ତନ୍ତ୍ରର ସମ୍ପୂର୍ଣ୍ଣ ପ୍ରଭାବ ନାଲି, ନୀଳ ଓ କଳା ବସ୍ତ୍ରରେ ଆଚ୍ଛାଦିତ କରାଯାଇଥାଏ ଉପରେ ଆଧାରିତ ହୋଇଥାଏ । ରଥମାନଙ୍କର ପାର୍ଶ୍ୱ / କାତ୍ୟାୟନୀ / ବାରାହୀ / ଚାମୁଣ୍ଡା ଅଟନ୍ତି । ଘୋଷ ମହାମିଳନ ଦୃଶ୍ୟମାନ ହୋଇଥାଏ । ତନ୍ତ୍ର ପୀଠର ନିମନ୍ତେ ସାଧକ ସକାଶେ ସର୍ବୋତ୍କୃଷ୍ଟ ପବିତ୍ର ଭୂମି ଆରାଧ୍ୟା ଦେବୀ ମହାକାଳୀ । ତେଣୁ କାଳୀଙ୍କ ବାସିନ୍ୟେ ଧୀମହି' । ଯନ୍ତ୍ର, ମନ୍ତ୍ର, ତନ୍ତ୍ରର ସିଦ୍ଧି କରାଯାଇଥାଏ । ଏହି ଦୃଷ୍ଟିକୋଣରୁ ଚିନ୍ତା ବେଢ଼ାରେ ଦେବ ଶ୍ମଶାନ ବା କୋଇଲି ସମୟରେ ବିଗ୍ରହମାନଙ୍କର ସହ ଶୁଆ ଆଦିକୁ ଗୋଲକ ଯାଇଥାଏ ।

## ମନ୍ତ୍ର ଦେବତାମାନଙ୍କର ଆତ୍ମା

ସତ୍ୟ ଯୁଗରେ ବୈଦିକ ଉପାସନା , ତ୍ରେତୟା ଯୁଗରେ ସ୍ମାର୍ତ୍ତ, ଦ୍ୱାପର ଯୁଗରେ ପୁରାଣ ସମ୍ମତ ଉପାସନା ଓ କଳିଯୁଗରେ ତାନ୍ତ୍ରିକ ଉପାସନାକୁ ଅଶେଷ ମୋକ୍ଷଦାୟକ ଭାବେ କୁଳାର୍ଣ୍ଣବ ତନ୍ତ୍ରରେ କୁହାଯାଇଛି । କାରଣ କଳିଯୁଗରେ ମନ କଳୁଷିତ ଓ ଅସ୍ଥିର, ସଠିକ୍ ବିଧି ବିଧାନର ଅଭାବ । ତେଣୁ ତନ୍ତ୍ର ମାର୍ଗରେ ସହଜରେ ବ୍ୟକ୍ତି ସିଦ୍ଧି ଲାଭ କରିଥାନ୍ତି । ବ୍ରହ୍ମାଙ୍କ ମୁଖ ନିଃସୃତ ବାଣୀକୁ ନିଗମ ଗ୍ରନ୍ଥ ଭାବେ ଗ୍ରହଣ କରାଯାଇଛି । ସେହିପରି ମହାଦେବଙ୍କ ମୁଖ ନିଃସୃତ ବାଣୀକୁ ଆଗମ ଗ୍ରନ୍ଥ ବା ତନ୍ତ୍ର ଶାସ୍ତ୍ର ଭାବେ ସ୍ୱୀକାର କରାଯାଇଛି । ମନକୁ, ହୃଦୟକୁ ଓ ଆତ୍ମାକୁ ଯେଉଁ ଶବ୍ଦ ସମୂହ ତ୍ରାଣ କରେ, ତାହା ମନ୍ତ୍ର । ମନକୁ ନିୟନ୍ତ୍ରଣ କରିବା ଅର୍ଥାତ୍ ଅନ୍ତରକୁ ଚିଦାନନ୍ଦରେ ଆବଦ୍ଧ କରିବା ପାଇଁ ଯନ୍ତ୍ର କୁହାଯାଏ । ମନ ପ୍ରାଣକୁ ଶକ୍ତି ଉପାସନାରେ ନିବଦ୍ଧ କରି ଅଭୀଷ୍ଟ ପୂରଣ ପାଇଁ ସାଧନା କରିବା ହେଉଛି ତନ୍ତ୍ର ପଦ୍ଧତି । ତନ୍ତ୍ର, ଯନ୍ତ୍ର, ମନ୍ତ୍ର ସମନ୍ୱିତ ସାର ଅଟେ। ତନ୍ତ୍ର ସହିତ ମନ୍ତ୍ର ସର୍ବଦା ଜଡ଼ିତ । ମନ୍ତ୍ର ,ଯନ୍ତ୍ର, ତନ୍ତ୍ର ଦେବତାଙ୍କର ଶକ୍ତି । ' ମନଜାତ ତ୍ରାୟତେ ' ଅର୍ଥାତ୍ ମନନ କଲେ ଯାହା ସାଧୁକୁ ରକ୍ଷା କରିଥାଏ, ତାହା ମନ୍ତ୍ର । ମନ୍ତ୍ର ଦେବତାମାନଙ୍କର ଆତ୍ମା, ମନ୍ତ୍ରାତ୍ମିକା । ' ମନ୍ତ୍ରାଧୀନସ୍ତୁ ଦେବତା ' ମନ୍ତ୍ରର ଅଧୀନ ହୋଇଥାନ୍ତି ଦେବତା । ମନ୍ତ୍ରରେ ଥିବା ପ୍ରତ୍ୟେକ ବର୍ଣ୍ଣ( ଅକ୍ଷର ) ମନ୍ତ୍ର ଶକ୍ତିରେ ପରିପୂର୍ଣ୍ଣ । ଯନ୍ତ୍ର ହେଉଛି ଦେବତାଙ୍କ ଶରୀର । ଏହାର ଅର୍ଥ ସାଧକକୁ ସଂଯମ କରିବାର ଶିକ୍ଷା ଦେଇଥାଏ ।

# ଶ୍ରୀଗୁଣ୍ଡିଚା ଯାତ୍ରା

ଶ୍ରୀଗୁଣ୍ଡିଚାର ଠିକ ପୂର୍ବ ଦିନ ଶ୍ରୀମନ୍ଦିର ସଦର କାର୍ଯ୍ୟାଳୟ ସମ୍ମୁଖସ୍ଥ ରଥଖଳାଠାରେ ଥିବା ତିନିରଥ ସୁସଜ୍ଜିତ ପୂର୍ବକ ଶ୍ରୀବିଗ୍ରହମାନଙ୍କ ଆଜ୍ଞାମାଳଆସି ଲାଗି ହେବା ପରେ ରଥଗୁଡ଼ିକ ଅପରାହ୍ନରେ ଟଣା ହୋଇ ସିଂହଦ୍ୱାରଠାରେ ରଖାଯାଇଥାଏ। ଉଲ୍ଲେଖଯୋଗ୍ୟ ଯେ, ରଥଖଳାର ପରମ୍ପରା ଅନୁଯାୟୀ ପ୍ରଥମେ ଜଗନ୍ନାଥ, ସୁଭଦ୍ରା ଓ ଶେଷରେ ବଳଭଦ୍ରଙ୍କ ରଥ ଟଣା ହୋଇଥାଏ। ନେତ୍ରୋତ୍ସବ ଦିନ ବିଳମ୍ବିତ ରାତ୍ରରେ ଅଣସର ପିଣ୍ଡିରେ ବିରାଜମାନ କରିଥିବା ଶ୍ରୀବିଗ୍ରହମାନଙ୍କ କେତେକ ଗୁପ୍ତ ନୀତି ଯଥା ବାହୁଟକଣ୍ଠ, ସେନାପଟା, ଶୁକ୍ଳ ସଜ ଲାଗି ଇତ୍ୟାଦି କାର୍ଯ୍ୟ ଶେଷ ହୋଇଥାଏ। ଶ୍ରୀଗୁଣ୍ଡିଚା ଦିନ ପ୍ରତ୍ୟୁଷରୁ ଠାକୁରମାନଙ୍କର ମଙ୍ଗଳ ଆଳତି, ମଇଲମ, ଅବକାଶ, ରୋଷ ହୋମ, ସୂର୍ଯ୍ୟ ପୂଜା, ଦ୍ୱାରପାଳ ପୂଜା, ବେଶ ଇତ୍ୟାଦି ନୀତି ଉକ୍ତ ଦିନର ପାଳିଆ ସେବକମାନଙ୍କଦ୍ୱାରା ସମାପିତ ହୋଇଥାଏ। ଏହାପରେ ଏକାଠି ଗୋପାଳବଲ୍ଲଭ ଓ ସକାଳ ଧୂପ ( ଖେଚେଡ଼ି ଭୋଗ) ପୂଜା ଅନୁଷ୍ଠିତ ହୋଇଥାଏ। ଅପରପକ୍ଷରେ ଶ୍ରୀମନ୍ଦିର ପୁରୋହିତ ଓ ଅନ୍ୟାନ୍ୟ ଶୋତ୍ରୀୟ ବ୍ରାହ୍ମଣମାନଙ୍କଦ୍ୱାରା ରଥ ପ୍ରତିଷ୍ଠା କାର୍ଯ୍ୟ ହୋଇଥାଏ। ତତ୍ପରେ ଠାକୁରମାନଙ୍କ ମନମୁଗ୍ଧକର ପହଣ୍ଡି ନୀତି ଅନୁଷ୍ଠିତ ହେବା ପୂର୍ବରୁ ବିଜେ କାହାଳି ବାଜି ମଙ୍ଗଳାପର୍ଣ ନୀତି ବଢ଼ିଥାଏ। ପହଣ୍ଡି ସମୟରେ ପ୍ରଥମେ ଶ୍ରୀସୁଦର୍ଶନ, ଶ୍ରୀବଳଭଦ୍ର, ଶ୍ରୀସୁଭଦ୍ରା ଓ ଶ୍ରୀଜଗନ୍ନାଥ ଧାଡି ପହଣ୍ଡିରେ ବିଜେ ହୋଇଥାନ୍ତି। ଜଗମୋହନଠାରେ ଘଣ୍ଟ, ପଖଉଜ ଇତ୍ୟାଦି ବାଦ୍ୟ ବାଜିଥାଏ। ବିଭିନ୍ନ ମଠର ମଠାଧୀଶ, ବ୍ୟକ୍ତିବିଶେଷମାନେ ଚାମର, ଆଲଟ ସେବା କରିବା ସହିତ କେତେକ ନିର୍ଦ୍ଦିଷ୍ଟ ସ୍ଥାନରେ ପନ୍ତି ଭୋଗ ହୋଇଥାଏ। ପହଣ୍ଡି ଦେଖିବା ନିମନ୍ତେ ମନ୍ଦିର ପ୍ରଶାସନ ପକ୍ଷରୁ ପହଣ୍ଡି ଦର୍ଶନ ଟିକେଟ ବିକ୍ରୟ କରାଯାଇ ଦର୍ଶନାର୍ଥୀମାନଙ୍କୁ ମନ୍ଦିର ପରିସରକୁ ଆସିବା ନିମନ୍ତେ ଅନୁମତି ପ୍ରଦାନ କରାଯାଇଥାଏ। ଠାକୁରମାନେ ଜଗମୋହନର ସାତ ପାହଚ ଉପରେ ପହଞ୍ଚିବା କ୍ଷଣି ରାଘବ ଦାସ ମଠ ପ୍ରଦତ୍ତ ଟାହିୟା' ଶ୍ରୀମସ୍ତକରେ ଲଗାଯାଇଥାଏ। ପହଣ୍ଡି ସମୟରେ ବେହେରା ଖୁଣ୍ଟିଆ ମଣିମା ଡ଼ାକ ଦେଇଥାନ୍ତି। ସମଗ୍ର ବଡ଼ ଦେଉଳ ଓ ସିଂହଦ୍ୱାର ଅଞ୍ଚଳ ହୁଳହୁଳି, ହରିବୋଲ, ଜୟ ଜଗନ୍ନାଥ ଓ ଦେବ ଧ୍ୱନି ଶବ୍ଦରେ ପ୍ରକମ୍ପିତ ହୋଇଥାଏ। ଶ୍ରୀବିଗ୍ରହମାନେ ରଥାରୂଢ଼ ହେବାପରେ ପୁଷ୍ପାଳକ ମହାଜନମାନେ ଶ୍ରୀମଦନମୋହନଙ୍କୁ ନନ୍ଦିଘୋଷ ରଥରେ ଏବଂ ରାମ, କୃଷ୍ଣ ବିଗ୍ରହଙ୍କୁ ତାଳଧ୍ୱଜ ରଥ ଉପରେ ଅଧିଷ୍ଠିତ କରାଇଥାନ୍ତି। ପରମ୍ପରା ଅନୁଯାୟୀ ଶ୍ରୀମନ୍ଦିରର ଘସା (ତେଲିଙ୍ଗି) ଓ କାହାଳି ବାଦ୍ୟ ସହ ବଣିଆ ସେବକମାନଙ୍କଠାରୁ ସୋଲ ଚିତା ତିନୋଟି ଅଣାଯାଇ ସିଂହଦ୍ୱାର ସଂଲଗ୍ନ ଛାଉଣୀ ମଠରେ ରଖାଯାଇଥାଏ। ରଥ ଉପରେ ରୁନ୍ଧା, ଫୁଲମାଳ, ବେଶ, ଶୋଲ ଚିତା ଲାଗି ଇତ୍ୟାଦି ନୀତି ବଢ଼ିବା ସଙ୍ଗେ ସଙ୍ଗେ ଗୋବର୍ଦ୍ଧନ ପୀଠର ଜଗଦଗୁରୁ ଶଙ୍କରାଚାର୍ଯ୍ୟ ତିନି ରଥ ଉପରେ ଶ୍ରୀବିଗ୍ରହମାନଙ୍କୁ ଦର୍ଶନ କରିଥାନ୍ତି। ଏହା ପରେ ପାରମ୍ପରିକ ନୀତିରେ ଗଜପତି ମହାରାଜାଙ୍କଦ୍ୱାରା ଛେରାପହଁରା ନୀତି ସମାହିତ ହୋଇଥାଏ।

# ଶୁଖିଲା ଭୋଗ

ଶ୍ରୀବିଗ୍ରହମାନେ ରଥ ଉପରେ ଅବସ୍ଥାନ କରୁଥିବା ସମୟରେ ଅନ୍ନ ଭୋଗ ନ ହୋଇ କେବଳ ଶୁଖିଲା ଭୋଗ ହୋଇଥାଏ। ଗୋପାଳବଲ୍ଲଭଠାରୁ ଆରମ୍ଭ କରି ସମସ୍ତ ଧୂପ, ମଧ୍ୟାହ୍ନ ଧୂପ, ସନ୍ଧ୍ୟା ଧୂପ ଓ ବଡ଼ ସିଂହାର ଧୂପରେ ମୁଖ୍ୟତଃ ବଲ୍ଲଭ ଖଇ, କୋରା, ଶର୍କରା ଜାତୀୟ ଦ୍ରବ୍ୟ ଭୋଗ ହୁଏ । ସ୍ୱତନ୍ତ୍ର ଆକାରର ରଥ କୋରା ଶ୍ରୀମନ୍ଦିରରେ ନିର୍ମିତ ହୋଇ ବଡ଼ଦାଣ୍ଡରେ ରଥ ଯେଉଁ ସ୍ଥାନରେ ରହି ନୀତି ଆରମ୍ଭ ହୋଇଥାଏ, ସେଠାରେ ଏହି ଭୋଗ କରାଯାଏ। ମହାସୁଆରମାନେ ଭୋଗ ଆଣି ରଥ ଉପରେ ପନ୍ତିରେ ବାଢ଼ନ୍ତି । ପୂଜାପଣ୍ଡାମାନେ ପଞ୍ଚୋପଚାରରେ ଏହି ଧୂପ ପୂଜାଗୁଡ଼ିକୁ ସମାପନ କରିଥାନ୍ତି । ଶ୍ରୀମନ୍ଦିର ସ୍ୱତ୍ୱଲିପିରେ ଉଲ୍ଲେଖ ଅଛି ଯେ, ରଥ ଉପରେ ପୂର୍ବରୁ ହେଉଥିବା ଭୋଗଗୁଡ଼ିକ ମଧ୍ୟରେ ବଡ଼ ସାନ ମନୋହର- ୧୬ ମୂର୍ତ୍ତି, ପଶୁପାଳନ କାକର - ୯ ମୂର୍ତ୍ତି, ତାଟ ବାବଦ ନାଡି- ୮ ମୂର୍ତ୍ତି, ଗଜା ବଡ଼ ସାନ - ୪ ମୂର୍ତ୍ତି, ଟାକୁଆ - ୨ ମୂର୍ତ୍ତି, ଫେଣି- ୧ ମୂର୍ତ୍ତି, କକରା - ୧୨ ମୂର୍ତ୍ତି,ଡାଳିମ୍ବ- ୩୦ ମୂର୍ତ୍ତି, ଟାକୁଆ ସାନ ସରା- ୪ ମୂର୍ତ୍ତି, ଗଜା- ୧୫ ମୂର୍ତ୍ତି, ସୁଆର ନଡୁ-

୧୪ ମୂର୍ତ୍ତି ଓ କାକରା - ବ୍ୟତୀତ ଶ୍ରୀଗୁଣ୍ଡିଚା ଦିନ ଅଧିକ ଭୋଗ ମଧ୍ୟରେ ଖଇ୨୧ ଓଳି, ବଡ଼ କାକରା- କାକର -୨୬ ମୂର୍ତ୍ତି, ମହା ୮ମୂର୍ତ୍ତି, ବଡ଼ ଅମାଲୁ- ୩୦ମୂର୍ତ୍ତି, ୬୧ ମୂର୍ତ୍ତି, , ଝଡେଇ ନେଦା - ୧ ୨୭ ମୂର୍ତ୍ତି, ଟାକୁଆ - ୨୨ ମୂର୍ତ୍ତି, ବଡ଼ସେରା - ୪ ମୂର୍ତ୍ତି, ରଥ ମୂର୍ତ୍ତି, ମରିଚ ନଡୁ-୧୦୪ ମୂର୍ତ୍ତି ଜଣାଯାଏ। ଅନେକ ବର୍ଷ ପୂର୍ବରୁ ସ୍ୱତ୍ୱଲିପି ପ୍ରଣୀତ ହେବା ଆଗରୁ ବର୍ଣ୍ଣିତ ଭୋଗ ଦ୍ରବ୍ୟ ରଥ ଉପରେ



୫ ମୂର୍ତ୍ତି ଅନ୍ତର୍ଭୁକ୍ତ । ଏତଦ୍ ରଥ ଉପରେ ଘଣ୍ଟ ଛତା କୋରା - ୭୪ ମୂର୍ତ୍ତି, ୪୮ ମୂର୍ତ୍ତି, ଉଠା ପ୍ରଶସ୍ତ ମନହର - ସାନ ଅମାଲୁ- ତାଡ଼, ମାଣ୍ଡୁଅ - ଟ । କ ୁ ଅ । ମନହର- ୨୬ ଉଲ୍ଲେଖ ଥିବା ଏ ପ ର ି କ ି ଉ ପ ରେ । କ୍ତ ଭୋଗ ହେଉନାହିଁ।

ସମ୍ପ୍ରତି ପରମ୍ପରା ଅନୁଯାୟୀ ବିଭିନ୍ନ ପ୍ରକାରର ଓ ଧାର୍ଯ୍ୟ ପରିମାଣର ରଥ କୋରା, ବଲ୍ଲଭ ଖଇ, ଗଜାମୁଗ, ପାତି ନଡିଆ, ବିଭିନ୍ନ ଫଳ, ଶଙ୍ଖାକୃତି ଶାକର ଇତ୍ୟାଦି ଭୋଗ ରଥରେ ଠାକୁରଙ୍କ ଉଦ୍ଦେଶ୍ୟରେ ନୈବେଦ୍ୟ ହେଉଛି।

# ସନ୍ତୁଷ୍ଟି ସ୍ୱୟଂକୁ ମୁକ୍ତ କରିଦେଇଥାଏ

ବିଶ୍ୱପ୍ରସିଦ୍ଧ ଶ୍ରୀଜଗନ୍ନାଥ ରଥଯାତ୍ରାର ଅନ୍ୟତମ ପ୍ରମୁଖ ପର୍ବ ହେଉଛି ଶ୍ରୀଗୁଣ୍ଡିଚା ଯାତ୍ରା। ଏହି ପବିତ୍ର ଅବସରରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ଶ୍ରୀବଳଭଦ୍ର ଓ ଭଉଣୀ ଦେବୀ ସୁଭଦ୍ରା ନିଜ ଭକ୍ତମାନଙ୍କୁ ଦର୍ଶନ ଦେବା ପାଇଁ ଶ୍ରୀମନ୍ଦିରରୁ ଶ୍ରୀଗୁଣ୍ଡିଚା ମନ୍ଦିରକୁ ବିଜେ କରନ୍ତି। ଏହି ଦିବ୍ୟ ଯାତ୍ରା କେବଳ ଏକ ଧାର୍ମିକ ଉତ୍ସବ ନୁହେଁ, ବରଂ ଶତାବ୍ଦୀ ପୁରୁଣା ପରମ୍ପରା, ସେବାପଦ୍ଧତି, ଆଧ୍ୟାତ୍ମିକ ଭାବନା ଓ ଓଡ଼ିଆ ସଂସ୍କୃତିର ଅନନ୍ୟ ପ୍ରତୀକ। ସନ୍ତୁଷ୍ଟି ଜୀବନର ସେହି ଆନ୍ତରିକ ଅବସ୍ଥା ଅଟେ,ଯେଉଁଠି ମନୁଷ୍ୟ ପ୍ରାପ୍ତ ଆଉ ଅପ୍ରାପ୍ତର ଦ୍ୱନ୍ଦ୍ୱର ଉପରକୁ ଉଠିକରି ଆତ୍ମିକ ଶାନ୍ତି ଅନୁଭବ କରିଥାଏ । ଏହା ଆତ୍ମାର ସେହି ତୃପ୍ତି ଅଟେ, ଯାହା ବ୍ୟକ୍ତିକୁ ପରିସ୍ଥିତି ପରେ ସ୍ଥିରତା ଆଉ ଆନନ୍ଦର ଅନୁଭବ କରାଇ ଥାଏ । ଯେତେବେଳେ ମନୁଷ୍ୟ ଜୀବନରେ ସନ୍ତୋଷର ଉଦୟ ହୋଇଥାଏ ଆଉ ସେହି ସନ୍ତୋଷ ତାକୁ କଠିନରୁ କଠିନ ପରିସ୍ଥିତିରେ ମଧ୍ୟ ଧୈର୍ଯ୍ୟ ଆଉ ସାହସ ପ୍ରଦାନ କରିଥାଏ । ଜୀବନ ଗୋଟିଏ ନିରନ୍ତର ପ୍ରବାହିତ ଯାତ୍ରା । ଏଥିରେ ବିଶ୍ରାମ ସମ୍ଭବ ଅଟେ କିନ୍ତୁ ସ୍ଥିରତା ନୁହେଁ । ଯେମିତି ଅଟକି ଥିବା ଜଳ ନିଜର ନିର୍ମଳତା ହରେଇ ଦିଏ,ସେମିତି ହିଁ ଉଦ୍ଦେଶ୍ୟହୀନ ଜୀବନ ମଧ୍ୟ ନିଜର ସଜୀବତା ହରେଇ ଦେଇଥାଏ । ସେଥିପାଇଁ ସନ୍ତୁଷ୍ଟିର ଅର୍ଥ ଜୀବନର ଗତିକୁ ଅଟକେଇ ଦେବା ନୁହେଁ,ଆଉ ବର୍ତ୍ତମାନକୁ ସ୍ୱୀକାର କରିକି ଭବିଷ୍ୟତ ଆଡକୁ ସକାରାତ୍ମକ ଭାବରେ ବଢି ଚାଲିବା ଶ୍ରେୟସ୍କର । ସନ୍ତୁଷ୍ଟ ଲୋକ କର୍ମରେ ବିମୁଖ ହୋଇ ନଥାଏ,ତଥା ଏହା ପରିଣାମର ଚିନ୍ତାରୁ ମୁକ୍ତ ହୋଇକରି ପୂରା ସମର୍ପଣର ସହିତ ନିଜର କର୍ତ୍ତବ୍ୟକୁ ନିର୍ବାହ କରିଥାଏ । ବାସ୍ତବିକ ସନ୍ତୁଷ୍ଟି ସେତେବେଳେ ଜନ୍ମ ନେଇଥାଏ ଯେତେ ବେଳେ ମନୁଷ୍ୟ ତୁଳନା,ଲାଳସା ଅଉ ଅନାବଶ୍ୟକ ଅପେକ୍ଷାରେ ସ୍ୱୟଂକୁ ମୁକ୍ତ କରିଦେଇ ଥାଏ । ଯେଉଁ ଉପଲବ୍ଧି ଅଛି,ତା'ର ପ୍ରତି କୃତଜ୍ଞ ହେବା ଆଉ ଯାହା ଏବେ ପ୍ରାପ୍ତ ହୋଇ ନାହିଁ,ତା'ର ପାଇଁ ପୁରୁଷାର୍ଥ କରିବା,ଏହା ସନ୍ତୁଳିତ ଜୀବନର ଆଧାର ଅଟେ । ଅନ୍ୟଙ୍କଠାରେ ନିଜର ତୁଳନା କରିବାବାଲା ବ୍ୟକ୍ତି କେବେ ସନ୍ତୁଷ୍ଟ ହୋଇ ନଥାଏ । କାହିଁକି ଇଛାର ଅନ୍ତ ନ ଥାଏ । ଏହାର ବିପରୀତ ଯିଏ ନିଜ ଭିତରେ 'ସ୍ୱ'କୁ ଚିହ୍ନି ଦେଇଥାଏ,ସେ ସୀମିତ ସାଧନରେ ମଧ୍ୟ ଅସୀମ ଆନନ୍ଦର ଅନୁଭବ କରିଥାଏ । ସନ୍ତୁଷ୍ଟିର ଅର୍ଥ ସ୍ୱପ୍ନକୁ ତ୍ୟାଗ ଆଉ ନିଷ୍କ୍ରିୟ ହେବା ନୁହେଁ,ଆଉ ଇଛା ଉପରେ ବିବେକପୂର୍ଣ୍ଣ ନିୟନ୍ତ୍ରଣ ରଖିକି ଜୀବନକୁ ସାର୍ଥକ ବନେଇବା । ଏହା ମନୁଷ୍ୟକୁ ପରୋପକାର,କରୁଣା ଆଉ କୃତଜ୍ଞତାର ଆଡକୁ ପ୍ରେରିତ କରିଥାଏ । ସନ୍ତୁଷ୍ଟ ବ୍ୟକ୍ତି ସ୍ୱୟଂ ମଧ୍ୟ ପ୍ରସନ୍ନ ରହିଥାଏ ଆଉ ନିଜର ବ୍ୟବହାରରେ ଅନ୍ୟମାନଙ୍କର ଜୀବନରେ ମଧ୍ୟ ଆଶାର ପ୍ରକାଶ ବିସ୍ତାର କରିଥାଏ । ଏହା ପ୍ରକୃତ ସୁଖ ଆଉ ପୂର୍ଣ୍ଣତାର ଆଧାର ଅଟେ ।

ଓଡ଼ିଶା ନିଶବ୍ଦ
ସାପ୍ତାହିକ ଖବର କାଗଜ
THE ODISHA NISHABDA

# ବନ୍ଧୁକ ମୁନରେ ଭୟଭୀତ କରାଇ ଅଭିଯୁକ୍ତ ଗିରଫ



ଜଟଣୀ(ନିପ୍ର): ରାସ୍ତାରେ ଗାଡ଼ି ଚଳାଇ ଯାଉଥିବା ଜଣେ ମୋଟର ସାଇକେଲ ଆରୋହୀଙ୍କୁ ବାଟରେ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରି ଗାଳିଗୁଲଜ କରିବା ଅଭିଯୋଗରେ ପୁଲିସ ରଥିପୁର ଅଞ୍ଚଳରେ ରହୁଥିବା ଏମଡି ଅମୀର ଖାନ ଓରଫ ସଂଜୁ (୩୧) ନାମକ ଜଣେ ଅପରାଧୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛନ୍ତି। ସୂଚନାଯୋଗ୍ୟ ଯେ ଅଭିଯୋଗକାରୀ ଗଜେନ୍ଦ୍ର ପଲେଇଙ୍କ ଘର ଡେଲାଙ୍ଗ ଅଞ୍ଚଳର ହୋଇଥିବା ବେଳେ ସେ ପିଲାଙ୍କ ପାଠପଢା ଲାଗି ଜଟଣୀର ହରିଭାଇନା ଛକ ନିକଟରେ ରହନ୍ତି । ଗତକାଲି ରାତି ପ୍ରାୟ ୧୧.୩୦ ସମୟରେ ଅଭିଯୁକ୍ତ ସଂଜୁ ଏବଂ ତାଙ୍କର ଜଣେ ସହଯୋଗୀ ଏକ ସ୍କୁଟି ଯୋଗେ ତାଙ୍କର ପିଛାକରି ଆସି ଲୋକୋ କଲୋନୀ ଅନ୍ତର୍ଗତ ବାବା ନଗର ଅଞ୍ଚଳରେ ତାଙ୍କୁ ଅଟକାଇବା ସହ ହଠାତ ବଡପାଟି କରି ଅପ ଶବ୍ଦରେ ଗାଳି ଦେଇଥିଲେ । ଗଜେନ୍ଦ୍ର ତାଙ୍କୁ ଗାଳି କରିବାର କାରଣ ପଚାରିବାରୁ, ଅଭିଯୁକ୍ତ ତାଙ୍କୁ ଏକ ବନ୍ଧୁକ ସାହାଯ୍ୟରେ ଆକ୍ରମଣ କରିଥିଲେ । ଯାହାଫଳରେ ଅଭିଯୋଗକାରୀ ଆହତ ହୋଇଥିଲେ । ଯେହେତୁ ଅଭିଯୋଗକାରୀ ସେ ଅଞ୍ଚଳରେ ନୂଆ ତେଣୁ ସେ କାହାକୁ ସଠିକ ଭାବେ ଚିହ୍ନି ନଥିଲେ । ପରେ ସେ ଏନେଇ ଜଟଣୀ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ କ୍ରମେ ପୁଲିସ ମାମଲାର ତଦନ୍ତ କରିବା ସହ ଅଭିଯୁକ୍ତ ଏମଡି ଅମିର ଖାଁ ଓରଫ ସଞ୍ଜୁଙ୍କୁ କେସ ନମ୍ବର ୩୯୬/୨୬ ଆଧାରରେ ଗିରଫ କରିଥିଲେ । ଛାନଭିନ ସମୟରେ ପୁଲିସ ଅଭିଯୁକ୍ତଙ୍କ ହେପାଜତରୁ ଘଟଣାରେ ବ୍ୟବହୃତ ଏକ ଦେଶୀ ବନ୍ଧୁକ ଓ ଏକ ସ୍କୁଟିକୁ ଜବତ କରିଥିଲେ । ପଚରାଉଚରା ବେଳେ ଅଭିଯୁକ୍ତ ନିଜର ଦୋଷ ସ୍ୱୀକାର କରିଥିଲେ । ଅଭିଯୁକ୍ତ ନାମରେ ପୂର୍ବରୁ ଜଟଣୀ ଥାନାରେ ମାମଲା ଥିବାବେଳେ ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଜାରିରହିଛି ।

### ରେଲୱେ ଭିତ୍ତିଭୂମି ଢାଞ୍ଚାରେ ସଂସ୍କାର ଘୋଷଣା

# ରେଳଭୂମି ପୋର୍ଟାଲରେ ହେବ ଦ୍ରୁତ ଜମି ଅଧିଗ୍ରହଣ

ନୂଆଦିଲ୍ଲୀ : ରେଳ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ମଙ୍ଗଳବାର ଭାରତୀୟ ରେଳବାଇର ଆଧୁନିକୀକରଣ ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ଢାଞ୍ଚାଗତ ସଂସ୍କାର ଘୋଷଣା କରି କହିଛନ୍ତି ଯେ ଜମି ଅଧିଗ୍ରହଣର ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ଡିଜିଟାଇଜେସନ୍ କରିବା ପାଇଁ ରେଳବାଇ 'ରେଳ ଭୂମି' ପୋର୍ଟାଲ୍ ଆରମ୍ଭ କରିବ। ଏହି ୱେବ-ଆଧାରିତ ପ୍ଲାଟଫର୍ମ ଜମି ଅଧିଗ୍ରହଣ ପ୍ରକ୍ରିୟାକୁ ଅଧିକ ସ୍ୱଚ୍ଛ, ଦ୍ରୁତ ଏବଂ ପ୍ରଭାବଶାଳୀ କରିବ ଏବଂ ପ୍ରକଳ୍ପଗୁଡ଼ିକର ତଦାରଖ କରିବା, କ୍ଷତିପୂରଣ ପ୍ରଦାନ କରିବା ଏବଂ ଅନଲାଇନ୍ ବୈଧାନିକ ପ୍ରକ୍ରିୟା ପରିଚାଳନା କରିବା ପାଇଁ ବିଭିନ୍ନ ରେଳ ବ୍ୟବସ୍ଥାକୁ ସମନ୍ୱିତ କରିବ। ରେଳ ଭବନରେ ଏକ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ବୈଷ୍ଣବ କହିଛନ୍ତି ଯେ ରେଳବାଇରେ ବ୍ୟାପକ ସଂସ୍କାର ଅଭିଯାନ ଚାଲିଛି ଏବଂ ୨୦୨୬ ମସିହାରେ ୫୨ଟି ସଂସ୍କାର କାର୍ଯ୍ୟକାରୀ କରାଯାଉଛି। ସେ କହିଥିଲେ ଯେ ନିର୍ମାଣ, ପରିବହନ, ଦକ୍ଷତା ବିକାଶ, ୱାଗନ ଡିଜାଇନ ଏବଂ କଣ୍ଟେନର ନୀତି ସମେତ ଅନେକ କ୍ଷେତ୍ରରେ ବଡ଼ ପରିବର୍ତ୍ତନ କରାଯାଇଛି। ରେଳ ମନ୍ତ୍ରୀ ସୂଚନା ଦେଇଛନ୍ତି ଯେ ଫ୍ଲାଇ ଆଶ୍ ବର୍ତ୍ତମାନ ଖୋଲା ୱାଗନ୍ ପରିବର୍ତ୍ତେ କଣ୍ଟେନରରେ ପରିବହନ କରାଯିବ। ଏହା ପରିବହନ, ସଂରକ୍ଷଣ ଏବଂ ଅବତରଣ ସମୟରେ ଧୂଳି ଦ୍ୱାରା ସୃଷ୍ଟି ହେଉଥିବା ପରିବେଶ ପ୍ରଦୂଷଣକୁ ରୋକିପାରିବ। ସେ ସୂଚନା ଦେଇଛନ୍ତି ଯେ ଦେଶରେ ବାର୍ଷିକ ପ୍ରାୟ ୩୪୦ ନିୟୁତ ମେଟ୍ରିକ୍ ଟନ୍ ଫ୍ଲାଏ ଆଶ୍ ଉତ୍ପାଦିତ ହୁଏ, ଯେଉଁଥିରୁ ୯୬ ନିୟୁତ ମେଟ୍ରିକ୍ ଟନ୍ ସିମେଣ୍ଟ ଶିଳ୍ପରେ ବ୍ୟବହୃତ ହୁଏ, ଯେତେବେଳେ କି କେବଳ ୧୩ ନିୟୁତ ମେଟ୍ରିକ୍ ଟନ୍ ଅର୍ଥାତ୍ ପ୍ରାୟ ୪ ପ୍ରତିଶତ ଫ୍ଲାଏ ଆଶ୍ ରେଳବାଇ ଦ୍ୱାରା ପରିବହନ କରାଯାଏ।



# ଅନିମେଶ କୁଜୁରଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ଭୁବନେଶ୍ୱର : ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ ଫାଷ୍ଟ ଲେଗ୍ସ' ମିଟ୍ ରେ ସଫଳତା ପାଇଁ ଓଡ଼ିଆ ସ୍ପ୍ରିଂଟର ଅନିମେଶ କୁଜୁରଙ୍କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଶୁଭକାମନା ଜଣାଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଜର୍ମାନୀରେ ଅନୁଷ୍ଠିତ 'ଫାଷ୍ଟ ଆର୍ମସ ଫାଷ୍ଟ ଲେଗ୍ସ' ମିଟ୍‌ର ୧୦୦ ମିଟର ଦୌଡ଼କୁ ମାତ୍ର ୧୦.୧୪ ସେକେଣ୍ଡରେ ଶେଷ କରି ଓଡ଼ିଶାର ପ୍ରତିଭାବାନ ସ୍ପ୍ରିଂଟର ଅନିମେଶ କୁଜୁର ବିଦେଶ ମାଟିରେ ଜଣେ ଭାରତୀୟ ସ୍ପ୍ରିଂଟର ଭାବେ ଦ୍ରୁତତମ ସମୟର ଏକ ଅସାଧାରଣ କୀର୍ତ୍ତିମାନ ସ୍ଥାପନ କରିବା ସହ ଆମ ରାଜ୍ୟ ଓ ସମଗ୍ର ଦେଶକୁ ଗୌରବାନ୍ୱିତ କରିଛନ୍ତି। ବିଶ୍ୱ ଆଥଲେଟିକ୍ସ ମଂଚରେ ତାଙ୍କର ଏହି ଅସାଧାରଣ ସଫଳତା ଆମର ଯୁବ କ୍ରୀଡ଼ାବିତ୍ ମାନଙ୍କୁ ଆଗକୁ ବଢ଼ିବା ପାଇଁ ନିଶ୍ଚିତ ଭାବେ ପ୍ରେରିତ କରିବ। ଅନିମେଶଙ୍କୁ ଅନେକ ଶୁଭକାମନା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ କ୍ରୀଡ଼ା ଭବିଷ୍ୟତ କାମନା କରୁଛି।

# ମୃତ ମହିଳାଙ୍କ ପରିବାର ପାଇଁ ମୁଖ୍ୟମନ୍ତ୍ରୀଙ୍କ ସହାୟତା ଘୋଷଣା

ଭୁବନେଶ୍ୱର, ୧୪/୭(ନିପ୍ର): ସୁନ୍ଦରଗଡ଼ ଜିଲ୍ଲା ବୀରମିତ୍ରପୁରର ମଞ୍ଜୁଲତା ରାଉତ (ସ୍ୱାମୀ – ସ୍ୱର୍ଗତ କୃଷ୍ଣଚନ୍ଦ୍ର ରାଉତ) ଙ୍କର ଦୁଃଖଦ ଦୁର୍ଘଟଣାରେ ପ୍ରାଣହାନି ସମ୍ପର୍କରେ ଜାଣି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗଭୀର ଶୋକ ପ୍ରକାଶ କରିବା ସହ ମୃତକଙ୍କ ପରିବାର ବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଏଥିସହ ମୃତକଙ୍କ ପରିବାରରନିକଟତମ ଆତ୍ମୀୟଙ୍କ ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ୪ ଲକ୍ଷ ଟଙ୍କାର ସହାୟତା ଘୋଷଣା କରିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଏହି ସୂଚନା ଦିଆଯାଇଛି।

# ଦୁର୍ଘଟଣାରେ ଯୁବକଙ୍କ ମୃତ୍ୟୁ, କର୍ତ୍ତବ୍ୟରେ ହେଳା ଲାଗି ଦୁଇ ଗିରଫ

ଭୁବନେଶ୍ୱର : ରାସ୍ତା ନିର୍ମାଣ କାମ କରିବା ସମୟରେ ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ନକରିବାରୁ ଜଣେ ଯୁବକ ଦୁର୍ଘଟଣାର ଶୀକାର ହୋଇ ମୃତ୍ୟୁବରଣ କରିଛନ୍ତି। ଏହି ଘଟଣାରେ ଭରତପୁର ପୁଲିସ ଦୁଇଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ମଲିକାର୍ଜ୍ଜୁନ ରାଓ ଓ ଜିତେନ୍ଦ୍ର ପ୍ରସାଦ ଜେନା। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଦୁଇ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏନେଇ ପ୍ରଦୀପ ପଟ୍ଟନାୟକ ଥାନାରେ ଅଭିଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ, ମୃତ ଦେବାଶିଷ ପଟ୍ଟନାୟକ କଟକର ବିଦ୍ୟାଧରପୁରସ୍ଥିତ ଜାତୀୟ ଧାନ ଗବେଷଣା ପ୍ରତିଷ୍ଠାନରେ ଗବେଷଣା ଫେଲୋ ଭାବେକାର୍ଯ୍ୟ କରୁଥିଲେ ଏବଂ କଟକରେ ରହୁଥିଲେ। ୧୧.୦୬.୨୦୨୩ ତାରିଖରେ ସେ ତାଙ୍କ ବନ୍ଧୁ ଅଂଶୁମାନ ମହାପାତ୍ରଙ୍କ ବିବାହ ପୂର୍ବ ଉତ୍ସବରେ ଯୋଗଦେବା ପାଇଁ ଭୁବନେଶ୍ୱରର ହଂସପାଳ ନିକଟସ୍ଥ ଫୁଡ୍ ପାର୍କ ରେଷ୍ଟୁରାଣ୍ଟକୁ ଆସିଥିଲେ। ରାତି ପ୍ରାୟ ୧୨ଟାରେ ମାଆଙ୍କ ସହ ଫୋନରେ କଥା ହେବା ପରେ ସେ ସେଠାରୁ ଏକାକୀ ବାହାରି ଯାଇଥିଲେ । ୧୨.୦୬.୨୦୨୩ ରାତି ପ୍ରାୟ ୧୨:୩୦ ସମୟରେ ସେ ତାଙ୍କ ମୋଟରସାଇକେଲ ଯୋଗେ ବରମୁଣ୍ଡା ଆଡ଼କୁ ଯାଉଥିବା ବେଳେ, ତପୋବନ ହାଇସ୍କୁଲ କଟ୍ ଓ ବରମୁଣ୍ଡା ବସ୍ ଷ୍ଟାଣ୍ଡ ମଧ୍ୟରେ ଥିବା ସର୍ଭିସ୍ ରୋଡ୍‌ରେ କଲଭର୍ଟ ନିର୍ମାଣ ପାଇଁ ଖୋଳାଯାଇଥିବା ପାଣିଭରା ଗାତରେ ପଡ଼ିଯାଇଥିଲେ। ଏହି ନିର୍ମାଣ କାମ ଏନଏଚଆଇ ପକ୍ଷରୁ କରାଯାଉଥିଲା । କିନ୍ତୁ ସେଠାରେ କୌଣସି ବ୍ୟାରିକେଡ୍, ସତର୍କ ସୂଚନା ବୋର୍ଡ, ରିଫ୍ଲେକ୍ଟର, ଲାଲ ବତୀ କିମ୍ବା ଅନ୍ୟ କୌଣସି ସୁରକ୍ଷା ବ୍ୟବସ୍ଥା ରଖାଯାଇନଥିଲା । ଏହି ଅବହେଳା ଯୋଗୁଁ ଦେବାଶିଷ ଗାତରେ ପଡ଼ି ଦୁର୍ଘଟଣାର ଶିକାର ହୋଇଥିଲେ। ସେହି ସମୟରେ ଅଭିଜିତ ଚୌଧୁରୀ ନାମକ ଜଣେ ବ୍ୟକ୍ତି ତାଙ୍କ ସ୍ତ୍ରୀଙ୍କ ସହ ସିନେମା ଦେଖି ଘରକୁ ଫେରୁଥିଲେ। ସେ ଜଣେ ମୋଟରସାଇକେଲ ଚାଳକଙ୍କ ହେଡଲାଇଟ୍ ହଠାତ୍ ଅଦୃଶ୍ୟ ହେବା ଦେଖି ଘଟଣାସ୍ଥଳକୁ ଯାଇ ପାଣିଭରା ଗାତରେ ଜଣେ ବ୍ୟକ୍ତି ଓ ମୋଟରସାଇକେଲ ବୁଡ଼ିଥିବା ଦେଖିଥିଲେ । ସେ ତୁରନ୍ତ ୧୧୨କୁ ଫୋନ୍ କରି ସୂଚନା ଦେଇଥିଲେ। ଖବରପାଇ ପିସିଆର୍-୧୫, ଅଗ୍ନିଶମ ବାହିନୀ ଏବଂ ୧୦୮ ଆମ୍ବୁଲାନ୍ସ ଘଟଣାସ୍ଥଳରେ ପହଞ୍ଚି ଦେବାଶିଷଙ୍କୁ ଉଦ୍ଧାର କରି କ୍ୟାପିଟାଲ ହସ୍ପିଟାଲକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଏନେଇ ଅଭିଯୋଗ ହେବା ପରେ, ପୁଲିସ ମାମଲାର ତଦନ୍ତ କରିଥିଲେ। ତଦନ୍ତ କାଳରେ ଏକ ବିଶ୍ୱସ୍ତ ସୂଚନା କ୍ରମେ ପୁଲିସ ବରମୁଣ୍ଡା ବସ ଷ୍ଟାଣ୍ଡ ଅଞ୍ଚଳରେ ଚଢଉ କରି ଦୁଇ ଅଭିଯୁକ୍ତଙ୍କୁ ଆଜି କାବୁ କରିବାରେ ସକ୍ଷମ ହୋଇଥିବା ବେଳେ, ଉଭୟ ନିଜର ଦୋଷ ସ୍ୱୀକାର କରିଥିଲେ।

# ରଥଯାତ୍ରା ପୂର୍ବରୁ ଶ୍ରୀଜୀଉଙ୍କ ଉଭାଯାତ୍ରା ଏବଂ ରଥକୁ ଆଜ୍ଞାମାଳ ବିଜେ



ରାଉରକେଲା : ଗୁରୁବାର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା। ଜୁନ୍ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମାରେ ଶ୍ରୀଜଗନ୍ନାଥ ମହାପ୍ରଭୁ ବଡଭାଇ ଶ୍ରୀବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରାଙ୍କ ସହ ଶ୍ରୀସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ସ୍ନାନ ବେଦୀରେ ମହାସ୍ନାନ କରି ଜ୍ୱରରେ ପୀଡିତ ହୋଇ ଅଣସର ଘରେ ଥିଲେ। ଗୁପ୍ତ ସେବାରେ ଆରୋଗ୍ୟଲାଭ କରିବା ପରେ ଗତକାଲି ନେତ୍ରୋତ୍ସବ ସହ ଚତୁର୍ଦ୍ଧାମୂର୍ତ୍ତିଙ୍କ ରତ୍ନ ସିଂହାସନରେ ନବଯୌବନ ଦର୍ଶନ ମିଳିଥିଲା। ଉଭାଯାତ୍ରା ଏବଂ ଆଜ୍ଞାମାଳ ବିଜେ ଅନୁଷ୍ଠିତ ହୋଇଛି। ଶ୍ରୀଜଗନ୍ନାଥ, ବଡଭାଇ ଶ୍ରୀବଳଭଦ୍ର ଏବଂ ଭଉଣୀ ଦେବୀ ସୁଭଦ୍ରାଙ୍କ ଠାରୁ ଆଜ୍ଞାମାଳ ରଥ ନିକଟକୁ ଆସିବା ପରେ ଗୁରୁବାର ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ଅନୁଷ୍ଠିତ ହେବ। ଏହି ଅବସରରେ ଉଦିତନଗର ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟ ପକ୍ଷରୁ ଶ୍ରୀଜଗନ୍ନାଥ ମନ୍ଦିର ପରିସରରେ ଶ୍ରୀଜୀଉଙ୍କ ନୀତିକାନ୍ତି ଅନୁଷ୍ଠିତ ହେଉଛି। ଗୁରୁବାର ଦିନ ଶ୍ରୀ ଗୁଣ୍ଡିଚା ରଥଯାତ୍ରା। ସକାଳେ ଦ୍ୱାର ଫିଟା ନୀତି ପରେ ମଙ୍ଗଳ ଆଳତି ଓ ଅନ୍ୟାନ୍ୟ ନୀତିକାନ୍ତି ଅନୁଷ୍ଠିତ ହେବା ପରେ ରଥ ଉପରକୁ ଶ୍ରୀଜୀଉଙ୍କ ପହଣ୍ଡି ବିଜେ ଅନୁଷ୍ଠିତ ହେବ। ରଥ ଉପରେ ଗଜପତିଙ୍କ ଛେରା ପହଁରା ପରେ ଅପରାହ୍ନ ୨ଟାରେ ରଥଯାତ୍ରାରେ ରଥଟଣା ଆରମ୍ଭ ହେବା ପାଇଁ ସମସ୍ତ ଆୟୋଜନ କରାଯାଇଛି। ସେହିପରି ରାଉରକେଲା ସହରର ପାନପୋଷ ଶ୍ରୀଜଗନ୍ନାଥ ମନ୍ଦିର, ତାରିଣୀ ମନ୍ଦିର ଶ୍ରୀ ଜଗନ୍ନାଥ ମନ୍ଦିର, ଶ୍ରୀ ହନୁମାନ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ହନୁମାନ ବାଟିକା ଶ୍ରୀଜଗନ୍ନାଥ ମନ୍ଦିର, ପ୍ଲାଣ୍ଟସାଇଟ୍ ଶ୍ରୀଜଗନ୍ନାଥ ମନ୍ଦିର ଛେଣ୍ଡ କଲୋନୀ ଦେବ ବିହାର ଶ୍ରୀଜଗନ୍ନାଥ ମନ୍ଦିର, ବାସନ୍ତୀ କଲୋନୀ ଶ୍ରୀଜଗନ୍ନାଥ ମନ୍ଦିର ସମେତ ସେକ୍ଟର-୩ ଅହିରାବନ୍ଧ ଶ୍ରୀଜଗନ୍ନାଥ ମନ୍ଦିରରେ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ଉଦିତନଗର ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସେବାୟତ ସୁଦାମା ପାଣ୍ଡେ ଏବଂ ମୁକେଶ ପାଣ୍ଡେଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦେବନୀତି ଅନୁଷ୍ଠିତ ହେଉଛି। ଉଦିତନଗର ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି ଶ୍ରୀ ପଞ୍ଚଦେବ କଲଚରାଲ୍ ଟ୍ରଷ୍ଟର ସଭାପତି ଦିଲ୍ଲୀପ କୁମାର କରଙ୍କ ସମେତ ବିଜୟ ପ୍ରଧାନ, ରାଜେନ୍ଦ୍ର ମଲ୍ଲ, ମିଟୁ ବେଉରିଆ, ଓମପ୍ରକାଶ ବାପୁଡିଆ, ରମେଶ ଅଗ୍ରୱାଲ, ଦୀପକ ମୋଦି, ଶ୍ୟାମପ୍ରସାଦ ଜୈସ୍ୱାଲ, ଅଶୋକ ମାହାତୋ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ବେଆଇନ ମଇଁଷି ଚାଲାଣ, ଦୁଇ ଗିରଫ

ଭୁବନେଶ୍ୱର : ବେଆଇନ ଭାବେ ମଇଁଷି ଚାଲାଣ କରୁଥିବା ବେଳେ ଇନଫୋଭ୍ୟାଲି ଥାନା ପୁଲିସ ଚଢାଉ କରି ଦୁଇ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଦ୍ୱୟ ହେଲେ ସୁଶାନ୍ତ ଷଣ୍ଢ ଓ ଅଭୟ ସାହୁ। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଉଭୟଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଆଜି ସକାଳ ପ୍ରାୟ ୪ଟା ସମୟରେ ବିଶ୍ୱସ୍ତ ସୂତ୍ରରୁ ସୂଚନା ପାଇ ଅଭିଯୋଗକାରୀ ଭାନୁ ପ୍ରତାପ ଜେନା ଓ ତାଙ୍କ ଗୋରକ୍ଷକ ଗୋଷ୍ଠୀର ସଦସ୍ୟମାନେ ଗଙ୍ଗାପଡ଼ା ନିକଟ ଏନଏଚ-୧୬ ରେ ଯାଉଥିବା ଏକ ଟ୍ରକକୁ ଅଟକାଇବାକୁ ଚେଷ୍ଟା କରିଥିଲେ । ସେମାନଙ୍କ ସନ୍ଦେହ ଥିଲା ଯେ ଟ୍ରକରେ ବେଆଇନ ଭାବେ ମଇଁଷି ପରିବହନ କରାଯାଉଛି । କିନ୍ତୁ ଟ୍ରକ ଚାଳକ ଗାଡ଼ି ନ ଅଟକାଇ ଦ୍ରୁତ ଗତିରେ ସେମାନଙ୍କ ଆଡ଼କୁ ଚଳାଇଥିଲେ, ଯାହାଫଳରେ ଅଭିଯୋଗକାରୀ ଓ ତାଙ୍କ ସହଯୋଗୀମାନଙ୍କ ଜୀବନ ବିପଦରେ ପଡ଼ିଥିଲା। ସେମାନେ ଅଳ୍ପକେ ରକ୍ଷା ପାଇ ଟ୍ରକକୁ ପିଛା କରି ଗଙ୍ଗାପଡ଼ାର ରାଜଭୋଗ ହୋଟେଲ ନିକଟରେ ଅଟକାଇବାରେ ସକ୍ଷମ ହୋଇଥିଲେ । ଟ୍ରକ ଅଟକିବା ପରେ ଡ୍ରାଇଭର ଓ ହେଲପର ଲୁହା ରଡ୍ ଧରି ଅଭିଯୋଗକାରୀ ଏବଂ ତାଙ୍କ ସହଯୋଗୀମାନଙ୍କୁ ଆକ୍ରମଣ ଲାଗି ଧମକ ଦେଇଥିଲେ। ପରେ ଟ୍ରକର ପଛ ଭାଗ ଖୋଲି ଦେଖିବାରୁ ୧୭ଟି ମଇଁଷିକୁ ଅତ୍ୟଧିକ ନିଷ୍ଠୁର ଭାବରେ ପରିବହନ କରାଯାଉଥିବା ଏବଂ ସେଥିରୁ ଗୋଟିଏ କଳା ମଇଁଷି ମୃତ ଅବସ୍ଥାରେ ପଡ଼ିଥିବା ଦେଖାଯାଇଥିଲା। ଏହା ପରେ ଅଭିଯୋଗକାରୀ ପିସିଆରକୁ ଖବର ଦେଇଥିଲେ ।

# ଗୋଷ୍ଠୀ ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ, ୫ ଗିରଫ

ଭୁବନେଶ୍ୱର(ନି.ପ୍ର): ଗୋଷ୍ଠୀ ବିବାଦକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରିବା ଅଭିଯୋଗରେ ଇନଫୋସିଟି ଥାନା ପୁଲିସ ୫ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପପୁନା ଜେନା ବିମ୍ବାଧର ଜେନା (୬୪), ଚନ୍ଦନ ମହାପାତ୍ର (୨୬), ବିପିନ ମହାପାତ୍ର (୫୮) ଓ ଅମୂଲ୍ୟ ମହାପାତ୍ର। ପୁଲିସ ଏନେଇ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଗତ ଗଣେଷ ପୂଜା ଭସାଣି ସମୟରୁ ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା । ଗତକାଲି ସନ୍ଧ୍ୟା ପ୍ରାୟ ୭.୩୦ ସମୟରେ ଅଭିଯୋଗକାରୀ ଜଗଦୀଶ ବେହେରା ନିଜ ସମ୍ପର୍କୀୟଙ୍କ ଘରକୁ ଯାଉଥିବା ବେଳେ ଗାଁ ଲକ୍ଷ୍ମୀପୂଜା ମଣ୍ଡପ ନିକଟରେ ଅଭିଯୁକ୍ତ ତାପସ ଜେନା ଏବଂ ପପୁନା ଜେନାଙ୍କ ଦ୍ୱାରା ଏକ ଧାରୁଆ ଅସ୍ତ୍ର ସାହାଯ୍ୟରେ ମରଣାନ୍ତକ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ତାଙ୍କ ପାଟି ଶୁଣି ନିକଟସ୍ଥ ଘରୁ ସମ୍ପର୍କୀୟ ଶ୍ରୀଧର ବେହେରା ଘଟଣା ସ୍ଥଳକୁ ଆସି ଅଭିଯୁକ୍ତ ପପୁନା ଜେନାକୁ କାବୁ କରିନେଇଥିଲେ। ଏହି ଘଟଣା ସମ୍ପର୍କରେ ସୂଚନାପାଇ ଅଭିଯୋଗକାରୀଙ୍କ ପରିବାର ସଦସ୍ୟ ତୁରନ୍ତ ଘଟଣା ସ୍ଥଳରେ ଯାଇ ପହଞ୍ଚିଥିଲେ। ଏହାର କିଛି ସମୟ ପରେ ଅନ୍ୟ ଅଭିଯୁକ୍ତମାନେ ଘଟଣା ସମ୍ପର୍କରେ ସୂଚନା ପାଇ ବିଭିନ୍ନ ମରଣାସ୍ତ୍ରରେ ସଜ୍ଜିତ ହୋଇ ଅଭିଯୋଗକାରୀଙ୍କ ସମ୍ପର୍କୀୟ ତଥା ସ୍ଥାନୀୟ ବାସିନ୍ଦାଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ଅଭିଯୁକ୍ତଙ୍କ ଆକ୍ରମଣରେ ଏକାଧିକ ବ୍ୟକ୍ତି ଗୁରୁତର ଆହତ ହୋଇ ଚିକିତ୍ସା ଲାଗି ହସ୍ପିଟାଲକୁ ସ୍ଥାନାନ୍ତର ହୋଇଥିଲେ । ସୂଚନା ପାଇ ପୁଲିସ ତୁରନ୍ତ ଘଟଣା ସ୍ଥଳରେ ଯାଇ ପହଞ୍ଚିଥିଲେ। ପୁଲିସକୁ ଦେଖି ଅଭିଯୁକ୍ତମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିବା ବେଳେ, ଅଭିଯୋଗକାରୀଙ୍କୁ ଜୀବନରୁ ମାରିବାର ଧମକ ଦେଇଥିଲେ। ତଦନ୍ତ ସମୟରେ ପୁଲିସ ବିଭିନ୍ନ ସ୍ଥାନରେ ଚଢାଉ କରି ପାଞ୍ଚଜଣ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ଘଟଣାରେ ବ୍ୟବହୃତ ମରଣାସ୍ତ୍ର ସବୁକୁ ଜବତ କରିଥିଲେ। ପଚରାଉଚରା ସମୟରେ ଅଭିଯୁକ୍ତମାନେ ଏହି ଅପରାଧରେ ନିଜର ସମ୍ପୃକ୍ତି ସ୍ୱୀକାର କରିଥିଲେ। ବର୍ତ୍ତମାନ ଏହି ମାମଲାର ଅଧିକ ତଦନ୍ତ ଚାଲିଛି ।

# ଭିଆଇଏସଏଲର ଦକ୍ଷତା ବିକାଶ ପଦକ୍ଷେପ ଦ୍ୱାରା ବିଭିନ୍ନ ରାଜ୍ୟରେ ୧ ଲକ୍ଷରୁ

ଭୁବନେଶ୍ୱର: ବିଶ୍ୱ ଯୁବ ଦକ୍ଷତା ଦିବସ ଅବସରରେ ବେଦାନ୍ତ ଆଇରନ୍ ଆଣ୍ଡ ଷ୍ଟିଲ୍ ଲିମିଟେଡ୍ (ଭିଆଇଏସଏଲ) ଏକ ଭବିଷ୍ୟତ ପ୍ରସ୍ତୁତ ଦକ୍ଷ କାର୍ଯ୍ୟବଳ ଗଠନ ପ୍ରତି ନିଜର ଦୃଢ଼ ପ୍ରତିବଦ୍ଧତାକୁ ପୁନଃବ୍ୟକ୍ତ କରିଛି। ଭାରତ ଓ ଆଫ୍ରିକାରେ କାର୍ଯ୍ୟରତ ଏହି ଅଗ୍ରଣୀ ଫେରସ୍ ସମ୍ବଳ କମ୍ପାନି ଦକ୍ଷତା ବିକାଶ, ବୈଷୟିକ ଶିକ୍ଷା, ଡିଜିଟାଲ୍ ସାକ୍ଷରତା, ଉଦ୍ୟୋଗିତା ଓ କ୍ରୀଡ଼ା ବିକାଶ ମାଧ୍ୟମରେ ଯୁବପିଢ଼ିଙ୍କୁ ସଶକ୍ତ କରିବା ସହ ଏହାର କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ନିରନ୍ତର ଜୀବିକା ସୁଯୋଗ ସୃଷ୍ଟି କରୁଛି। ଚଳିତ ବର୍ଷ ବିଶ୍ୱ ଯୁବ ଦକ୍ଷତା ଦିବସର ବିଷୟବସ୍ତୁ 'ଏକ ସାଝା ଭବିଷ୍ୟତ ପାଇଁ ଦକ୍ଷତା' ସହ ସାମସ୍ୟ ରଖି କମ୍ପାନିର ବିଭିନ୍ନ ପଦକ୍ଷେପ ମାଧ୍ୟମରେ ଦେଶର ବିଭିନ୍ନ ରାଜ୍ୟରେ ୧ ଲକ୍ଷରୁ ଅଧିକ ଲୋକଙ୍କ ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆସିଛି। ଭାରତ ବିଶ୍ୱସ୍ତରୀୟ ଉତ୍ପାଦନ ଓ ଶିଳ୍ପ କେନ୍ଦ୍ର ଭାବେ ଆଗକୁ ବଢୁଥିବା ବେଳେ ଏକ ଦକ୍ଷ ଓ ନିଯୁକ୍ତିଯୋଗ୍ୟ କାର୍ଯ୍ୟବଳର ଆବଶ୍ୟକତା ଅଧିକ ବଢ଼ିଛି। ଏହାକୁ ଦୃଷ୍ଟିରେ ରଖି ଭିଆଇଏସଏଲ ଯୁବପିଢ଼ିଙ୍କୁ ବୈଷୟିକ, ବୃତିଗତ, ଡିଜିଟାଲ୍ ଓ ଉଦ୍ୟୋଗୀ ଦକ୍ଷତାରେ ସଶକ୍ତ କରିବା ପାଇଁ ନିରନ୍ତର ବିନିଯୋଗ କରୁଛି ଯାହା ସେମାନଙ୍କୁ ଅର୍ଥନୈତିକ ଓ ସାମାଜିକ ପ୍ରଗତିର ସକ୍ରିୟ ଅଂଶୀଦାର କରିପାରୁଛି। ଗୋଆର ସେସା ଟେକ୍ନିକାଲ୍ ସ୍କୁଲ୍ (ଏସଟିଏସ) ଗତ ତିନି ଦଶନ୍ଧିରୁ ଅଧିକ ସମୟ ଧରି ବୈଷୟିକ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ପ୍ରାୟ ୧୦୦ ପ୍ରତିଶତ ପ୍ଲେସମେଂଟ ରେକର୍ଡ ସହ ଏହି ସଂସ୍ଥା ୨,୧୦୦ରୁ ଅଧିକ ଯୁବକଙ୍କୁ ପ୍ରଶିକ୍ଷିତ କରି ଶିଳ୍ପ ପାଇଁ ଦକ୍ଷ ମାନବ ସମ୍ବଳ ପ୍ରସ୍ତୁତ କରିଛି। ବିଶେଷକରି ଛାତ୍ରୀମାନଙ୍କ ଅଂଶଗ୍ରହଣ ବୃଦ୍ଧି ଉପରେ ସଂସ୍ଥା ଗୁରୁତ୍ୱ ଦେଉଛି। ସେହିପରି ଝାଡ଼ଖଣ୍ଡର ବୋକାରୋସ୍ଥିତ ବେଦାନ୍ତ ଇଏସଏଲ୍ ସ୍କିଲ୍ ସ୍କୁଲ୍ ୨୦୨୨ ମସିହାରୁ ସୋଲାର ପିଭି ସ୍ଥାପନା ଓ ହୋମ୍ ଆପ୍ଲାଏନ୍ସ ମରାମତି ଭଳି ଶିଳ୍ପ ଚାହିଦାଭିତ୍ତିକ ପ୍ରଶିକ୍ଷଣ ପ୍ରଦାନ କରୁଛି। ଏପର୍ଯ୍ୟନ୍ତ ୭୦୦ରୁ ଅଧିକ ଯୁବକ ପ୍ରଶିକ୍ଷଣ ପାଇଥିବା ବେଳେ ୪୦୦ରୁ ଅଧିକ ଯୁବକ ସଂଗଠିତ କ୍ଷେତ୍ରରେ ନିଯୁକ୍ତି ପାଇଛନ୍ତି। ଡିଜିଟାଲ୍ ସଶକ୍ତୀକରଣ କ୍ଷେତ୍ରରେ ମଧ୍ୟ ଭିଆଇଏସଏଲ ଉଲ୍ଲେଖନୀୟ କାର୍ଯ୍ୟ କରିଛି। ଗୋଆ, ମହାରାଷ୍ଟ୍ର ଓ କର୍ଣ୍ଣାଟକରେ ୨୫ଟି ବେଦାନ୍ତ କମ୍ପ୍ୟୁଟର ସେସାର ଓ କମ୍ପ୍ୟୁଟର ଲ୍ୟାବ୍ ସ୍ଥାପନ ସହ ପ୍ରୋଜେକ୍ଟ 'ଆସ୍ ବିଦ୍ୟାଳୟ' ଅଧୀନରେ ଶିକ୍ଷଣ କାଫେ ମାଧ୍ୟମରେ ଝାଡ଼ଖଣ୍ଡର ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଡିଜିଟାଲ୍ ସାକ୍ଷରତା ବୃଦ୍ଧି କରାଯାଇଛି। ଏହି ପଦକ୍ଷେପ ମାଧ୍ୟମରେ ୮୦ ହଜାରରୁ ଅଧିକ ଛାତ୍ରଛାତ୍ରୀ ଓ ଯୁବକ ଉପକୃତ ହୋଇଛନ୍ତି। ଏହି ଅବସରରେ ନିଜର ମତ ରଖି ଭିଆଇଏସଏଲର ସିଇଓ ଶ୍ରୀ ପଙ୍କଜ କୁମାର ଶର୍ମା କହିଛନ୍ତି ଯେ, 'ଆମ ଦେଶର ଯୁବବର୍ଗ ଭାରତର ବିକାଶ କାହାଣୀ ପଛର ପରିଚାଳିତ ଶକ୍ତି ଏବଂ ସେମାନଙ୍କ ଦକ୍ଷତାରେ ବିନିଯୋଗ ହେଉଛି ଦେଶର ଭବିଷ୍ୟତରେ ବିନିଯୋଗ। ଭିଆଇଏସଏଲରେ ଦକ୍ଷତା ବିକାଶ ପ୍ରତି ଆମର ଦୃଷ୍ଟିକୋଣ ଆକାଂକ୍ଷାକୁ ସକ୍ଷମ କରି, ସମ୍ଭାବନାକୁ ପ୍ରୋତ୍ସାହିତ କରି ଏବଂ ଦୀର୍ଘକାଳୀନ ସାମାଜିକ-ଅର୍ଥନୈତିକ ପ୍ରଗତିର ପଥ ସୃଷ୍ଟି କରି ନିଯୁକ୍ତି ସୀମା ବାହାରକୁ ଯାଉଛି। ଆମର କାର୍ଯ୍ୟକ୍ଷେତ୍ର ଗୁଡ଼ିକରେ ଆମେ ବୈଷୟିକ ଶିକ୍ଷା, ଡିଜିଟାଲ୍ ଶିକ୍ଷଣ, ଉଦ୍ୟୋଗିତା ଓ କ୍ରୀଡ଼ା ମାଧ୍ୟମରେ ଯୁବକ ଯୁବତୀମାନଙ୍କୁ ସଶକ୍ତ କରୁଛୁ ଯାହା ସେମାନଙ୍କୁ ଏକ ବିକଶିତ ଭାରତର ସଂକଳ୍ପରେ ଯୋଗଦାନ କରିବା ସହିତ ସାର୍ଥକ କ୍ୟାରିୟର ଗଠନ କରିବାରେ ସାହାଯ୍ୟ କରୁଛି। କ୍ରୀଡ଼ା ବିକାଶ କ୍ଷେତ୍ରରେ ମଧ୍ୟ କମ୍ପାନିର ଅବଦାନ ସମାନ ଭାବେ ଉଲ୍ଲେଖନୀୟ। ଗୋଆର ସେସା ଫୁଟବଲ୍ ଆକାଡେମୀ ୧୪ ଜଣ ଅନ୍ତର୍ଜାତୀୟ ଖେଳାଳିଙ୍କ ସମେତ ୨୩୦ରୁ ଅଧିକ ପ୍ରଶିକ୍ଷିତ ଫୁଟବଲ ଖେଳାଳି ସୃଷ୍ଟି କରିଥିବା ବେଳେ ତୃଣମୂଳ ସ୍ତରରେ ୮,୦୦୦ରୁ ଅଧିକ ବାଳକ ଓ ବାଳିକାଙ୍କୁ ଫୁଟବଲ୍ ପ୍ରଶିକ୍ଷଣ ପ୍ରଦାନ କରିଛି। ଆକାଡେମୀର ପୁରୁଷ ଓ ମହିଳା ଦଳ ଜାତୀୟ ସ୍ତରର ଆଇ-ଲିଗ୍ ୩, ଆଇଡବ୍ଲ୍ୟୁଏଲ-୨ ଓ ଆଇଡବ୍ଲ୍ୟୁଏଲ ପ୍ରତିଯୋଗିତାରେ ସଫଳତାର ସହ ଅଂଶଗ୍ରହଣ କରୁଛନ୍ତି। ଅନ୍ୟପକ୍ଷରେ ବୋକାରୋର ବେଦାନ୍ତ ଇଏସଏଲ ଆର୍ଚେରି ଏକାଡେମୀ ୫୦ରୁ ଅଧିକ ଯୁବ ତିରନ୍ଦାଜଙ୍କୁ ପ୍ରଶିକ୍ଷଣ ଦେଇ ସେମାନଙ୍କ ମଧ୍ୟରୁ ଅନେକଙ୍କୁ ଜିଲ୍ଲା, ରାଜ୍ୟ ଓ ଜାତୀୟ ସ୍ତରରେ ୨୦୦ରୁ ଅଧିକ ପଦକ ଜିତିବାରେ ସହାୟତା କରିଛି। ଏହା ସହ ଗ୍ରାମୀଣ କ୍ରୀଡ଼ା ପଦକ୍ଷେପ ମାଧ୍ୟମରେ ୪୦୦ରୁ ଅଧିକ ଯୁବକ ଉପକୃତ ହୋଇଛନ୍ତି। ମହିଳାଙ୍କ ଆର୍ଥିକ ସଶକ୍ତୀକରଣ ପାଇଁ ଗୋଆ, ମହାରାଷ୍ଟ୍ର, ଓଡ଼ିଶା, କର୍ଣ୍ଣାଟକ ଓ ଝାଡ଼ଖଣ୍ଡରେ ପ୍ରୋଜେକ୍ଟ ଜୀବିକା ମାଧ୍ୟମରେ ୨୮୦ରୁ ଅଧିକ ସ୍ୱୟଂ ସହାୟକ ଗୋଷ୍ଠୀକୁ ସୁଦୃଢ଼ କରାଯାଇଛି।




Excutive Editor: MANMOHAN RAM
Editor : MUKESH RAM
Publish & Owned by MUKESH RAM, Block B-6, Hi-Tech Plaza,Apartment, Sundarpada, Po-Kuha, Khordha, Odisha -751002
Printed at- CHANDAN PRINTERS, Plot No-3, Gopabandhu Chhaka, Unit-8, Bhubaneswar, Khordha, Odisha- 541003
ସହ-ସମ୍ପାଦକ: ମନମୋହନ ରାମ
ସମ୍ପାଦକ : ମୁକେଶ ରାମ